

'ରାମାୟଣ' ବିଭୀଷଣ ଭୂମିକାରେ ବିବେକ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in


# ସକାଳ
# THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-128 ◆TUESDAY ◆4 NOVEMBER 2025 ◆PAGE-12 ◆₹ 6.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୧୨୮ ◆ମଙ୍ଗଳବାର ◆୪ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


ଜୁକରବର୍ଗଙ୍କୁ ପଛରେ ପକାଇଲେ

## ୨୨ ବର୍ଷୀୟ ୩ ଯୁବକ ବିଶ୍ୱ ଅରବପତି

■ **ନୂଆଦିଲ୍ଲୀ, ୩।୧୧ (ଏଜେନ୍ସି):** ଭାରତୀୟ ବଂଶୋଭବ ଏବଂ ଆମେରିକାର ୨୨ ବର୍ଷୀୟ ତିନି ଯୁବକ ରେକର୍ଡ କରିଛନ୍ତି। ଏହି ତିନି ଜଣ ମେଟା ମାଲିକ ମାରକ ଜୁକରବର୍ଗଙ୍କୁ ପଛରେ ପକାଇ ଦେଇଛନ୍ତି। ମର୍କୋର କମ୍ପାନୀର ଏହି ତିନି ପ୍ରତିଷ୍ଠାତା ବିଶ୍ୱର ସବୁଠାରୁ ଯୁବ ଅରବପତି (ନିଜ ପ୍ରଚେଷ୍ଟା) ପାଲଟି ଯାଇଛନ୍ତି। ୨୦୦୮ରେ ୨୩ ବର୍ଷ ବୟସରେ ମାର୍କ ଜୁକରବର୍ଗ ଅରବପତି ତାଲିକାରେ ସାମିଲ ହୋଇଥିଲେ। କିନ୍ତୁ ଏବେ ଏଆଇ ନିଯୁକ୍ତି ଷ୍ଟାର୍ଟଅପ୍ 'ମର୍କୋର' ପ୍ରତିଷ୍ଠା କରିଥିବା ଉଚ୍ଚ ବିଦ୍ୟାଳୟର



ତିନି ବନ୍ଧୁ ବ୍ରେଣ୍ଡନ ଫୁଡି, ଆଦର୍ଶ ହେରମଥ ଏବଂ ସୂର୍ଯ୍ୟା ମିଧା ଏହି ତାଲିକାରେ ସାମିଲ ହୋଇଛନ୍ତି।

ଫୋର୍ବସର ରିପୋର୍ଟ ଅନୁଯାୟୀ, ସାନ୍ ଫ୍ରାନ୍ସିସ୍କୋ ସ୍ଥିତ ଏହି ଷ୍ଟାର୍ଟଅପ୍ ନିକଟରେ ୩୫ କୋଟି ଡଲାରର ପାଣ୍ଠି ସଂଗ୍ରହ କରିଥିଲା। ଏହା ଦ୍ୱାରା କମ୍ପାନୀର ମୂଲ୍ୟାଙ୍କନ ବଢ଼ି ୧୦ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ଏହି ପାଣ୍ଠି ହାସଲ ପରେ ଏଆଇ କମ୍ପାନୀର ସିଇଓ ବ୍ରେଣ୍ଡନ ଫୁଡି, ଏହାର ଭାରତୀୟ ବଂଶୋଭବ ସିଟିଓ ଆଦର୍ଶ ହେରମଥ ଏବଂ ବୋର୍ଡ ଅଧ୍ୟକ୍ଷ ସୂର୍ଯ୍ୟା ମିଧା ବିଶ୍ୱର ▶ପୃଷ୍ଠା-୭

ମଦ୍ୟପ ଡ୍ରାଇଭର୍‌ର ଉତ୍ପାତ

## ୨୦ଟି ଗାଡ଼ି ଉପରେ ଚଢ଼ାଇ ଦେଲା ଡମ୍ପର, ୧୯ ମୃତ

■ **ଜୟପୁର, ୩।୧୧(ଏଜେନ୍ସି):** ରାଜସ୍ଥାନରେ ଆଜି ଏକ ଅଭାବନୀୟ ଦୁର୍ଘଟଣା ଦେଖିବାକୁ ମିଳିଛି। ଡମ୍ପର ଟ୍ରକ ଚଳାଉଥିବା ଜଣେ ମଦ୍ୟପ ଡ୍ରାଇଭରର ତାଣ୍ଡବରେ ରକ୍ତରଞ୍ଜିତ ହୋଇଛି ଜୟପୁର ରାସ୍ତା। ଅତ୍ୟଧିକ ମଦପାନ କରି ସେ ଏମିତି ଟ୍ରକ ଚଳାଉଥିଲା ଯେ ତା ସାମନାରେ ଯିଏ ଆସିଲା, ତାକୁ ମଡ଼ାଇଚାଲିଲା। ଏମିତି ପାଞ୍ଚ କିଲୋମିଟର ଯାଏଁ ସେ ରଚିଥିଲା ଏମିତି ତାଣ୍ଡବ। ଯିଏ ଯେତେ ଅଟକାଇଲେ ବି ସେ ଶୁଣିନଥିଲା। ଶେଷରେ ବଡ଼ ଧରଣର ଦୁର୍ଘଟଣାର ସମ୍ମୁଖୀନ ହେବାପରେ ତାର ଗାଡ଼ି ଅଟକିଥିଲା। ତା



ଟ୍ରକ ତଳେ ୨୦ରୁ ଅଧିକ ଗାଡ଼ି ଚାପି ହୋଇ ଚୂରମାର ହୋଇଯାଇଥିବା ବେଳେ ୧୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ୩୦ରୁ ଅଧିକ ଆହତ ହୋଇଛନ୍ତି। ଆହତମାନଙ୍କୁ ବିଭିନ୍ନ ମେଡିକାଲରେ ଭର୍ତ୍ତି କରାଯାଇଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ ଯେ ଡ୍ରାଇଭର ଏତେ ମଦ ପିଇଥିଲା ଯେ ସେ ନିଜ ନିୟନ୍ତ୍ରଣରେ ନଥିଲା। ଗୋଟିଏ ପରେ ଗୋଟିଏ ଗାଡ଼ି ଉପରେ ଟ୍ରକ ଚଢ଼ିଯାଇଥିଲା। ଏଥିରେ ଅନେକ କାର ଏବଂ ଦୁଇ ଚକିଆ ଓ ତିନି ଚକିଆ ଯାନ ରହିଛି। ୫ କିଲୋମିଟର ▶ପୃଷ୍ଠା-୭

### ବିଜେପିକୁ ନବୀନଙ୍କ ଶାଣିତ ନିଶାଣ

# ମୋ ପ୍ରତି ବେଇମାନୀ ହୋଇଛି







## ଭୋଟ ଚୋରି କରି ସରକାର ଗଢ଼ିଥିଲେ, ଏବେ ପ୍ରାର୍ଥୀ ଚୋରି

- 'ଗେମ୍ ଚେଞ୍ଜର୍' ନୁହେଁ; ବିଜେପି ସରକାର ଖାଲି 'ନେମ୍ ଚେଞ୍ଜର୍'
- ବିଜେପି ସରକାର ମିଛ ପ୍ରଚାରରେ ହିରୋ, କାମରେ ଜିରୋ
- ନୂଆପଡ଼ାବାସୀ ଭୋଟରେ ଦେବେ ବିଶ୍ୱାସଘାତକତାର ଜବାବ
- ରାଜ୍ୟ ସାରା ବିକାଶ କାମ ବନ୍ଦ, ସୀମାଟପିଛି ନାରୀ ଅତ୍ୟାଚାର

■ **ନୂଆପଡ଼ା,୩।୧୧(ସମିସ):** କୋମନାର ଧାନମଣ୍ଡି ପଡ଼ିଆଠାରେ ଆୟୋଜିତ ବିଶାଳ ସମାବେଶରେ ସିଧା ନିଶାଣ ସହ ବିଜେପିକୁ ଶାଣିତ ସମାଲୋଚନା କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି କେବଳ ପ୍ରଚାରରେ ହିରୋ ଓ କାମରେ ଜିରୋ ବୋଲି ଉଲ୍ଲେଖ କରି ରାଜ୍ୟରେ ବିଜେପି ସରକାରକୁ 'ଗେମ୍ ଚେଞ୍ଜର' ନୁହେଁ, କେବଳ 'ନେମ୍ ଚେଞ୍ଜର' ବୋଲି କଟାକ୍ଷ କରିଛନ୍ତି। ବିଜେପି ସରକାର କେବଳ ରଙ୍ଗମରା ସରକାର ବୋଲି ଉଲ୍ଲେଖ କରି ୩୦୦ ୟୁନିଟ୍ ମାଗଣା ବିଜୁଳି, ବୁଢ଼ାବୁଢ଼ୀଙ୍କୁ ୩୫୦୦ ଟଙ୍କା ଭତ୍ତା, ସବୁ ପଞ୍ଚାୟତରେ ୧୦୦ ଯୁବକଙ୍କୁ ଚାକିରି, କଟନିଛଟନି ବନ୍ଦ କରିବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି। ସାଧାରଣ ଲୋକଙ୍କ ମନରେ ଏଥିପାଇଁ ଯେଉଁ କ୍ରୋଧ ଓ କ୍ଷୋଭ ସୃଷ୍ଟି ହୋଇଛି; ତାହା ନିର୍ବାଚନରେ ପ୍ରତିଫଳିତ ହେବ ଏବଂ ଆସନ୍ତା ୧୧ ତାରିଖରେ ମିଛ ପ୍ରତିଶ୍ରୁତି, ବିଶ୍ୱାସଘାତକତାର ଜବାବ ନୂଆପଡ଼ାବାସୀ ଭୋଟ ଦେବେ ଓ ବିଜେଡିର ଶଙ୍ଖ ଚିହ୍ନରେ ଭୋଟ ଦେଇ ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିଜୟୀ କରିବେ ବୋଲି ନବୀନ ଦୃଢ଼ୋକ୍ତି ବାଢ଼ିଛନ୍ତି।

ଆଜି ସ୍ୱତନ୍ତ୍ର ବିମାନ ଯୋଗେ ନବୀନ ଗୋଟମା ଏୟାରଷ୍ଟ୍ରିପରେ ପହଞ୍ଚିବା ପରେ ହେଲିକପ୍ଟର ଯୋଗେ ନୂଆପଡା କୋମନା ବ୍ଲକର ତାରାବୋଡ଼ ଅନ୍ତର୍ଗତ ଧାନମଣ୍ଡି ପଡିଆରେ ପହଞ୍ଚିଥିଲେ। ନିଜ ଉଦବୋଧନରେ ପ୍ରଥମେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୂଆପଡ଼ା ଜିଲ୍ଲା ଗଠନରେ ବିଜୁବାବୁଙ୍କ ଅବଦାନ ବିଷୟରେ ସ୍ମରଣ କରିଥିଲେ। ନବୀନ କହିଥିଲେ ଯେ ବିଜୁ ଜନତା ଦଳ ସରକାର ସମୟରେ ନୂଆପଡା ଜିଲ୍ଲାର ପ୍ରଭୁତ ଉନ୍ନତି ହୋଇଥିଲା। ଗମନାଗମନ ପାଇଁ ବିଜୁ ଏକ୍ସପ୍ରେସ ୱେ' ନିର୍ମାଣ କରାଯାଇଛି, ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଇଛି , ୧୦ହଜାର ହେକ୍ଟରରୁ ଅଧିକ କ୍ଷେତକୁ ଜଳସେଚନ କରାଯାଇଥିଲା। ଆମ ସରକାର ସମୟରେ ସୁନାବେଡା ଅଭୟାରଣ୍ୟର ଲୋକଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା; କିନ୍ତୁ ବିଜେପି ସରକାର ଆସିବା ପରେ ରାଜ୍ୟରେ ପରିସ୍ଥିତି ପୁରା ବଦଳି ଯାଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ନବୀନ କହିଥିଲେ ଯେ ଏବେ ସାରା ରାଜ୍ୟରେ ବିକାଶ କାମ ପୁରା ବନ୍ଦ ହୋଇଯାଇଛି। ଆଇନ ଶୃଙ୍ଖଳା ଭୁଷୁଡି ପଡ଼ିଛି, ନାରୀ ଅତ୍ୟାଚାର ସବୁ ସୀମା ଟପିଛି। ଭାଇଚାରାର ରାଜ୍ୟ ଓଡ଼ିଶା ସୁନାମ ଆଜି ନଷ୍ଟ ହୋଇଛି। ମିଶନ ଶକ୍ତି ମା ମାନେ ରାଜ୍ୟରେ ଏକ ନୀରବ ଆନ୍ଦୋଳନ ଆଣିଥିଲେ। କିନ୍ତୁ ଏ ସରକାର ମିଶନ ଶକ୍ତି ମା ମାନେ ଆଜି ଋଣ ପାଉନାହାନ୍ତି, ମିଶନ ଶକ୍ତି ସହଯୋଗୀ ମାମାନେ ୮ ମାସ ହେଲା ଦରମା ପାଉ ନାହାନ୍ତି। ଏ ସରକାର କେବଳ ମିଛ ପ୍ରଚାରରେ ମାତିଛି। ରାଜ୍ୟ ସରକାର କେବଳ ରଙ୍ଗ ମରା ସରକାରରେ ପରିଣତ ହୋଇଛି ବୋଲି ଉଲ୍ଲେଖ କରି ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ଗୋଟିଗୋଟି ପ୍ରତିଶ୍ରୁତି ଓ ଏହାର ଫଳଶ୍ରୁତି ସମ୍ପର୍କରେ ଲୋକଙ୍କୁ ପ୍ରଶ୍ନ କରିଥିଲେ। ମାଗଣା ବିଜୁଳି, ୩୫୦୦ ଟଙ୍କା ଭତ୍ତା , ଚାଷୀଙ୍କୁ ୟୁରିଆ ସାର ଯୋଗାଣ, କଟନୀ ଛଟନୀ ବନ୍ଦ ହେବା, ବିଏସକେୱାଇ ଭଲ କି ଆୟୁଷ୍ମାନ କାର୍ଡ ଭଲ ପଚାରିବା ସହ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ▶ପୃଷ୍ଠା-୭

### ଅନିଲ ଅମ୍ବାନୀଙ୍କ ସଙ୍କଟ ବଢ଼ିଲା

## ୩୦୮୪ କୋଟିର ସମ୍ପତ୍ତି ଜବତ କଲା ଇଡି

■ **ମୁମ୍ବଇ, ୩।୧୧ (ଏଜେନ୍ସି):** ବ୍ୟବସାୟ ଅନିଲ ଅମ୍ବାନୀଙ୍କ ସଙ୍କଟ ବଢ଼ିବାରେ ଲାଗିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅନିଲଙ୍କ ରିଲାଏନ୍ସ ଗ୍ରୁପ ସମ୍ବନ୍ଧିତ ୪୦ରୁ ଅଧିକ ସମ୍ପତ୍ତି ଜବତ କରିଛି। ଏହି ସମ୍ପତ୍ତିର ମୂଲ୍ୟ ପ୍ରାୟ ୩ ୦୮୪ କୋଟି ଟଙ୍କା ହେବ। ଜବତ ସମ୍ପତ୍ତି ମଧ୍ୟରେ ମୁମ୍ବଇର ପାଲି ହିଲ୍ସ ସ୍ଥିତ ବିଳାସପୂର୍ଣ୍ଣ ଘର ସାମିଲ ରହିଛି। ଏଠାରେ ଅନେକ ସୁବିଧାସୁଯୋଗ ସହିତ ହେଲିପ୍ୟାଡ ରହିଛି। ଏହା ବ୍ୟତୀତ ଦିଲ୍ଲୀ, ନୋଏଡା, ଗାଜିଆବାଦ, ମୁମ୍ବଇ, ପୁନେ, ଥାନେ, ହାଇଦାରାବଦ, ଚେନ୍ନଇ, କାଞ୍ଚିପୁରମ ଏବଂ ଇଷ୍ଟ ଗୋଦାବରୀ ଭଳି ସହରରେ ଥିବା ସମ୍ପତ୍ତିକୁ ମଧ୍ୟ ଜବତ କରାଯାଇଛି।



ଏଥିରେ ରେସିଡେନସିଆଲ ୟୁନିଟ୍ସ, ଅଫିସ ସ୍ପେସ ଏବଂ ଲ୍ୟାଣ୍ଡ ପାର୍ସଲ ରହିଛି। ମନି ଲଣ୍ଡରିଂ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହା ୟେସ ବ୍ୟାଙ୍କ ସମ୍ବନ୍ଧିତ ଋଣର ଡାଇଭର୍ସନ ସମ୍ବନ୍ଧିତ। ଲୋକଙ୍କ ଟଙ୍କା ଆଦାୟ କରିବା ପାଇଁ ଅନିଲଙ୍କ ସମ୍ପତ୍ତିକୁ ଜବତ କରାଯାଇଛି ବୋଲି ଇଡି ପକ୍ଷରୁ କୁହାଯାଇଛି।

ଗତ ଅକ୍ଟୋବର ୩୧ ତାରିଖରେ ମନି ଲଣ୍ଡରିଂ ନିରୋଧ୍ ଆଇନର ଧାରା ୫(୧) ଅନୁଯାୟୀ ସମ୍ପତ୍ତି ଜବତ କରିବାକୁ ଇଡି ନୋଟିସ ଜାରି କରାଯାଇଥିଲା। ଏହି ମାମଲାର ତଦନ୍ତରୁ ଇଡି ଜାଣିବାକୁ ପାଇଥିଲା ▶ପୃଷ୍ଠା-୭

## ପୁଣି ଜେଲ୍‌ରେ କଏଦୀର ଆତ୍ମହତ୍ୟା

■ **ଚୌଦ୍ୱାର, ୩।୧୧ (ସମିସ):** ଚୌଦ୍ୱାର ସର୍କଲ ଜେଲରେ ଗତ କିଛିଦିନ ଧରି ଗୋଟିଏ ପରେ ଗୋଟିଏ ଅଘଟଣ ଘଟି ଚାଲିଥିବା ଚର୍ଚ୍ଚାକୁ ଆସିଛି। କେତେବେଳେ କୁଖ୍ୟାତ ଅପରାଧୀ ପାଚେରୀ ଡେଇଁ ଫେରାର ହୋଇଯାଉଛନ୍ତି ତ ଆଉ କେତେବେଳେ କଏଦୀଙ୍କ ମଧ୍ୟରେ ମାଡ଼ପିଟ ଘଟି କଏଦୀ ଗୁରୁତର ଆହତ ହେବା ଭଳି ଘଟଣାମାନ ଘଟୁଛି। ସୋମବାର ଦିନ ଜେଲ ଭିତରେ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଲଗାତାର ଭାବେ ଏସବୁ ଅଘଟଣ ଘଟିବା ଜେଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆତ୍ମହତ୍ୟା ଘଟଣାରେ ମୃତକ ଜଣକ ହେଲେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ବଡମାଳି ଗ୍ରାମର ପବିତ୍ର ସାହୁ (୪୪)। ପବିତ୍ର ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗତ ଏକ ମାସ ତଳେ ଅନ୍ୟ ଜେଲରୁ ସ୍ଥାନାନ୍ତର ହୋଇ ଚୌଦ୍ୱାର ଜେଲକୁ ଆସିଥିଲେ। ସୋମବାର ସକାଳେ ଜେଲ ଭିତରେ ଥିବା ପାଇଖାନା ଘରେ ସେ ବେକରେ ଏକ ଗାମୁଛା ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇପଡିଥିଲେ। ଜେଲ କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପବିତ୍ର କାହିଁକି ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ଖବର ପାଇ ଚୌଦ୍ୱାର ପୁଲିସ ଜେଲରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରୁଛି।

ସୂଚନାଯୋଗ୍ୟ ଯେ, ଗତ ଦଶହରା ସମୟରେ ବିହାର ରାଜ୍ୟର ୨ ଜଣ କୁଖ୍ୟାତ ଅପରାଧୀ ଜେଲର ▶ପୃଷ୍ଠା-୭

### ମାମୁ ଘରେ ଖେଳ ହେଲା କାଳ

## ପାଇଖାନା ଟାଙ୍କିରେ ପଡ଼ି ଚାଲିଗଲା ୩ ଶିଶୁଙ୍କ ଜୀବନ



**ମୃତକଙ୍କ ମଧ୍ୟରେ ୨ ନାବାଳକ ଓ ଜଣେ ନାବାଳିକା**

■ **ବଡ଼ମ୍ବା, ୩।୧୧ (ସମିସ):** କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ରଗଡ଼ିପଡ଼ା ଗାଁରେ ଏକ ହୃଦୟବିଦାରକ ଘଟଣା ଘଟିଛି। ସୋମବାର ଅପରାହ୍ଣରେ ଗ୍ରାମର ହରିଜନ ସାହି ପଛ ପାଖେ ଥିବା ଏକ ପାଇଖାନା ସେପ୍ଟିକ୍ ଟାଙ୍କିରେ ପଡ଼ି ୩ ଶିଶୁ ଅକାଳରେ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଦୁଇଜଣ ନାବାଳକ ଓ ଜଣେ ନାବାଳିକା। ମାମୁଁଘରକୁ ବୁଲିବାକୁ ଆସି ଖେଳୁଥିବା ସମୟରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ଏହି ଦୁଃଖଦ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଶିଶୁଙ୍କ ମାମୁଘର ଓ ପରିବାରଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ▶ପୃଷ୍ଠା-୭

ବୁଡ଼ ପକାଇବା ବେଳେ ଅଘଟଣ

## ଘୋଡ଼ାହାଡ଼ ନଦୀରେ ଭାସିଗଲେ ଦୁଇ ମହିଳା

■ **ଦିଗପହଣ୍ଡି, ୩।୧୧(ସମିସ):** ଦିଗପହଣ୍ଡି ବ୍ଲକ୍ ଖମାରୀ ଗାଁ ପଞ୍ଚାୟତ ସେବକ ଟିକରପଡ଼ା ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀରେ ଆଜି ଏକ ଅଘଟଣ ୨ଜଣଙ୍କ ଜୀବନ ନେଇଛି। ପଞ୍ଝୁକ ପାଇଁ ବୁଡ଼ ପକାଉଥିବା ବେଳେ ନଦୀରେ ଭାସି ଦୁଇ ମହିଳା ପ୍ରାଣ ହରାଇଛନ୍ତି। ସୋମବାର ଭୋର୍ ପ୍ରାୟ ୪ଟାରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ସେବକ ଟିକରପଡ଼ା ଗାଁର ସୀମାଞ୍ଚଳ ପାଢ଼ୀଙ୍କ ସ୍ତ୍ରୀ ଲଳିତା ପାଢ଼ୀ(୭୦) ଏବଂ ଧନୁ ଗୌଡ଼ଙ୍କ ସ୍ତ୍ରୀ ସବିତା ଗୌଡ଼(୪୨)।





ଲଳିତା ବୁଡ଼ ପକାଇ ଗାଧୋଉଥିବା ବେଳେ ଅସାବଧାନତା ବଶତଃ ତାଙ୍କ ଗୋଡ଼ ଖସି ଯାଇଥିଲା ଏବଂ ନଦୀର ପ୍ରଖର ସ୍ରୋତରେ ସେ କିଛି ଦୂରକୁ ଭାସି ଯାଇଥିଲେ। ତାଙ୍କ ଚିତ୍କାର ଶୁଣି ପାଖରେ ଗାଧୋଉଥିବା ସବିତା ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସେ ମଧ୍ୟ ନଦୀର ସୁଅରେ ଭାସି ଯାଇଥିଲେ। ଏହା ଦେଖି ପାଖରେ ଗାଧୋଉଥିବା ଅନ୍ୟ ମହିଳାମାନେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଦିଗପହଣ୍ଡି ଦମକଳବାହିନୀ ଘଟଣାସ୍ଥଳଠାରୁ ପ୍ରାୟ ୧କିମି ଦୂର ଗୋଲଣ୍ଡା ଗ୍ରାମ ନଦୀପଠାରେ ପହଞ୍ଚି କିଛି ଗ୍ରାମବାସୀଙ୍କ ସହାୟତାରେ ନଦୀରୁ ଉଭୟଙ୍କୁ ଅଚେତ ଅବସ୍ଥାରେ ▶ପୃଷ୍ଠା-୭

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

## ପୁଲିସ କବ୍‌ଜାରେ ଉମା ଓ ସୁଟର୍ କୁରୁପତି

■ **ବ୍ରହ୍ମପୁର, ୩।୧୧(ସମିସ):** ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ତଥା ଫେରାର୍ ଅଭିଯୁକ୍ତ ଉମା ବିଶୋୟୀ ଓ ସୁଟର୍ କୁରୁପତି ଭୂୟାଁ ପୁଲିସ ପଞ୍ଝାରେ। ପୂର୍ବରୁ ଉଭୟଙ୍କ ସମ୍ପର୍କରେ ପୁଲିସ କୌଣସି ସୁରାକ ପାଇ ପାରିନଥିବା ବେଳେ ହଠାତ୍ ସେମାନଙ୍କ ଆତ୍ମସମର୍ପଣକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସୂଚନାନୁସାରେ, ଉମା ଓ କୁରୁପତି ବ୍ରହ୍ମପୁର ପୁଲିସ ମୁଖ୍ୟାଳୟ ସମ୍ମୁଖରେ କୌଣସି ଏକ ଗାଡ଼ିରୁ ଓହ୍ଲାଇଥିଲେ। ପରେ ଉଭୟ ମୁଖ୍ୟଫାଟକ ଅତିକ୍ରମ କରି ଚାଲିଚାଲି ▶ପୃଷ୍ଠା-୭

### ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲା

## ସିଲିକନ୍ ଇନ୍‌ଫୋଟେକ୍ ସିଇଓ ସୁରେଶ ଗିରଫ

■ **ଭୁବନେଶ୍ୱର,୩।୧୧(ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିଲିକନ୍ ଇନ୍‌ଫୋଟେକ୍‌ର ସିଇଓ ସୁରେଶ ଚନ୍ଦ୍ର ନାୟକଙ୍କୁ ସୋମବାର ତାଙ୍କ ପଟିଆ ବାସଭବନରୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ। ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ପଞ୍ଚସଫ୍ଟର ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ବୟାନ ଓ ମିଳିଥିବା ପ୍ରମାଣ ଆଧାରରେ ତାଙ୍କୁ ଗିରଫ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଛି। ଉତ୍ତରାଖଣ୍ଡରୁ ଗିରଫ ହୋଇଥିବା

**ସିଲିକନ୍‌ର ଗୁପ୍ତ ସୂଚନା ଓ ଶଙ୍କର ନେଟ୍‌ୱର୍କ ମାଧ୍ୟମରେ ହୋଇଛି ସ୍କାମ୍**

ଶଙ୍କରଙ୍କୁ ଦିନ ତମାମ୍ ଜେରା ପରେ ଚାକିରି ବିକ୍ରି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ସୁରେଶଙ୍କ ସିଧାସଳଖ ଲିଙ୍କ୍ ଜାଣିବାକୁ ପାଇଥିଲା। ସୁରେଶ ଏକମାତ୍ର ଲୋକ, ଯେ କି ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତ, ପ୍ରିଣ୍ଟିଂ ଏବଂ ପରିବହନ ଦାୟିତ୍ୱରେ ଥିଲେ। ଏହାପରେ ସୁରେଶ ଓ ଶଙ୍କରଙ୍କୁ ଅଲଗା ଅଲଗା। ▶ପୃଷ୍ଠା-୭



ସୁରେଶ



ଶଙ୍କର

## ବ୍ରହ୍ମପୁର କୋର୍ଟରେ ହାଜର ହେଲେ ଶଙ୍କର, ସୁରେଶ

**୭ଦିନ ରିମାଣ୍ଡ ପାଇଁ କୋର୍ଟରେ କ୍ରାଇମବ୍ରାଞ୍ଚର ଆବେଦନ**

■ **ବ୍ରହ୍ମପୁର,୩।୧୧(ସମିସ):** ପୁଲିସ ଏସଆଇ ପରୀକ୍ଷା କେଳେଙ୍କାରୀ ଘଟଣାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କୁ ନେପାଳ-ଉତ୍ତରାଖଣ୍ଡ ସୀମାନ୍ତରୁ କାବୁ କରିବା ପରେ କ୍ରାଇମବ୍ରାଞ୍ଚ କଟକରେ ଜେରା କରିଛି। ପରେ ଶଙ୍କରର ବୟାନ ଆଧାରରେ ସିଲିକନ ଟେକର ମାଲିକ ସୁରେଶ ନାୟକଙ୍କୁ ଗିରଫ କରାଯାଇଛି। ଫଳରେ ଏହି ମାମଲାରେ ଗିରଫ ସଂଖ୍ୟା ୧୨୫କୁ ବୃଦ୍ଧି ପାଇଛି। ଉଭୟ ଶଙ୍କର ଓ ସୁରେଶକୁ ଆଜି କଟକରୁ କଡ଼ା ସୁରକ୍ଷା ମଧ୍ୟରେ ବ୍ରହ୍ମପୁର ▶ପୃଷ୍ଠା-୭

# ପୂରା ଗାଁର ଋଣ ପରିଶୋଧ କଲେ ବ୍ୟବସାୟୀ



ଆମରେଲି, ୩।୧୧(ଏଜେନ୍ସି): ଗୁଜରାଟର ଆମରେଲି ଜିଲ୍ଲାରେ ରହୁଥିବା ଜଣେ ବ୍ୟବସାୟୀ ନିଜ ପୂରା ଗାଁକୁ ଋଣମୁକ୍ତ କରିଛନ୍ତି। ସାବରକୁଣ୍ଡଲା ତହସିଲ୍‌ର ଜିରା ଗାଁରେ ରହୁଥିବା ବାବୁଭାଇ ଜିରାୱାଲା ନାମକ ଏହି ବ୍ୟବସାୟୀ ନିଜର ଗାଁର ୨୯୦ ଜଣ କୃଷକଙ୍କ ଗତ ୩୦ ବର୍ଷର ସବୁ ଋଣ ପରିଶୋଧ କରିଛନ୍ତି। ଏହିକ୍ରମରେ ସେ ନିଜ ମାଙ୍କ ଶ୍ରାଦ୍ଧ ଦିବସରେ ୯୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ତାଙ୍କ ଏହି ଦାନ ଫଳରେ ଗାଁର ସବୁ କୃଷକ ଏବେ ଋଣମୁକ୍ତ ହୋଇଛନ୍ତି। ୧୯୯୫ରୁ ଜିରା ସେବା ସହକାରୀ ମଣ୍ଡଳକୁ ନେଇ ଏକ ବଡ଼ ବିବାଦ ଗାଁରେ ଚାଲିଆସୁଥିଲା। ଏହି କମିଟିକୁ ସେବେକାର ପ୍ରଶାସକମାନେ କୃଷକଙ୍କ ନାମରେ ନକଲି ଋଣ ନେଇଥିଲେ। ଇତିମଧ୍ୟରେ ଏହି ଋଣ ବହୁଗୁଣା ବୃଦ୍ଧି ପାଇଥିଲା। କୃଷକଙ୍କ ଉପରେ ଋଣ ଭାର ୭ରୁ ୧୨ ଗୁଣା ବୃଦ୍ଧି ପାଇଥିଲା। ଏହି କାରଣରୁ ସରକାରଙ୍କଠାରୁ ବିଭିନ୍ନ ସହାୟତା, ଋଣ ଓ ଅନ୍ୟ ସୁବିଧା ସୁଯୋଗରୁ କୃଷକମାନେ ବଞ୍ଚିତ ହେଉଥିଲେ। ଗାଁର କୌଣସି କୃଷକଙ୍କୁ ବ୍ୟାଙ୍କ ମଧ୍ୟ ଋଣ ଦେଉ ନଥିଲା। ଫଳରେ କୃଷକମାନେ ସମସ୍ୟାରେ ପଡୁଥିଲେ। ଋଣ ପାଇଁ ଜମିର ଭାଗବଣ୍ଟା ମଧ୍ୟ ହୋଇପାରୁ ନଥିଲା। ଏଥିପାଇଁ ମୋ ମା ଚାହୁଁଥିଲେ ଯେ, ତାଙ୍କ ଗହଣା ବିକ୍ରି କରି କୃଷକଙ୍କ ଋଣ ପରିଶୋଧ କରିବାକୁ। ଶେଷରେ କୃଷକଙ୍କ ସବୁ ଋଣକୁ ପରିଶୋଧ କରିବାକୁ ଆମେ ସକ୍ଷମ ହୋଇଛୁ ବୋଲି ଜିରାୱାଲା କହିଛନ୍ତି। ଗାଁର କୃଷକଙ୍କ ଉପରେ ମୋଟ୍ ୮୯, ୮୯, ୨୦୯ ଲକ୍ଷ ଟଙ୍କା ଋଣ ଥିଲା ବୋଲି ସେ କହିଛନ୍ତି। କୃଷକମାନଙ୍କୁ ନୋ ଡିୟୁ ଅର୍ଥାତ ଋଣମୁକ୍ତ ହେବାର ପ୍ରମାଣପତ୍ର ପ୍ରଦାନ କରାଯିବା ପରେ ସାରା ଗାଁ ଖୁସିରେ ଭାବପ୍ରବଣ ହୋଇଉଠିଥିଲା। କୃଷକଙ୍କ ଆଖିରେ ଆନନ୍ଦର ଲୁହ ଦେଖିବାକୁ ମିଳିଥିଲା।

# ନକଲି ବୈଜ୍ଞାନିକ ବିଦେଶରୁ ପାଉଥିଲେ କୋଟି କୋଟି ଟଙ୍କା



ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଭାବା ଅଟୋମିକ ରିସର୍ଚ୍ଚ ସେଣ୍ଟର (ବିଏଆରସି)ର ବୈଜ୍ଞାନିକ ଭାବେ ନିଜକୁ ଦର୍ଶାଉଥିବା ଅଖତାର ହୁସେନ ନାମକ ଜଣେ ୬୦ ବର୍ଷୀୟ ବ୍ୟକ୍ତି ଦେଶ ବାହରୁ କୋଟି କୋଟି ଟଙ୍କା ପାଉଥିଲେ। ସେ ୧୯୯୫ରୁ ଅର୍ଥାତ ୩୦ ବର୍ଷଧରି ଏହି ଅର୍ଥ ପାଉଥିôବାର ତଥ୍ୟ ସାମ୍ନାକୁ ଆସିଛି। ସେ ନିଜକୁ ବିଏଆରସିର ଜଣେ ବରିଷ୍ଠ ବୈଜ୍ଞାନିକ ଭାବେ ପରିଚୟ ଦେଇ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ସ୍ଥାନକୁ ଯାଉଥିଲେ। ତାଙ୍କଠାରୁ ୧୦ଟି ନକ୍ସା ଓ ପରମାଣୁ ଅସ୍ତ୍ର ସହିତ ଜଡିତ କିଛି ସମ୍ବେଦନଶୀଳ କାଗଜପତ୍ର ଜବତ କରିଛି। ସେ ଝଡଖଣ୍ଡର ଜାମସେଦପୁର ମୂଳ ବାସିନ୍ଦା। ପୁଲିସ ଅଖତାରଙ୍କଠାରୁ ଏକାଧିକ ନକଲି ପାସପୋର୍ଟ, ଆଧାର କାର୍ଡ, ପାନକାର୍ଡ ଓ ବିଏଆରସିର ପରିଚୟପତ୍ର ଜବତ କରିଥିଲା। କିଛି ପରିଚୟ ପତ୍ରରେ ତାଙ୍କ ନା ଅଲୀ ରାଜା ଓ ଆଲେକଜାଣ୍ଡ ପାଲମର ବୋଲି ଉଲ୍ଲେଖ ରହିଛି। ଅଖତାର ଓ ତା'ର ଭାଇ ଆଦିଲ୍ ମିଳିତ ଭାବେ ୧୯୯୫ରୁ ବିଦେଶରୁ ଟଙ୍କା ପାଉଥିଲେ ବୋଲି ମୁମ୍ବଇ କ୍ରାଇମବ୍ରାଞ୍ଚ୍ କହିଛି। ଖାସ୍ କରି ୨୦୦୦ ପରଠାରୁ ସେ କୋଟି କୋଟି ଟଙ୍କା ହାସଲ କରୁଥିଲେ। ଅଖତାର ନାରେ ଗୁପ୍ତ ବ୍ୟାଙ୍କ ଆକାଉଣ୍ଟ ଥିବା ଜଣା ପଡ଼ିଛି ଓ ବହୁ ପରିମାଣରେ ଅର୍ଥ ନେଣଦେଣ ହେବା ନେଇ ପୁଲିସ ତଥ୍ୟ ହାସଲ କରିଛି। ଅଖତାର ସହ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ସହ ସମ୍ପର୍କ ଅଛ ବୋଲି ସନ୍ଦେହ କରାଯାଉଛି। ୧୯୯୬ରେ ଅଖତାର ନିଜର ପୈତୃକ ସମ୍ପତି ବିକ୍ରି କରିଦେଇଥିଲା। କିନ୍ତୁ ଏହି ପୁରୁଣା ଠିକଣାକୁ ଆଧାର କରି ନକଲି କାଗଜପତ୍ର ହାସଲ କରିଥିଲା। ଏହି ନକଲି ଦସ୍ତାବିଜ ସହ ଦୁହେଁ ଏକାଧିକବାର ବିଦେଶ ଗସ୍ତ କରିଥିଲେ।

# ଲୁଚାଛପାରେ ଚାଲିଛି ପରମାଣୁ ପରୀକ୍ଷା !

ୱାସିଂଟନ୍, ୩।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ସମସ୍ତଙ୍କୁ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ପରମାଣୁ ଅସ୍ତ୍ର ପରୀକ୍ଷଣ ନେଇ ସେ ଏଥର ମନ୍ତବ୍ୟ ଦେଇ ହଇଚଇ ସୃଷ୍ଟି କରିଛନ୍ତି। ପାକିସ୍ତାନ ପରମାଣୁ ଅସ୍ତ୍ର ପରୀକ୍ଷା କରୁଛି ବୋଲି ସେ କହିଛନ୍ତି। ରବିବାର ସିବିଏସ୍ ନ୍ୟୁଜକୁ ସାକ୍ଷାତ୍‌କାର ଦେବା ଅବସରରେ ସେ ଏହି କଥା କହିଛନ୍ତି। ପୁଣିଥରେ ଆମେରିକାକୁ ପରମାଣୁ ପରୀକ୍ଷଣ ଆରମ୍ଭ କରିବାର ଅବଶ୍ୟକତା ଅଛି ବୋଲି ସେ କହିଛନ୍ତି। ଆମେରିକା ପାଖରେ ପର୍ଯ୍ୟାପ୍ତ ପରିମାଣର ପରୁମାଣୁ ଅସ୍ତ୍ର ରହିଛି। ଏହି ଅସ୍ତ୍ରକୁ ବ୍ୟବହାର କରି ଆମେରିକା ବିଶ୍ୱକୁ ୧୫୦ଥର ଧ୍ୱଂସ କରିବାର କ୍ଷମତା ରଖୁଛି ବୋଲି ସେ ଦାବି କରିଛନ୍ତି। ଉତ୍ତର କୋରିଆକୁ ବାଦ୍ ଦେଲେ ଆଉ କୌଣସି ଦେଶ ପରମାଣୁ ପରୀକ୍ଷା କରୁନାହାନ୍ତି। ତେଣୁ ଆମେରିକା କାହିଁକି ପରୀକ୍ଷା କରିବ ବୋଲି ପ୍ରଶ୍ନ ହେବାରୁ ଟ୍ରମ୍ପ କହିଛନ୍ତି ଯେ, ପାକିସ୍ତାନ ଓ ଚୀନ୍ ଗୁପ୍ତ ଭାବେ ପରୀକ୍ଷା କରୁଛନ୍ତି। କିନ୍ତୁ ବିଶ୍ୱକୁ ଏ ନେଇ କୌଣସି ସୂଚନା ମିଳିନାହିଁ। ଟ୍ରମ୍ପ ପୂର୍ବରୁ ମଧ୍ୟ ପ୍ରତିରକ୍ଷା ମନ୍ତ୍ରଣାଳୟ (ପେଣ୍ଟାଗନ)କୁ ପରମାଣୁ ଅସ୍ତ୍ର ପରୀକ୍ଷା ଆରମ୍ଭ କରିବା ପାଇଁ ଆଦେଶ ଦେଇସାରିଛନ୍ତି।



■ ପାକିସ୍ତାନ, ଚୀନର ମୁଖା ଖୋଲିଲେ ଟ୍ରମ୍ପ

■ ବିଶ୍ୱକୁ ୧୫୦ଥର ଧ୍ୱଂସ କରିବା ପାଇଁ ପରମାଣୁ ଅସ୍ତ୍ର ଆମ ପାଖରେ ରହିଛି

ସେ ପୁଣିଥରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧକୁ ରୋକିବାରେ ବଡ଼ ଭୂମିକା ନିର୍ବାହ କରିଛନ୍ତି ବୋଲି କହିଛନ୍ତି। ଦକ୍ଷିଣ ଏସିଆର ଏହି ଦୁଇ ଦେଶ ମଧ୍ୟରେ ପରମାଣୁ ଯୁଦ୍ଧ ହେବାର ଅବକାସ ସୃଷ୍ଟି ହୋଇଥିଲା। ଯଦି ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ନ କରାଇଥାନ୍ତି, ତାହେଲେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁ ବରଣ କରିଥାନ୍ତେ ବୋଲି ସେ ଏହି ସାକ୍ଷାତକାରରେ କହିଛନ୍ତି। ମଧ୍ୟସ୍ଥତା କରିବା ପରେ ସ୍ଥିତି ଶାନ୍ତ ହୋଇଥିଲା ଓ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଆଗକୁ ବଢ଼ି ନଥିଲା। ପୂର୍ବରୁ ମଧ୍ୟ ଟ୍ରମ୍ପ ଏ ନେଇ ଏକାଧିକ ବାର ଦାବି କରିଆସିଛନ୍ତି। ସେ ମୋଟ ଉପରେ ୭୦ଥର ଏପରି ଦାବି କରିଛନ୍ତି। ଗତ ସପ୍ତାହରେ ଟ୍ରମ୍ପ ଦକ୍ଷିଣ କୋରିଆରେ ଏପରି ଦାବି କରିଥିଲେ। ଭାରତ ଓ ପାକିସ୍ତାନ ଉପରେ ୨୫୦ ପ୍ରତିଶତ ଟାରିଫ ଲାଗୁ କରିବାକୁ ଧମକ ଦେବା ପରେ ଦୁଇ ଦେଶ ଫୋନ୍ କରି ଅସ୍ତ୍ରବିରତି ନେଇ ସହମିତ ପ୍ରକାଶ କରିଥିଲେ। ସେହିପରି ସେ ଚୀନ୍ ଓ ତାଇୱାନ ନେଇ ନିଜର ମତ ରଖିଥିଲେ। ଯଦି ତାଇୱାନ ଉପରେ ଚୀନ୍ ଆକ୍ରମଣ କରେ ତେବେ ଗମ୍ଭୀର ପରିଣାମ ଭୋଗିବାକୁ ହେବ ବୋଲି ସେ କହିଥିଲେ। ସେ ମଧ୍ୟ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କୁ ପ୍ରଶଂସା କରିଥିଲେ। ଯଦି ଆମେରିକା ପରମାଣୁ ପରୀକ୍ଷା କରେ ତେବେ ୩ ଦଶନ୍ଧି ପରେ ଏପରି ହେବ। ଚୀନ୍ ଓ ରୁଷ୍ ଏପରି କରୁଥିବାର ଆମେରିକା ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷା କରିବା ଯଥାର୍ଥ ହେବ ବୋଲି ସେ କହିଥିଲେ।

# ଡିଜିଟାଲ ଆରେଷ୍ଟ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଦେଶବ୍ୟାପୀ ଡିଜିଟାଲ ଆରେଷ୍ଟ ଓ ସାଇବର ଠକେଇ ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ଜାହିର କରିଛନ୍ତି। ସରକାର ସାଇବର ଠକେଇ ସହ ଜଡିତ ତଥ୍ୟ ଦେଇଥିଲେ। ଦେଶବ୍ୟାପୀ ଏହି ଠକେଇରେ ପୀଡିତମାନଙ୍କଠାରୁ ପାଖାପାଖି ୩ ହଜାର କୋଟି ଟଙ୍କା ଲୁଟି ନିଆଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା। ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଏହି ମାମଲାକୁ କଠୋରତା ସହ ମୁକାବିଲା କରିବାକୁ ହେବ। ଦେଶର ୩ ହଜାର କୋଟି ଟଙ୍କାର ସାଇବର ଠକେଇ ହେବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ଓ ଚିନ୍ତାଜନକ ବୋଲି କୋର୍ଟ କହିଛନ୍ତି। ଏନେଇ ଖୁବ୍‌ଶୀଘ୍ର ଦିଶା ନିର୍ଦ୍ଦେଶ ଜାରି କରାଯିବ। ପୂର୍ବରୁ ଅକ୍ଟୋବର ୨୭ରେ ହୋଇଥିବା ଶୁଣାଣିରେ ସବୁ ରାଜ୍ୟରେ ହୋଇଥିବା ଡିଜିଟାଲ ଆରେଷ୍ଟ ସମ୍ପର୍କିତ ଏଫ୍ଆଇଆରର ସମ୍ପର୍କରେ ସୂଚନା ମାଗିଥିଲେ। ଏଥିସହ ସିବିଆଇ ପାଖରେ ଏହି ମାମଲାଗୁଡିକର ଯାଞ୍ଚ ପାଇଁ ପର୍ଯ୍ୟାପ୍ତ ସଂଶାଧନ ଅଛି କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। କେନ୍ଦ୍ର ଗୃହମନ୍ତ୍ରଣାଳୟ ଓ ସିବିଆଇ ଏ ନେଇ କୋର୍ଟଙ୍କୁ ଏକ ଲଫାପାରେ ବନ୍ଦ ହୋଇଥିବା ରିପୋର୍ଟ ପ୍ରଦାନ କରିଥିଲେ।

■ ୩ ହଜାର କୋଟିର ସାଇବର ଠକେଇ

■ କଡ଼ା କାର୍ଯ୍ୟାନୁଷ୍ଠାନ ଜରୁରୀ

ଗୃହ ମନ୍ତ୍ରଣାଳୟ ଭିନ୍ନ ଭିନ୍ନ ବିଭାଗ ଏ ନେଇ କାର୍ଯ୍ୟ କରୁଛନ୍ତି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୦ରେ ହେବ ବୋଲି କୋର୍ଟ କହିଛନ୍ତି। ଉଲ୍ଲେଖଥାଉ କି, ହରିୟାଣାର ଏକ ବୃଦ୍ଧ ଦମ୍ପତି ସେପ୍ଟେମ୍ବର ୩ରୁ ୧୬ ମଧ୍ୟରେ ୧.୦୫ କୋଟି ଟଙ୍କାର ସାଇବର ଠକେଇର ଶିକାର ହୋଇଥିଲେ। ଏ ନେଇ ଏହି ଦମ୍ପତି ସେପ୍ଟେମ୍ବର ୨୧ରେ ମୁଖ୍ୟ ବିଚାରପତି ଭିଆର ଗଭାଇଙ୍କୁ ଚିଠି ଲେଖି ଜଣାଇଥିଲେ। ଏହାପରେ କୋର୍ଟ ନିଜର ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।



# ଆଫଗାନରେ ଭୂକମ୍ପ; ୨୦ ମୃତ

କାବୁଲ୍, ୩।୧୧(ଏଜେନ୍ସି): ଆଫଗାନିସ୍ତାନରେ ଗତ ରାତିରେ ୬.୩ ତୀବ୍ରତାର ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଉତ୍ତର ଆଫଗାନିସ୍ତାନର ମଜାରେ-ଇ-ଶରିଫ୍‌ରେ ଏହି ଭୂକମ୍ପ ଆସିବାରୁ ୨୦ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩୨୦ ଜଣ ଆହତ ହୋଇଛନ୍ତି ବୋଲି ତାଲିବାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ମଜାରେ-ଇ- ସରିଫ୍‌ର ଖଲ୍‌ମ ସହରଠାରୁ ୨୩ କିମି ଦୂରରେ ଭୂକମ୍ପର କେନ୍ଦ୍ର ଥିଲା ବୋଲି ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜି (ଏନସିଏସ୍) ତରଫରୁ ସୂଚନା ଦିଆଯାଇଛି। ରବିବାର ରାତି ୧ଟାରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା ବୋଲି ୟୁନାଇଟେଡ ଷ୍ଟେଟ୍‌ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) କହିଛି। ମାଜାରେ-ଇ- ସିରଫ୍‌ର ବ୍ଲୁ ମସଜିଦ ମଧ୍ୟ ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଏହି ମସଜିଦ ଆଫଗାନିସ୍ତାନର ସବୁଠାରୁ ପବିତ୍ର ଧାର୍ମିକ ସ୍ଥଳି ବିବେଚିତ ହୋଇଥାଏ। ଏଠାରେ ମହାପୁରୁଷ ମହମ୍ମଦଙ୍କ ସମ୍ପର୍କୀୟ ଭାଇଙ୍କର ସମାଧି ରହିଛି ବୋଲି ବିଶ୍ୱାସ କରାଯାଏ। ଏହି ସହରରେ ୫, ୨୩, ୦୦୦ ଲୋକ ରହୁଛନ୍ତି। ୧୫୦୦ ଶତାବ୍ଦୀରେ ଏହି ମସ୍‌ଜିତ ନିର୍ମାଣ କରାଯାଇଥିଲା। ଭୂକମ୍ପର ବିଭିନ୍ନ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗତ ଅଗଷ୍ଟରେ ମଧ୍ୟ ଆଫଗାନିସ୍ତାନରେ ଏକାଧିକବାର ଭୂକମ୍ପ ଆସିଥିଲା ଓ ଏଥିରେ ୨, ୨୦୦ ଲୋକ ମୃତ୍ୟୁବରଣ କରିଥିଲେ। ଭୂକମ୍ପ ପୀଡିତଙ୍କୁ ଉଦ୍ଧାର କରିବାକୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ବିମାନବନ୍ଦର ନିକଟରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

କୋଏମ୍ବାଟୁର, ୩।୧୧(ଏଜେନ୍ସି): ତାମିଲନାଡୁର କୋଏମ୍ବାଟୁର ବିମାନବନ୍ଦରରେ ରବିବାର ରାତିରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ଛାତ୍ରୀଙ୍କୁ ୩ ଜଣ ବ୍ୟକ୍ତି ଗଣଦୁଷ୍କର୍ମ କରିଛନ୍ତି। ପୀଡିତା ରାତି ୧୧ଟାରେ ନିଜର ଜଣେ ବନ୍ଧୁଙ୍କ ସହ କାର୍‌ରେ ବସିଥିବା ବେଳେ ୩ ଅଭିଯୁକ୍ତ ସେଠାରେ ପହଞ୍ଚିଥିଲେ। ବନ୍ଧୁଙ୍କୁ ଆକ୍ରମଣ କରିବା ପରେ ଛାତ୍ରୀଙ୍କୁ ଜୋର ଜବରଦସ୍ତି କାର୍ ବାହରକୁ ଆଣି ସେଠାରୁ ଶୂନସାନ ସ୍ଥାନକୁ ନେଇଯାଇ ଏହି କାଣ୍ଡ ଘଟାଇଥିଲେ। ଦୁଷ୍କର୍ମ କରିବା ପରେ ଅଭିଯୁକ୍ତମାନେ ଛାତ୍ରୀଙ୍କୁ ସେଠାରେ ଛାଡି ଦେଇ ଚାଲିଯାଇଥିଲେ। ଆହତ ହୋଇଥିବା ଛାତ୍ରୀଙ୍କ ବନ୍ଧୁ ପୁଲିସକୁ ଏ ନେଇ ସୂଚନା ଦେଇଥିଲେ। ପୁଲିସ ରାତିସାରା ଛାତ୍ରୀଙ୍କୁ ଖୋଜିବା ପରେ ତାଙ୍କୁ ବିମାନ ବନ୍ଦରଠାରୁ ଏକ କିମି ଦୂରରେ ଏକ ଘରୋଇ କଲେଜ ପାଖରେ ବେହୋଶ ଅବସ୍ଥାରେ ଉଦ୍ଧାର କରିଥିଲା। ଛାତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ବନ୍ଧୁଙ୍କର କୋଏମ୍ବାଟୁର ମେଡିକାଲ କଲେଜରେ ଚିକିତ୍ସା କରାଯାଉଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ୭ଟି ଟିମ୍ ଗଠନ କରିଛି। ଏହି ୩ ଜଣ ଘଟଣା ଘଟାଇବା ପୂର୍ବରୁ ଏକ ବାଇକ୍ ଚୋରି କରିଥିଲେ ବୋଲି ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି। ଏବେ ଏହି ଘଟଣା ନେଇ ରାଜନୀତି ଆରମ୍ଭ ହୋଇଛି। ତାମିଲନାଡୁରେ ଏମ୍‌କେ ଷ୍ଟାଲିନ ସରକାରଙ୍କ ବିରୋଧରେ ଆଇନ ଶୃଙ୍ଖଳା ସ୍ଥିତି ଭୁଶୁଡି ପଡ଼ିବା ନେଇ ବିରୋଧୀ ଦଳ ଅଭିଯୋଗ ଆଣିଛନ୍ତି।

# ଦିଲ୍ଲୀ ପ୍ରଦୂଷଣ : ରିପୋର୍ଟ ମାଗିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଦିଲ୍ଲୀ- ଏନ୍‌ସିଆରରେ ଦିନକୁ ଦିନ ବୃଦ୍ଧି ପାଉଥିବା ପ୍ରଦୂଷଣ ନେଇ ସୁପ୍ରିମକୋର୍ଟରେ ସୋମବାର ଶୁଣାଣି ହୋଇଥିଲା। କୋର୍ଟ ଏ ନେଇ ସରକାରଙ୍କଠାରୁ ରିପୋର୍ଟ ମାଗିଛନ୍ତି। ଦୀପାବଳି ପରେ ପ୍ରଦୂଷଣ ବହୁ ଗୁଣରେ ବୃଦ୍ଧି ପାଇଛି। ବାୟୁଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍)କୁ ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ବିଆର ଗଭାଇ ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏମ୍‌ସି ମେହେଟା ମାମଲାର ଶୁଣାଣି କରୁଥିଲା। ବରିଷ୍ଠ ଓକିଲ ତଥା ନ୍ୟାୟମିତ୍ର ଅପରାଜିତା ସିଂ କୋର୍ଟଙ୍କୁ କହିଥିଲେ ଯେ, ଦୀପାବଳି ଦିନ ୩୭ରୁ କେବଳ ୯ଟି ଏୟାର କ୍ୱାଲିଟି ମନିଟରିଂ ଷ୍ଟେସନ ଲାଗତର କାର୍ଯ୍ୟ କରୁଥିଲା। ଯଦି ଏହା କାମ କରୁନାହିଁ, ତେବେ ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) କେତେବେଳେ ଲାଗୁ କରାଯିବ ତାହା କିପରି ଜାଣିବା ବୋଲି ସେ ପ୍ରଶ୍ନ କରିଛନ୍ତି। ଏପର୍ଯ୍ୟନ୍ତ ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ସବୁ ନିଆଯାଇଛି ସେ ନେଇ କୋର୍ଟ ସିଏକ୍ୟୁଏମ୍‌କୁ ପ୍ରଶ୍ନ ପଚାରିଛନ୍ତି। ପ୍ରଦୂଷଣ ଭୟଙ୍କର ସ୍ଥିତିରେ ପହଞ୍ଚିବା ପୂର୍ବରୁ ଆଗୁଆ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ ବୋଲି କୋର୍ଟ କହିଛନ୍ତି। ଉଲ୍ଲେଖଥାଉ କି, ଦିପାବଳୀ ପରେ ଦିଲ୍ଲୀର ଅଧିକାଂଶ ସ୍ଥାନରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ପାର କରିଥିଲା ଓ ବାୟୁରେ ଛୋଟ ଛୋଟ ଧୂଳିକଣା (ପିଏମ୍ ୨.୫) ଗତ ୫ ବର୍ଷ ମଧ୍ୟରେ ସର୍ବାଧିକ ବୃଦ୍ଧି ପାଇଥିଲା।

# ତେଲଙ୍ଗାନାରେ ବସ୍-ଡମ୍ପର ଧକ୍କା; ୧୯ ମୃତ

ରଙ୍ଗାରେଡ୍ଡୀ, ୩।୧୧(ଏଜେନ୍ସି): ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାରେ ସୋମବାର ସକାଳେ ହାଇଦରାବାଦ- ବିଜାପୁର ରାଜପଥରେ ଏକ ଭୟଙ୍କର ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ତେଲଙ୍ଗାନା ରୋଡ ଟ୍ରାନ୍ସପୋର୍ଟ କର୍ପୋରେସନ (ଟିଏସ୍ଆରଟିସି)ର ଏକ ବସ ଓ ଗୋଡି ତଥା କଂକ୍ରିଟ୍ ଭର୍ତ୍ତି ଏକ ଡମ୍ପର ମଧ୍ୟରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୧୯ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୦ ମାସର ଏକ ଶିଶୁ ସହ ୧୦ ଜଣ ମହିଳା ଓ ଦୁଇ ଗାଡ଼ିର ଡ୍ରାଇଭର ସାମିଲ ଅଛନ୍ତି। ଆହତଙ୍କୁ ଭିନ୍ନ ଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ହାଇଦରାବାଦ୍‌ଠାରୁ ୬୦ କିମି ଦୂରରେ ଥିବା ଚେଭେଲା ଥାନା କ୍ଷେତ୍ରର ଖାନ୍‌ପୁର ଗେଟ୍ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏହି ବସ୍ ବିକାରବାଦ ଜିଲ୍ଲାର ତନ୍ଦୁରରୁ ହାଇଦରାବାଦ ଯାଉଥିଲା। ଭୁଲ ଦିଗରୁ ଆସୁଥିବା ଏହି ଡମ୍ପର ବସ୍‌କୁ ଏତେ ଜୋରରେ ଧକ୍କା ଦେଇଥିଲା ଯେ, ବସ୍ ପୁରାପୂରି କ୍ଷତିଗ୍ରସ୍ତ ହୋଇଥିଲା। ଡମ୍ପରରେ ଥିବା ଗୋଡି ବସ୍‌ରେ ବସିଥିବା ଯାତ୍ରୀଙ୍କ ଉପରେ ପଡ଼ିଥିଲା। ଫଳରେ କେତେଜଣ ଯାତ୍ରୀ ଗୋଡି ଭିତରେ ଦବି ଯାଇଥିଲେ। ଏହି ଘଟଣାର ହୃଦୟ ବିଦାରକ ଦୃଶ୍ୟର ଭିଡିଓ ଏବେ ସାମ୍ନାକୁ ଆସିଛି। ଗୋଡି ତଳେ ଦବି ରହିଥିବା ଯାତ୍ରୀ ସାହାଯ୍ୟ ପାଇଁ ଚିତ୍କାର କରୁଥିବା ଦେଖାଯାଇଛି। ସୂଚନା ପାଇଁ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବାହାର କରୁଛନ୍ତି। ମୃତଦେହଗୁଡିକୁ ବାହର କରିବାକୁ ଉଦ୍ଧାରକାରୀ ଦଳକୁ ବସ୍‌କୁ କାଟିବାକୁ ପଡୁଛି। ଡ୍ରାଇଭର ଓ ତାଙ୍କ ସିଟ୍‌ର ପଛଭାଗ ଅଂଶ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ବସିଥିବା ଯାତ୍ରୀମାନେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହି ଦୁର୍ଘଟଣାକୁ ତେଲଙ୍ଗାନା ସରକରା ଗମ୍ଭୀରତା ସହ ଗ୍ରହଣ କରି ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଭୀଷଣ ଭିଡ଼ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିରେ ଦୁଃଖ ପ୍ରକାଶ କରିଛନ୍ତି।

# ଅଶ୍ଳୀଳ ଭିଡିଓ ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଅଶ୍ଳୀଳ ତଥା ପର୍ଣ୍ଣ ଭିଡିଓକୁ ନିଷିଦ୍ଧ କରିବା ନେଇ ହୋଇଥିବା ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଏହିକ୍ରମରେ କୋର୍ଟ ନେପାଳରେ ହୋଇଥିବା ଜେନ- ଜେଡ ଆନ୍ଦୋଳନର ଉଦାହରଣ ଦେଇଛନ୍ତି। ନେପାଳରେ ସୋସିଆଲ ମିଡିଆକୁ ନିଷିଦ୍ଧ କରିବା ପରେ କ'ଣ ହେଲା, ତାହା ଦେଖନ୍ତୁ ବୋଲି କୋର୍ଟ କହିଛନ୍ତି। ତେବେ ମୁଖ୍ୟ ବିଚାରପତି ବିଆର ଗଭାଇଙ୍କ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ କହିଛନ୍ତି ଯେ, ପର୍ଣ୍ଣୋଗ୍ରାଫି ନେଇ ହୋଇଥିବା ଆବେଦନର ଶୁଣାଣି ୪ ସପ୍ତାହ ପରେ କରାଯିବ। ଉଲ୍ଲେଖ ଯୋଗ୍ୟ ଯେ, ନଭେମ୍ବରେ ୨୩ରେ ହେବାକୁ ଥିବା ଏହି ଶୁଣାଣି ପୂର୍ବରୁ ଗଭାଇ ନିଜ ପଦରୁ ଅବସର ନେଇ ସାରିଥିବେ। ଏହି ଆବେଦନରେ କେନ୍ଦ୍ର ସରକାର ଅଶ୍ଳୀଳ କଣ୍ଟେଟ୍ ଉପରେ ନିଷେଧାଦେଶ ଜାରି କରିବା ନେଇ ପଲିସି ଆଣିବାକୁ ଦାବି କରାଯାଇଥିଲା। ଏଥିସହ ଛୋଟପିଲାଙ୍କ ନିକଟରେ ଏହି କଣ୍ଟେଟ୍ ନ ପହଞ୍ଚିବ ଯେଭଳି ସେ ନେଇ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ପବ୍ଲିକ୍ ପ୍ଲାଟଫର୍ମରେ ଏହି ଭିଡିଓ ହଟାଇବାକୁ ଦାବି କରାଯାଇଛି।


# ଟ୍ରମ୍ପଙ୍କ ଲୋକପ୍ରିୟତା ୧୮ ପ୍ରତିଶତ କମିଛି

ୱାଶିଂଟନ, ୩।୧୧(ଏଜେନ୍ସି): ନଭେମ୍ବର ୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଗୋଟିଏ ବର୍ଷ ପୂରଣ କରିବ। କିନ୍ତୁ ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ନଭେମ୍ବର ୪ରେ ସେ ସବୁଠାରୁ ବଡ଼ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଏହି ଦିନ ଆମେରିକାର ନ୍ୟୁୟର୍କ ସିଟିର ମେୟର ନିର୍ବାଚନ ଆୟୋଜନ ହେବ। ଏଥିସହ ଭିର୍ଜିନିଆ ଓ ନ୍ୟୁଜର୍ସି ରାଜ୍ୟରେ ଗର୍ଭନର ଓ ବିଧାନସଭା ନିର୍ବାଚନ ହେବ। ଗତ ଗୋଟିଏ ବର୍ଷ ହେବ ଟ୍ରମ୍ପଙ୍କ ନେଟ୍ ଆପ୍ରୁଭାଲ ରେଟିଂ ଅର୍ଥାତ ଲୋକପ୍ରିୟତା ନଭେମ୍ବର ଆରମ୍ଭରେ ୧୮ ପତିଶତ ତଳକୁ ଖସିଛି।

ଏହା ପୂର୍ବତନ ରାଷ୍ଟ୍ରପତି ଓବାମା ଓ ଜୋ ବାଇଡେନଙ୍କ ପ୍ରଥମ ବର୍ଷ ତୁଳନାରେ ବହୁତ କମ୍ ସାବ୍ୟସ୍ତ ହୋଇଛି। ଓବାମା ପ୍ରଥମବର୍ଷ ଶେଷରେ ଏହା ୩ ପ୍ରତିଶତ ଓ ବାଇଡେନଙ୍କ ୭ ପ୍ରତିଶତ କମ୍ ହୋଇଥିଲା। ୱାସିଂଟନଠାରୁ ଆରମ୍ଭ କରି ଭିର୍ଜିନିଆ ଓ ନ୍ୟୁୟର୍କ ପର୍ଯ୍ୟନ୍ତ ସମସ୍ତଙ୍କ ନଜର ଏହି ନିର୍ବାଚନ ଉପରେ ରହିଛି। ଆମେରିକାର ଜନସାଧରଣ ଟ୍ରମ୍ପଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଅଛନ୍ତି କି ନା ତାହା ଏହି ନିର୍ବାଚନ ହିଁ ସ୍ପଷ୍ଟ କରିବ। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଏହାକୁ ନୀତିଗତ ଦୃଢ଼ତା ବିବେଚନା କରୁଥିବା ବେଳେ ବିରୋଧୀ ଡେମୋକ୍ରାଟ୍ସ ଏହାକୁ 'ମିନି ରେଫ୍ରଣ୍ଡମ' ବା ଲଘୁ ଜନମତ ବୋଲି କହିଛି। ଉଲ୍ଲେଖଥାଉ କି, ନ୍ୟୁୟର୍କ ମେୟର ନିର୍ବାଚନରେ ଭାରତୀୟ ବଂଶୋଭବ ପ୍ରାର୍ଥୀ ତଥା ଯୁବନେତା ଜୋହରାନ ମମଦାନୀ (୩୩) ଏକ ବଡ଼ ଚେହରା ଭାବେ ଉଦୟ ହୋଇଛନ୍ତି। ସେ ନ୍ୟୁୟର୍କ ଷ୍ଟେଟ ଆସେମ୍ବ୍ଲିର ସଦସ୍ୟ ଅଛନ୍ତି। ଜୋହରାନ ଆଫ୍ରିକାର ୟୁଗାଣ୍ଡାର ଲେଖକ ମହମୁଦ ମମ୍‌ଦାନୀ ଓ ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ। ମମଦାନୀ ଏବେ ୧୪ ପ୍ରତିଶତର ବଡ଼ ଅନ୍ତରରେ ଆଗରେ ରହିଛନ୍ତି। ନିର୍ବାଚନରେ ମମଦାନୀଙ୍କ ବିରୋଧରେ ୬୭ ବର୍ଷୀୟ ପୂର୍ବତନ ଗଭର୍ନର ଆଣ୍ଡ୍ରୁ କୁମୋ ଅବତୀର୍ଣ୍ଣ ହୋଇଛନ୍ତି। ଯଦି ମମ୍‌ଦାନୀ ମେୟର ଭାବେ ନିର୍ବାଚିତ ହେଉଛନ୍ତି ତେବେ, ନ୍ୟୁୟର୍କକୁ ସଂଘୀୟ ସହାୟତା ପାଣ୍ଠି ବନ୍ଦ କରିବାକୁ ଟ୍ରମ୍ପ ପୂର୍ବରୁ ଧମକ ଦେଇସାରିଛନ୍ତି।

# ଅନନ୍ତ ସିଂହଙ୍କ ପାଇଁ ଭୋଟ ମାଗିଲେ କେନ୍ଦ୍ରମନ୍ତ୍ରୀ

ପାଟନା, ୩।୧୧ (ଏଜେନ୍ସି): ଯାହା ଅନ୍ୟ କେଉଁଠି ଦେଖିବାକୁ ମିଳି ନ ଥାଏ ତାହା ରାଜନୀତିରେ ଦେଖାଯାଇଥାଏ। ଏହାର ନିଚ୍ଛକ ଦୃଶ୍ୟ ବିହାରରୁ ସାମ୍‌ନାକୁ ଆସିଛି। ଗ୍ୟାଙ୍ଗଷ୍ଟାର ରାଜନୀତିକୁ ଆସି ନିର୍ବାଚନ ଲଢୁଛନ୍ତି। ଆଉ ଧଳା ପୋଷାକ ତଳେ ରହି ଲୋକେ କଳା ସାମ୍ରାଜ୍ୟ ଚଳାଉଛନ୍ତି। ଏଭଳି ଦୁଇ ନେତା ହେଉଛନ୍ତି ଦୁଲାରଚାନ୍ଦ ଯାଦବ ଏବଂ ବାହୁବଳୀ ଅନନ୍ତ ସିଂହ ଓରଫ ଛୋଟେ ସରକାର। ଗ୍ୟାଙ୍ଗଷ୍ଟାରରୁ ରାଜନେତା ପାଲଟି ଥିବା ଆରଜେଡି ନେତା ଦୁଲାରଚାନ୍ଦଙ୍କ ହତ୍ୟା ମାମଲାରେ ମୋକାମାର କ୍ଷମତାସୀନ ଜେଡିୟୁ ପ୍ରାର୍ଥୀ ତଥା ବାହୁବଳୀ ତଥା ଛୋଟେ ସରକାର ଅନନ୍ତ ସିଂହଙ୍କୁ ଗିରଫ କରାଯାଇଛି। ମାତ୍ର ଏହି କାର୍ଯ୍ୟାନୁଷ୍ଠାନର ଦିନକ ପରେ ଅନନ୍ତଙ୍କ ପାଇଁ ପ୍ରଚାର କରିବାକୁ ମୋକାମାରେ ଅନେକ ହେଭିୱେଟ ପହଞ୍ଚି ଯାଇଛନ୍ତି। ଏହି ଆସନର ପ୍ରଚାରପ୍ରସାର ଦାୟିତ୍ୱ କେନ୍ଦ୍ରମନ୍ତ୍ରୀ ତଥା ଜେଡିୟୁ ନେତା ଲଲନ ସିଂହ ନିଜ ହାତକୁ ନେଇଛନ୍ତି। ସେ ସୋମବାର ଅନନ୍ତ ସିଂହଙ୍କ ପାଇଁ ପ୍ରଚାର କରି ଭୋଟ ଭିକ୍ଷା କରିଛନ୍ତି। ଖାଲି ସେତିକି ନୁହେଁ, ଉପମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ସମ୍ରାଟ ଚୌଧୁରୀ ମଧ୍ୟ ଆଜି ମୋକାମାରେ ରୋଡ୍ ଶୋ' କରିଛନ୍ତି।



ଲଲନ ସିଂହ କହିଛନ୍ତି ଯେ ଅନନ୍ତ ଜେଲ୍ ଯିବା ପରେ ଦାୟିତ୍ୱ ବଢ଼ି ଯାଇଛି। ଜଣେ ଜଣେ ବ୍ୟକ୍ତିଙ୍କୁ ଅନନ୍ତ ସିଂହ ହୋଇ ନିର୍ବାଚନ ଲଢ଼ିବାକୁ ହେବ। ସେହିପରି ଅନନ୍ତଙ୍କୁ ଜେଲ୍ ପଠାଇବା ପାଇଁ ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ ଦାବି କରିଛନ୍ତି। ସେହିପରି ବିଜେପି ସାଂସଦ ବୃଜଭୂଷଣ ଶରଣ ସିଂହ ମଧ୍ୟ ଅନନ୍ତଙ୍କ ସପକ୍ଷରେ ବାହାରିଛନ୍ତି। ସେ ଏହି ବାହୁବଳୀଙ୍କୁ ନିର୍ଦ୍ଦୋଷ କହିଛନ୍ତି। ତାଙ୍କ ବିରୋଧରେ ମିଥ୍ୟା ଏତଲା ଦାଏର କରାଯାଇଥିବା କୁହାଯାଉଛି। ତେବେ ନିଜ ସରକାର ଥିବାବେଳେ ଛୋଟେ ସରକାରଙ୍କ ବିରୋଧରେ ମିଥ୍ୟା ଏତଲା କେମିତି ଦାଏର କରାଯାଇପାରିବ ବୋଲି ପ୍ରଶ୍ନ ଉଠୁଛି।

# ପରସ୍ପର ବିରୋଧରେ ମଇଦାନକୁ ଓହ୍ଲାଇଲେ ଦୁଇ ଭାଇ

ବିହାରର ସବୁଠାରୁ ହଟ୍ ସିଟ୍ ମହୁଆ ଏବଂ ରାଘୋପୁରରେ ଆରଜେଡି ମୁଖ୍ୟ ଲାଲୁ ଯାଦବଙ୍କ ଦୁଇ ପୁଅ ମୈଦାନକୁ ଓହ୍ଲାଇଛନ୍ତି। ଏହି ଦୁଇ ଆସନ ଦୁଇ ଭାଇଙ୍କ ମଧ୍ୟରେ ଲଢେଇର କ୍ଷେତ୍ର ପାଲଟି ଯାଇଛି। ପ୍ରେମ ବିବାହକୁ ନେଇ ବଡ଼ ପୁଅ ତେଜପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳରୁ ବାହାରି କରିଦେଇଥିବା ଲାଲୁଙ୍କ ନିମନ୍ତେ ସେ ହିଁ କଣ୍ଟା ପାଲଟି ଯାଇଛନ୍ତି। ଲାଲୁଙ୍କ ସାନ ପୁଅ ତେଜସ୍ୱୀ ହେଲିକପ୍ଟରରୁ ମହୁଆରେ ଓହ୍ଲାଇ ଭୋଟ ମାଗିବାରୁ ରାଜନୈତିକ ଚିତ୍ର ବଦଳି ଯାଇଛି। ମହୁଆରୁ ବଡ଼ ଭାଇ ତେଜପ୍ରତାପଙ୍କ ବିରୋଧରେ ତେଜସ୍ୱୀ ଭୋଟ ମାଗିଛନ୍ତି। ଏହାର ପ୍ରତି ବଦଳରେ ସାନ ଭାଇ ତେଜସ୍ୱୀଙ୍କ ନିର୍ବାଚନ କ୍ଷେତ୍ର ରାଘୋପୁରର ୨ଟି ସ୍ଥାନରେ ହେଲିକପ୍ଟର ଓହ୍ଲାଇ ଜବାବ ଦେବେ ବୋଲି ତେଜପ୍ରତାପ କହିଛନ୍ତି। ଦୁଇ ଭାଇଙ୍କ ବିବାଦ ଖୋଲାଖୋଲି ଭାବେ ସାମ୍‌ନାକୁ ଆସିଯାଇଛି।

ସୂଚନା ଅନୁଯାୟୀ ଘରୁ ଏବଂ ଦଳରୁ ବାହାର କରାଯିବା ପରେ ତେଜପ୍ରତାପ ଜନଶକ୍ତି ଜନତା ପାର୍ଟି ଗଢିଛନ୍ତି। ସେ ବୈଶାଳୀର ମହୁଆ ସିଟ୍‌ରୁ ଲଢୁଛନ୍ତି। ସେହିପରି ତେଜସ୍ୱୀ ବିରୋଧୀଙ୍କ ମହାମେଣ୍ଟ ଇଣ୍ଡିଆର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଛନ୍ତି। ସେ ମହୁଆରେ କହିଥିଲେ ଯେ ଦଳଠାରୁ ବଡ଼ କେହି ନୁହେଁ। ଦଳ ହିଁ ତାଙ୍କର ବାପାମାଆ। ଦଳ ଅଛି ତ ସବୁ ଅଛି; ଦଳ ନ ଥିଲେ କିଛି ନାହିଁ। ଏହାର ଜବାବରେ ତେଜପ୍ରତାପ କହିଛନ୍ତି ଯେ ଜନତାଙ୍କଠାରୁ ବଡ଼ କେହି ନୁହେଁ ବୋଲି ମୋର ବାଲୁତ ଭାଇ ବୁଝିବା ଦରକାର। ଜନତା ହିଁ ମାଲିକ। ଗଣତନ୍ତ୍ରରେ କୌଣସି ପାର୍ଟି କିମ୍ବା ପରିବାର ନୁହେଁ, ଜନତା ହିଁ ସବୁଠୁ ବଡ଼।





ଉପନିର୍ବାଚନ ପାଇଁ ସୋମବାର ନୂଆପଡ଼ାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ସଭା

## ତ୍ରିବିକ୍ରମ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୩ା୧୧(ସମିସ): କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତଥା ପଞ୍ଚୁକର ଦ୍ୱିତୀୟ ଦିବସରେ ସୋମବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବା ଡାଳିକିଆ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କ ତ୍ରିବିକ୍ରମ ବେଶ କରାଯାଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ସୋଲ, କନା, ବେତ, ଜମ୍ଭୁରା, କଇଁଥ ଅଠା ଇତ୍ୟାଦିରେ ନିର୍ମିତ ଦୁଇଟି ଚୂଳ ଲାଗି ହୋଇଥିଲା। ଏହି ଚୂଳରେ ସୋଲ, ଜରି ଓ ରଙ୍ଗ ଲଗାଯାଇ ପ୍ରସ୍ତୁତ ବହୁତ ଫୁଲ ଶ୍ରୀମସ୍ତକରେ ସଜା ଯାଇଥିଲା। ଏଥିରେ ସୁନାର କିଆ ମଧ ଖଞ୍ଜା ଯାଇଥିଲା। ଏଥିସହ ଅନେକ ସୁବର୍ଣ୍ଣ ଅଳଙ୍କାରରେ ଠାକୁରଙ୍କୁ ବିଭୂଷିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଶଙ୍ଖ, ଚକ୍ର ଏବଂ ଶ୍ରୀବଳଭଦ୍ର ହଳ, ମୂଷଳ ଧାରଣ କରିଥିଲେ। ଏହା ଅତ୍ୟନ୍ତ ମନୋମୁଗ୍ଧକର ବେଶ। ଏହି ବେଶକୁ ଶ୍ରଦ୍ଧାଳୁ ତ୍ରୟୋଦଶୀ ତିଥିରେ ଦର୍ଶନ କଲେ ଅପାର କରୁଣା ଲାଭ କରିବା ସହ ଅଶେଷ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ମଙ୍ଗଳବାର ମହାପ୍ରଭୁଙ୍କର ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହେବ।

## ଶ୍ରୀମନ୍ଦିରରୁ ଡାଲ୍‌ଡା ଘିଅ ଜବତ

ପୁରୀ, ୩ା୧୧(ସମିସ): ଶ୍ରୀମନ୍ଦିର ମଧ୍ୟରେ କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର ହେବ। ଅନ୍ୟ କୌଣସି ପ୍ରକାର ଘିଅ ବ୍ୟବହାର କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସ୍ଥିର କରିଥିଲା। ଏ ସଂକ୍ରାନ୍ତରେ ସୁଆର ମହାସୁଆର ସେବକଙ୍କୁ ନିର୍ଦ୍ଦେଶ ବି ଦିଆଯାଇଥିଲା। ହେଲେ



ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୋମବାର ଶ୍ରୀମନ୍ଦିର ଭିତରୁ ଡାଲଡା ଘିଅ ଜବତ କରାଯାଇଛି। ଜଣେ ମହାସୁଆର ସେବକ ଏହି ନିର୍ଦ୍ଦେଶର ଉଲ୍ଲଂଘନ କରିଥିବାରୁ ତାଙ୍କୁ ଶ୍ରୀମନ୍ଦିର

- କେବଳ ଓମ୍‌ଫେଡ ଘିଅ ବ୍ୟବହାର ଲାଗି ଥିଲା ନିର୍ଦ୍ଦେଶ
- ଉଲ୍ଲଂଘନକାରୀ ମହାସୁଆର ସେବକଙ୍କୁ କୈଫିୟତ ତଲବ

ପ୍ରଶାସନ କୈଫିୟତ ତଲବ କରିଛି। କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ମହାପ୍ରସାଦ ହେଉ କିମ୍ବା ଶୁଖିଲି ଭୋଗ; ସବୁଥିରେ କେବଳ ଓମଫେଡ୍ ଘିଅ ବ୍ୟବହାର କରାଯିବ। ପୂର୍ବରୁ ବିଭିନ୍ନ ପ୍ରକାର ନିମ୍ନମାନର ଘିଅ ବ୍ୟବହାର କରାଯାଉଥିବା ବାରମ୍ବାର ଅଭିଯୋଗ ଆସିବା ପରେ ପରିଚାଳନା କମିଟି ଏହି ନିଷ୍ପତ୍ତି ନେଇଥିଲା। ତେଣୁ ଏନେଇ ସହଯୋଗ କରିବାକୁ ଗତବର୍ଷ ଅକ୍ଟୋବର ୨୪ ତାରିଖରେ ଓମ୍‌ଫେଡକୁ ଅନୁରୋଧ କରିଥିଲେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ଶ୍ରୀମନ୍ଦିରର ଆବଶ୍ୟକତାକୁ ନଜରରେ ରଖି ମନ୍ଦିର ପାଇଁ ଏକ ସ୍ୱତନ୍ତ୍ର ଡିପୋ ଖୋଲାଯିବା ନେଇ ଓମଫେଡ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମଧ୍ୟକୁ ଓମଫେଡ୍ ବ୍ୟତୀତ ଯେପରି ଅନ୍ୟ କୌଣସି ଘିଅ ପ୍ରବେଶ ନ କରେ, ସେଥିପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ପ୍ରଶାସକ। ତଦନୁସାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଆର ମହାସୁଆର ନିଯୋଗକୁ ଜଣାଇ ଦିଆଯାଇଥିଲା। ବରିଷ୍ଠ ସୁପରଭାଇଜର ଏବଂ କମାଣ୍ଡର୍ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଥିଲା। ଏଥିରେ କୌଣସି ପ୍ରକାର ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ। ଅନ୍ୟ ଛାପ ଘିଅ ଶ୍ରୀମନ୍ଦିରକୁ ନେବାକୁ ଚେଷ୍ଟା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରି ଦିଆଯାଇଥିଲା। ଏହାସତ୍ତ୍ୱେ ସୋମବାର ପବିତ୍ର କାର୍ତ୍ତିକ ମାସ ପଞ୍ଚୁକରେ ଶ୍ରୀମନ୍ଦିର ଭିତରୁ ଡାଲ୍‌ଡା ଘିଅ ଜବତ ହୋଇଛି।

## ମନିସୁଖ ସିକ୍ୟୁରିଟି ସଂସ୍ଥା

# ଓଡ଼ିଶାରୁ ଠକିଛି ୫ଶହ କୋଟି

ଭୁବନେଶ୍ୱର,୩ା୧୧(ସମିସ): ୨ ମାସରେ ମୂଳଧନ ଦୁଇଗୁଣା କରିଦେବାର ଲୋଭ ଦେଖାଇ 'ମନିସୁଖ ସିକ୍ୟୁରିଟି' ନାମକ ଏକ ସଂସ୍ଥା ଓଡ଼ିଶାରୁ ୫ଶହ କୋଟି ଠକିନେଇଛି। ଏନେଇ ଥାନାରେ ଅଭିଯୋଗ କଲେ ମଧ ପୁଲିସ ଶୁଣୁନି। ଅଭିଯୁକ୍ତମାନଙ୍କୁ ଧରିବା ତ ଦୂରର କଥା, ତଦନ୍ତ ବି କରୁନାହିଁ। ଏପରି ଅଭିଯୋଗ ଆଣି ଭଦ୍ରକ ଜିଲ୍ଲା ଚାରିଗାଁର ପ୍ରହଲ୍ଲାଦ ସେଠୀ ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍‌ଆରସି)ର ଦ୍ୱାରସ୍ଥ ହୋଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗତ ୨୦୨୪ ଜୁଲାଇ ୧୩ ତାରିଖରେ ସେ ଏ ସଂପର୍କରେ ଭଦ୍ରକ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ତଦନ୍ତ କରିବା ପରିବର୍ତ୍ତେ ହାତ ବାନ୍ଧି ଚୁପ୍ ବସିଛି। ଏହାର ଫାଇଦା ନେଇ ଅଭିଯୁକ୍ତମାନେ ବାହାରେ ବସି ଜଣଙ୍କ ପରେ ଜଣଙ୍କୁ ଠକି ଚାଲିଛନ୍ତି। ଏହି ଘଟଣାରେ ଆୟୋଗ ଅସନ୍ତୋଷ ପ୍ରକାଶ କରିବା ସହ ଭଦ୍ରକ ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ୧୫ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ କହିଛନ୍ତି। ରିପୋର୍ଟ ନଦେଲେ ଆୟୋଗ ନିଜଆଡୁ ମାମଲାର ଅନ୍ତିମ ରାୟ ପ୍ରକାଶ କରିବେ ବୋଲି ଜଣାପଡ଼ିଛି।

'ମନିସୁଖ ସୁକ୍ୟୁରିଟି ଫାଇନାନ୍ସ ଲିମିଟେଡ୍'ର ଦିଲ୍ଲୀରେ ଅଫିସ୍ ରହିଛି। ସଂସ୍ଥା ଏଠାରେ ଲୋକଙ୍କୁ ଠକିବା ପାଇଁ ଯୋଜନା କରି ଲୋଭନୀୟ ଅଫର୍ ରଖିଥିଲା। ମନିସୁଖ ସିକ୍ୟୁରିଟ୍ ଆପ୍‌ରେ ଟଙ୍କା ଲଗାଇଲେ ତାହା ୨ ମାସରେ ଦୁଇଗୁଣା ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଲୋଭରେ ପଡ଼ି ଓଡ଼ିଶାର ଏକାଧିକ ଲୋକ ଏଥିରେ ନିବେଶ କରିଥିଲେ। ହେଲେ, ଲାଭ ଦୂର କଥା, ମୂଳ ବି ମିଳିଲାନି।

- ପୁଲିସ ଶୁଣିଲାନି, ଓଏଚ୍‌ଆରସିଙ୍କ ଦ୍ୱାରସ୍ଥ ହେଲେ ଯୁବକ
- ଭଦ୍ରକ ଏସ୍‌ପିଙ୍କୁ ଜବାବ ତଲବ; ୧୫ ସୁଦ୍ଧା ରିପୋର୍ଟ ଦେବେ
- ଦେଶରୁ ୧୦ ହଜାର କୋଟିର ଠକିଛି ସଂସ୍ଥା

ଶେଷରେ ଆପ୍‌ଟି ମଧ ବନ୍ଦ ହୋଇଯାଇଥିଲା। ଖାଲି ଓଡ଼ିଶା ନୁହେଁ, ଏହି ସଂସ୍ଥା ୧୦ ହଜାର କୋଟି ଟଙ୍କା ଠକେଇ କରିଛି।

ଭଦ୍ରକର ପ୍ରହଲ୍ଲାଦ ନାମକ ଜଣେ ଯୁବକ ମଧ ଏହି ସଂସ୍ଥା ଦ୍ୱାରା ଠକେଇର ଶିକାର ହୋଇଛନ୍ତି। ସଂସ୍ଥା ତାଙ୍କଠାରୁ ୩୩ଲକ୍ଷ ୭୮ ହଜାର ଟଙ୍କା ଠକି ନେଇଛି। ପ୍ରହଲ୍ଲାଦଙ୍କ କହିବା କଥା, ତାଙ୍କ ହ୍ୱାଟ୍ସଆପ୍‌କୁ ପ୍ରଥମେ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ମନିସୁଖ ସିକ୍ୟୁରିଟି ସଂସ୍ଥା ଆପ୍‌ରେ ଟଙ୍କା ଲଗାଇଲେ, ଦୁଇଗୁଣା ଅର୍ଥ ମିଳିବ ବୋଲି ସେଥିରେ କୁହାଯାଇଥିଲା। ମେସେଜ୍ ଆସିଥିବା ଫୋନ୍ ନମ୍ବରକୁ କଲ୍ କରିବା ପରେ ଠକ ତାଙ୍କୁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଆଡ୍ କରିଥିଲେ। ଏହାପରେ ସେଠାରେ ତାଙ୍କୁ ମନିସୁଖ ସିକ୍ୟୁରିଟି ଆପ୍‌କୁ ଡାଉନ୍‌ଲୋଡ୍ କରି ଟଙ୍କା ବିନିଯୋଗ କରିବାକୁ କୁହାଯାଇଥିଲା। ଆଗପଛ ବିଚାର ନ କରି ସେ ୩୩ଲକ୍ଷ ୭୮ହଜାର ଟଙ୍କା ବିନିଯୋଗ କରିଥିଲେ। ବଦଳରେ ସଂସ୍ଥା ତାଙ୍କୁ ୧କୋଟି ୧୪ଲକ୍ଷ ଟଙ୍କା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଦୁଇ ମାସ ପରେ ସେ ଆପ୍‌ରୁ ଆଉ ଟଙ୍କା ଉଠାଇ ପାରିନଥିଲେ। ପ୍ରହଲ୍ଲାଦ ଠକାମିର ଶିକାର ହୋଇଥିବା ଜାଣିବା ପରେ ୨୦୨୪ରେ ଭଦ୍ରକ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ବହୁ ଦିନ ବିତିଯାଇଥିଲେ ମଧ ପୁଲିସର ତଦନ୍ତ କିଛି ଆଗକୁ ବଢ଼ି ନଥିବାରୁ ସେ ରାଜ୍ୟ ମାନବାଧିକାର କମିସନ୍‌ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ହାତୀ ଶିକାରୀ ଗିରଫ, ୩ ଦେଶୀ ବନ୍ଧୁକ ସହ ଗୁଳି ଜବତ

ଭଞ୍ଜନଗର, ୩ା୧୧(ସମିସ): ବାଇବାଲି ଜଙ୍ଗଲର ଭାଗ ନମ୍ବର-୬ର ବାଣିଆପଲ୍ଲୀ ଗାଁ ପାଖ ଜଙ୍ଗଲରେ ୧୫ ବର୍ଷୀୟ ଦନ୍ତା ହାତୀକୁ ଗୁଳି କରି ମାରିବା ଘଟଣାରେ ବନ କର୍ମଚାରୀମାନେ ଉମାକାନ୍ତ ପ୍ରଧାନ ଓରଫ ନଣ୍ଡା (୫୦)କୁ ଗିରଫ କରିଛନ୍ତି। ତାଙ୍କ ନିକଟରୁ ୩ଟି ଦେଶୀ ବନ୍ଧୁକ ସହ ବିପୁଳ ପରିମାଣର ଦେଶୀ ବୁଲେଟ୍ ଓ ଗୁଳିରେ ମିଶାଉଥିବା ବିଷାକ୍ତ ବିସ୍ଫୋରକ ଜବତ କରାଯାଇଛି। ଏ ସମ୍ପର୍କରେ ମୁଜାଗଡ଼ ରେଞ୍ଜ କାର୍ଯ୍ୟାଳୟରେ ସୋମବାର ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ଓ ଏସିଏଫ୍ ବିବେକ ଦାଶ, ବିମଳ ପ୍ରଧାନ ଓ ରେଞ୍ଜର ବିଦ୍ୟାଧର ସାହୁ ଏକ ପ୍ରେସ୍ ମିଟ୍‌ରେ ସୂଚନା ଦେଇଛନ୍ତି। ମୁଜାଗଡ଼ ରେଞ୍ଜ କେଶ୍ ନମ୍ବର ଓଆର- ୪୩୨/୨୦୨୫-୨୬ ପ୍ରକାରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ଡିଏଫ୍‌ଓ ଶ୍ରୀ ମହାନ୍ତି କହିଛନ୍ତି।



ଅଭିଯୁକ୍ତ ଉମାକାନ୍ତ ଗତ ଗୁରୁବାର ରାତିରେ ନିଜ ଧାନ ଜମିକୁ ଜଗିବାକୁ ଗୋଟିଏ ଗୁଳି ଭର୍ତ୍ତି ଦେଶୀ ବନ୍ଧୁକ ଧରି ଯାଇଥିଲା। ଏହି ସମୟରେ ୨୪ ଟିକିଆ ହାତୀ ପଲ ମଧ୍ୟରୁ ୨ଟି ହାତୀ ତା'ର ଧାନ ଜମିରେ ପଶିଥିଲେ। ହାତୀକୁ ଦେଖି ସେ ପ୍ରଥମେ ୨ଟି ବାଣ ଫୁଟାଇଥିଲା। କିନ୍ତୁ ହାତୀ ଜମିରୁ ନଯିବା ଓ ତା' ଆଖି ଆଗରେ ଧାନ ଫସଲ ଖାଇବା ଦେଖି ହାତରେ ଧରିଥିବା ବନ୍ଧୁକରୁ ଗୁଳି ଫୁଟାଇଥିଲା। ପରେ ସେ ଘଟଣାସ୍ଥଳରୁ ଖସି ଆସି ନିଜ ଜମି ପାଖରେ ଏକ ବୁଦା ମୂଳେ ପାଲ ଘୋଡ଼ାଇ ବନ୍ଧୁକ ରଖି ଘରକୁ ଚାଲିଯାଇଥିଲା। ଅପରପକ୍ଷରେ ହାତୀଟି ମରିଥିବା ନେଇ ବନ କର୍ମଚାରୀମାନେ ଶନିବାର ଜାଣିବାକୁ ପାଇଥିଲେ। ଶବ ବ୍ୟବଚ୍ଛେଦ ବେଳେ ହାତୀର ଆଗ ପଟର ଡାହାଣ ଗୋଡ଼ ସନ୍ଧିରେ ଗୁଳିମାଡ଼ ହେବା ପରେ ହାତୀଟି ଘଟଣାସ୍ଥଳରୁ ପାଖାପାଖି ୪ ଶହ ମିଟର ଯାଇ ପଡ଼ିଯାଇଥିଲା ଓ ସେଠାରେ ହିଁ ମୃତ୍ୟୁବରଣ କରିଥିଲା ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି। ରବିବାର ରାତିରେ ବାଣିଆପଲ୍ଲୀ ଗାଁରେ ବନ ବିଭାଗ ପକ୍ଷରୁ ଫରେଷ୍ଟର ଟୁନା ମଳିକ, ବବୁଲ କୁମାର ସେଠୀ, ଅନୁପ କୁମାର ବିଷୋୟୀ ଓ ରାଜେନ୍ଦ୍ର ଦଳେଇଙ୍କ ସମେତ ବହୁ ଗଜସାଥୀ ଚଢ଼ଉ କରି ଅଭିଯୁକ୍ତଙ୍କୁ ଧରିଥିଲେ।

## ଆଜିଠୁ କମିବ ତାପମାତ୍ରା

ଭୁବନେଶ୍ୱର, ୩ା୧୧(ସମିସ): ଆସନ୍ତା ଦୁଇ ଦିନ ଭିତରେ ରାଜ୍ୟର ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ଫଳରେ ଥଣ୍ଡା ବଢ଼ିବ। ବିଶେଷକରି, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ଥଣ୍ଡାର ପ୍ରଭାବ ଅଧିକ ରହିବ। ବର୍ତ୍ତମାନ ଅଧିକାଂଶ ଅଞ୍ଚଳରେ ରାତି ତାପମାତ୍ରା ହାରାହାରି ୨୦ ଡିଗ୍ରୀ ମଧ୍ୟରେ ରହୁଛି। ଗତ ୨୪ ଘଣ୍ଟାରେ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୬ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୮ ଡିଗ୍ରୀ, ଫୁଲବାଣୀରେ ୧୮ ଡିଗ୍ରୀ, ଅନୁଗୁଳ ଓ ଭଦ୍ରକରେ ତାପମାତ୍ରା ୧୯ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଛି। ଅନ୍ୟପଟେ ମ୍ୟାଁମାର ଉପକୂଳରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟକୁ ଉତ୍ତରା ଶୁଷ୍କ ପବନ ଆସିବାରେ ମଧ ସ୍ଥିତି ସହାୟକ ହେଉଛି। ତେଣୁ, ରାଜ୍ୟକୁ ଉତ୍ତରା-ପଶ୍ଚିମ ଶୁଷ୍କ ଥଣ୍ଡା ବାୟୁ ପଶିବା ଯୋଗୁଁ ରାତିର ତାପମାତ୍ରା ହ୍ରାସ ହେବାରେ ଲାଗିଛି। ମ୍ୟାଁମାର୍ ଉପକୂଳରେ ଥିବା ଏହି ଲଘୁଚାପର କୌଣସି ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ। ଏହା ବାଂଲାଦେଶ ମୁହାଁ ହେବାର ସମ୍ଭାବନା ରହିଛି। ତେଣୁ ରାଜ୍ୟରେ ଆସନ୍ତା ୭ଦିନ ମଧ୍ୟରେ କାଁ ଭାଁ ଅଞ୍ଚଳକୁ ଛାଡ଼ିଦେଲେ ବାକି ସବୁ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବାର ସମ୍ଭାବନା ରହିଛି।

## ଯନ୍ତ୍ରୀଙ୍କ ନାଁରେ ସଂଗିନ୍ ଅଭିଯୋଗ

# ଅନ୍ତେବାସୀଙ୍କ ସହ ଅପ୍ରାକୃତିକ ଯୌନ ସଂପର୍କ


ବାରିପଦା, ୩ା୧୧(ସମିସ): ବାରିପଦା ସଦର ଥାନା ଅଧୀନ ହରିଶ୍ଚନ୍ଦ୍ରପୁରସ୍ଥିତ ଭଞ୍ଜଭୂମି ସଂସ୍କୃତ ବିଦ୍ୟାଳୟର ଆଦିବାସୀ ଛାତ୍ରାବାସର ଅନ୍ତେବାସୀଙ୍କ ସହ ଜଣେ ଯନ୍ତ୍ରୀ ଅପ୍ରାକୃତିକ ଯୌନ ସଂପର୍କ ରଖିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ସଂପର୍କରେ ପ୍ରଧାନ ପଣ୍ଡିତ ସେବତୀ ମହାନ୍ତ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଶ୍ୟାମାଖୁଣ୍ଟା ବ୍ଲକର ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ନାମରେ ଏହି ସଂଗିନ୍ ଅଭିଯୋଗ ଆସିଛି।

ସୂଚନାଯୋଗ୍ୟ ଯେ, ଭଞ୍ଜଭୂମି ସଂସ୍କୃତ ବିଦ୍ୟାଳୟରେ ଏକ ଶୌଚାଳୟ ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ଯନ୍ତ୍ରୀଜଣକ ରବିବାର ଆସି ଅନ୍ତେବାସୀଙ୍କୁ ନାନା ଧମକଚମକ ଦେଇଥିଲେ। ସେହିଦିନ ସନ୍ଧ୍ୟା ସାଢ଼େ ୭ଟାରେ ପୁଣି ଯନ୍ତ୍ରୀଜଣକ ଛାତ୍ରାବାସକୁ ଆସି ଅନ୍ତେବାସୀଙ୍କ ସହ ମିଶି ଯାଇଥିଲେ। ପରେ କଥାବାର୍ତ୍ତା କରି ୯ଜଣ ନାବାଳକଙ୍କୁ ଅଫିସ କୋଠରୀକୁ ନେଇ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ଏ ସମ୍ପର୍କରେ କାହାକୁ ଜଣାଇଲେ ସ୍କୁଲ ବନ୍ଦ କରିଦେବା ସହ ଜୀବନରୁ ମାରିଦେବାର ଧମକଚମକ ଦେଇଥିଲେ। ଏପରିକି, ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ନାଲି ଆଖି ଦେଖାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାର ବିଧିବଦ୍ଧ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲାରେ ଦର୍ଶାଯାଇଛି। ଏ ସମ୍ପର୍କରେ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନଥିବା ବେଳେ ଏଭଳି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଆଦିବାସୀ ଛାତ୍ରଙ୍କ ପ୍ରତି ଯନ୍ତ୍ରୀଙ୍କ ଏଭଳି ଆଚରଣକୁ ନେଇ ଅଭିଭାବକମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବାରିପଦା ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ, ଅଭିଯୋଗ କରିଥିବା ପ୍ରଧାନ ପଣ୍ଡିତ, ଛାତ୍ର, ବିଡିଓ ଓ ସଂପୃକ୍ତ ଯନ୍ତ୍ରୀଙ୍କୁ ପଚରାଉଚରା କରାଯିବା ସହ ସହ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

## ପାଟଣା ରେଞ୍ଜରେ ବୁଲୁଛି ବାଘ

କେନ୍ଦୁଝର/ତୁରୁମୁଙ୍ଗା, ୩ା୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ବିଟ୍ ଅନ୍ତର୍ଗତ କେନ୍ଦୁଝର-ମୟୂରଭଞ୍ଜ ସୀମାର ଗୋପୀନାଥପୁରଠାରେ ଏକ ବାଘର ପାଦଚିହ୍ନ ଠାବ ହୋଇଛି। ଦୁଇ ଦିନ ତଳେ ୧୨ ସେଣ୍ଟିମିଟର୍ ବିଶିଷ୍ଟ ଏକ ବାଘ ପାଦଚିହ୍ନ ଠାବ ହେବା ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏପରିକି, କିଛି ସ୍ଥାନୀୟ

- ପାଦଚିହ୍ନ ଠାବ ପରେ ଆତଙ୍କ
- ବନ ବିଭାଗ ଲଗାଇଲା ୩୫ ଟ୍ରାପ୍ କ୍ୟାମେରା



ଲୋକ ବାଘକୁ ଦେଖିଥିବା ମଧ କହିଛନ୍ତି। ଫଳରେ ସନ୍ଧ୍ୟା ହେଲେ ତାଟିକବାଟ ପଡ଼ିଯାଉଛି। ଏପରି ସ୍ଥିତିରେ ବାଘକୁ ଧରିବା ପାଇଁ ବନ ବିଭାଗ ତନାଘନା ଆରମ୍ଭ କରିଦେଇଛି। ଅଟେଇ ସଂରକ୍ଷିତ ଜଙ୍ଗଲରେ ୩୫ଟି ଟ୍ରାପ୍ କ୍ୟାମେରା ଲଗାଯାଇଥିବା କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି ଧନରାଜ ସୂଚନା ଦେଇଛନ୍ତି। ତେବେ ୨ଦିନ ମଧ୍ୟରେ ଏଯାଏଁ ଏଠାରେ ବାଘ ଦେଖାଯାଇ ନଥିବା ମଧ ସେ କହିଛନ୍ତି।

ଏହି ଅଞ୍ଚଳ ଏକ ବ୍ୟାଘ୍ର କରିଡର୍ ହୋଇଥିବାରୁ ସମୟ ସମୟରେ ଶିମିଳିପାଳରୁ ଅଟେଇ ଜଙ୍ଗଲକୁ ବାଘ ଆସି ପୁନର୍ବାର ଫେରି ଯାଇଥାନ୍ତି। ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବାଘ ପାଇଁ ଅଧିକ ତୃଣଭୋଜି ବନ୍ୟପ୍ରାଣୀ ରହିଥିବାରୁ ବାଘ ଏଠାକୁ ଆସିଥା'ନ୍ତି। ୨୦-୨୨ ମାସର ଏକ ବାଘ ଶିମିଳିପାଳରୁ ବାହାରି ବ୍ୟାଘ୍ର କରିଡର୍ ମଧ୍ୟରେ ଚଳପ୍ରଚଳ କରୁଥିବା ବନଖଣ୍ଡ ଅଧିକାରୀ କହିଛନ୍ତି। ବ୍ୟାଘ୍ର କରିଡର୍ ଶିମିଳିପାଳରୁ ଆରମ୍ଭ ହୋଇ ଠାକୁରମୁଣ୍ଡା, ଆନନ୍ଦପୁର, ସନ୍ତୋଷପୁର ସଂରକ୍ଷିତ ଜଙ୍ଗଲ, ଅଟେଇ ସଂରକ୍ଷିତ ଜଙ୍ଗଲ ଦେଇ ରେବଣାଓସାତକୋଶିଆଯାଏ ଲମ୍ବିଛି। ସମୟ ବ୍ୟବଧାନରେ ଏହି କରିଡର୍ ଦେଇ ଅଟେଇ ଜଙ୍ଗଲକୁ ବାଘ ଆସି ପୁନର୍ବାର ଫେରି ଯାଉଥିବା ସେ କହିଛନ୍ତି। କେନ୍ଦୁଝର ଜିଲ୍ଲାର ଘଞ୍ଚ ଅଟେଇ ଜଙ୍ଗଲକୁ ବାଘ ଆସିବା ଏକ ଶୁଭ ସଙ୍କେତ ବୋଲି କହିବା ସହ ଏଥିପାଇଁ ବନବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଡିଏଫଓ ଧନରାଜ କହିଛନ୍ତି।

ଅପରପକ୍ଷେ, ଲୋକଙ୍କ ଧନଜୀବନ ପ୍ରତି ବିପଦ ଥିବାରୁ ଆଖପାଖ ଅଞ୍ଚଳରେ ବନ ବିଭାଗ ଲୋକଙ୍କୁ ସତର୍କ କରାଇଛି। ଜଙ୍ଗଲ ଭିତରକୁ ନିଜେ ନ ଯିବା ସହ ଗୃହପାଳିତ ପଶୁଙ୍କୁ ମଧ ନ ଛାଡ଼ିବାକୁ ଗାଁ ଗାଁରେ ସଚେତନ କରାଯାଉଛି।

## ସିଜିଏଲ୍ ଷ୍ଟାଟିଷ୍ଟିକାଲ୍ ଅଫିସର୍ ନିଯୁକ୍ତିରେ ବିଳମ୍ବ

# ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ଘେରିଲେ ଆଶାୟୀ

ଭୁବନେଶ୍ୱର, ୩ା୧୧(ସମିସ): ସିଜିଏଲ୍ ଷ୍ଟାଟିଷ୍ଟିକାଲ୍ ଅଫିସର୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ବର୍ଷେ ପୂରିବ। ଏହାରି ମଧ୍ୟରେ ପ୍ରିଲିମିନାରୀ ପରୀକ୍ଷା ପାଇଁ ୩ଥର ବିଜ୍ଞପ୍ତି ବାହାରିଲାଣି। ପ୍ରତିଥର ପରୀକ୍ଷାର୍ଥୀଙ୍କୁ ଆଡମିଟ୍ କାର୍ଡ ମଧ ଦିଆଯାଇଛି। ହେଲେ ପରୀକ୍ଷାର ଠିକ୍ ପୂର୍ବରୁ ଏହାକୁ ବାତିଲ୍ କରି ଦିଆଯାଉଛି। ଦୀର୍ଘ ବର୍ଷେ ପରେ ମଧ ପରୀକ୍ଷା ନେଇ କୌଣସି ସ୍ୱଷ୍ଟତା ଆସୁ ନଥିବାରୁ ସୋମବାର ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି) କାର୍ଯ୍ୟାଳୟକୁ ଯାଇ ଆଶାୟୀମାନେ ଜବାବ୍ ମାଗିଛନ୍ତି। କେବେ ସୁଦ୍ଧା ପରୀକ୍ଷା କରିବେ ବୋଲି ପ୍ରଶ୍ନ କରିବା ସହ ତ୍ୱରିତ ପରୀକ୍ଷା କରିବାକୁ ମଧ ନିବେଦନ କରିଛନ୍ତି।

ସୂଚନାଅନୁଯାୟୀ, ୨୦୨୪ ମସିହା ନଭେମ୍ବର ୧୮ ତାରିଖରେ ଷ୍ଟାଟିଷ୍ଟିକାଲ୍ ଅଫିସର୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୋଟ୍ ୧୭୪ଟି ଗ୍ରୁପ୍-ବି' ପଦରେ ନିଯୁକ୍ତି ପାଇଁ ଏପ୍ରିଲ୍ ୬ ରେ ପ୍ରିଲିମିନାରୀ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷାର୍ଥୀଙ୍କୁ ଆଡମିଟ୍ କାର୍ଡ ମଧ ପ୍ରଦାନ କରଯାଇଥିଲା। ହେଲେ ପରୀକ୍ଷାର ମାତ୍ର ଦୁଇଦିନ ପୂର୍ବରୁ ଅର୍ଥାତ୍ ୪ ତାରିଖରେ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ମାତ୍ର ସପ୍ତାହେ ପରେ ଅର୍ଥାତ୍ ୧୩ ତାରିଖରେ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା। ନୂତନ ଆଡମିଟ୍ କାର୍ଡ ମଧ ପ୍ରଦାନ କରାଗଲା। ହେଲେ ପୁଣିଥରେ ପରୀକ୍ଷାର ମାତ୍ର ଦୁଇଦିନ ପୂର୍ବରୁ ଅର୍ଥାତ୍ ୧୧ ତାରିଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଥିଲା। ଏହା ଏକ ଗାଣିତିକ ପଦ ହୋଇଥିବାରୁ ତତ୍‌ସମ୍ବନ୍ଧୀୟ ଯୋଗ୍ୟତା ଥିବା



ପିଲାଙ୍କ ଆବେଦନ ହିଁ ରଖିବାକୁ ସର୍ଟଲିଷ୍ଟ କରିବେ ବୋଲି କାରଣ ଦର୍ଶାଗଲା। ଫଳରେ ପ୍ରାୟ ୮୦ ହଜାର ପିଲା ଆବେଦନକାରୀଙ୍କ ମଧ୍ୟରୁ ପାଖାପାଖି ୫୫ ହଜାର ପିଲା ବାଦ୍ ପଡ଼ିଥିଲେ। ବିଜ୍ଞପ୍ତି ପ୍ରକାଶ କରିବା ସମୟରେ ଶିକ୍ଷାଗତ ଯୋଗ୍ୟତା କଣ ରହିବ ବୋଲି କର୍ତ୍ତୃପକ୍ଷ କିପରି ଜାଣି ପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାପରେ ମାତ୍ର ୨୫ହଜାର ପିଲାଙ୍କୁ ନେଇ ପ୍ରିଲିମିନାରୀ ପରୀକ୍ଷା କରିବା ପାଇଁ ଓଏସ୍‌ଏସ୍‌ସି ପକ୍ଷରୁ ପୁନଃ ବିଜ୍ଞପ୍ତି ପ୍ରକାଶ ପାଇଲା। ସେପ୍ଟେମ୍ବର ୨୧ ତାରିଖରେ ପରୀକ୍ଷା କରିବା ପାଇଁ ଧାର୍ଯ୍ୟ କରିଥିବାବେଳେ ପୂର୍ବପରି ପରୀକ୍ଷାର ମାତ୍ର ଦୁଇଦିନ ଆଗରୁ ଅର୍ଥାତ୍ ୧୯ ତାରିଖରେ ବାତିଲ୍ କରିଦିଆଗଲା। ତୃତୀୟ ଥର ପାଇଁ ପରୀକ୍ଷା ବାତିଲ୍ ହେବାରୁ ବର୍ଷାଧିକ ସମୟ ପ୍ରସ୍ତୁତି କରୁଥିବା ଆଶାୟୀମାନେ ନିରାଶ ହୋଇଥିଲେ।

ଅପରପକ୍ଷରେ ଏହି ପଦ ପାଇଁ ପ୍ରକାଶିତ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ଯୋଗୁଁ କିଛି ଆଶାୟୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଅକ୍ଟୋବର ୧୩ ତାରିଖରେ ଶୁଣାଣୀ ପାଇଁ ଧାର୍ଯ୍ୟ ହୋଇଥିଲେ ମଧ ଆଗକୁ ଆଉ ତାରିଖ ପଡୁନାହିଁ। ଫଳରେ ମାମଲାର ଅନ୍ତ କେବେ ଘଟିବ ସେନେଇ ସମସ୍ତଙ୍କ ମନରେ ସଂଶୟ ଲାଗି ରହିଛି। ଖୁବଶୀଘ୍ର ମାମଲାର ଶୁଣାଣୀ ପାଇଁ ଓଏସ୍‌ଏସ୍‌ସି ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ଆଶାୟୀମାନେ ଆନ୍ଦୋଳନରୁ ଓହରିଛନ୍ତି।

ସାମଗ୍ରିକ ଭାବେ ପରୀକ୍ଷା ବିଳମ୍ବର କାରଣ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ହୋଇଥିଲେ ମଧ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ସରକାର କୌଣସି

- ପରୀକ୍ଷାର ୨ ଦିନ ପୂର୍ବରୁ ୩ ଥର ଘୁଞ୍ଚିଲାଣି ପରୀକ୍ଷା
- ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ କୋର୍ଟକୁ ଯାଇଛି ମାମଲା
- ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ୍

କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ଫଳରେ ରାଜ୍ୟରେ ହେଉଥିବା ଅନ୍ୟ ନିଯୁକ୍ତି ପରୀକ୍ଷାରେ ମଧ ସମାନ ଧରଣର ତ୍ରୁଟି ପରିଲକ୍ଷିତ ହେଉଛି। ବାରମ୍ବାର ପରୀକ୍ଷା ପରିଚାଳନାରେ ତ୍ରୁଟି ଓ ବିଭ୍ରାଟ ପରୀକ୍ଷାର୍ଥୀଙ୍କ ମନୋବଳକୁ ଦୁର୍ବଳ କରୁଥିବାବେଳେ ପରୀକ୍ଷା ଦେଇ ନପାରି ମାନସିକ ଯନ୍ତ୍ରଣାରେ ଛଟପଟ ହେଉଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

## ରାବଣା-ମାର୍ଥାପୁର ରାସ୍ତା ମରାମତି ଅର୍ଥ ହଡ଼ପ

# ବିପଦସଙ୍କୁଳ ରାସ୍ତା ପାଲଟିଛି ମରଣଯନ୍ତା



**ଯଖପୁରା,୩।୧୧(ସମିସ):** ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମାଣ ହେଉଥିବା ରାବଣା-ମାର୍ଥାପୁର ରାସ୍ତାର ମରାମତି ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହେଉଛି। ଏହି ରାସ୍ତା ନିର୍ମାଣ ସରିବା ବର୍ଷ ଠାରୁ ପ୍ରାୟ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମରାମତି କରିବାର ଅବଧି ରହିଥିବାର ସୂଚନା ରହିଛି। ପ୍ରତିବର୍ଷ ରାସ୍ତା ମରାମତି ପାଇଁ ଅର୍ଥ ବ୍ୟୟ ବରାଦ ରହିଥାଏ। କିନ୍ତୁ ଠିକାଦାର ସେ କ୍ଷେତ୍ରରେ ରାସ୍ତା ମରାମତି ନକରି ମରାମତି ନାଁରେ ଥିବା ଅର୍ଥକୁ ଚଲୁ କରୁଥିବା ଦେଖିବାକୁ ମିଳୁଛି। ସେମିତି ଏକ ଦୃଶ୍ୟ ଦାନଗଦି ବ୍ଲକ ଅନ୍ତର୍ଗତ ମାଣତୀରା ପଞ୍ଚାୟତର ରାବଣା ମାର୍ଥାପୁର ରାସ୍ତା କ୍ଷେତ୍ରରେ ଦେଖିବାକୁ ମିଳିଛି। ୨୦୨୨ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାବଣା ଗ୍ରାମଠାରୁ ମାର୍ଥାପୁର ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୬.୧୦୦ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିଲା। ୪.୫୧୫ କିମି କଂକ୍ରିଟ ରାସ୍ତା ଓ ୧.୫୫୫ କିମି ପିଚୁ ରାସ୍ତା ନିର୍ମାଣରେ ପ୍ରାୟ ୬ କୋଟି ୮୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହି ରାସ୍ତାଟିର ନିର୍ମାଣ କାର୍ଯ୍ୟ ୨୦୨୩ ମସିହାରେ ଶେଷ ହୋଇଥିଲା। ଏହି ରାସ୍ତାଟି ଶିଳ୍ପାଞ୍ଚଳର ସମସ୍ତ କାରଖାନାକୁ ସଂଯୋଗ କରୁଛି। ଏହି ରାସ୍ତା ଉପରେ ପ୍ରତି ଦିନ ପ୍ରାୟ ପାଞ୍ଚରୁ ଦଶ ହଜାର ଲୋକ ଯିବା ଆସିବା କରିଥାନ୍ତି। ତେଣୁ ଧର୍ମଶାଳା ଓ ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ପ୍ରତି ଦିନ ଅନେକ ଲୋକ ଯିବା ଆସିବା କରିଥାନ୍ତି। ରାଛିପୁର,ଖପୁରିଆପଦା, କୁମ୍ଭିରଗଡିଆ,ମାଣତୀରା, ଯଖପୁରା ଆଦି ପଞ୍ଚାୟତର ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେବେ ଏହି ରାସ୍ତା ନିର୍ମାଣ ସମୟରେ ବ୍ୟାପକ ଦୁର୍ନୀତି ଦେଖିବାକୁ ମିଳିଥିଲା। ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଠକେଇ ହୋଇଥିବାର ଅଭିଯୋଗ ଆସିଥିଲା। ମାତ୍ର ରାସ୍ତା ନିର୍ମାଣ ପର ଠାରୁ ରାସ୍ତା ମରାମତି କରିବା ଠିକାଦାରଙ୍କ ଦାୟିତ୍ୱ ହୋଇଥିବା ସତ୍ତ୍ୱେ ଦୁଇ ବର୍ଷ ପରେ ମଧ ରାସ୍ତା ମରାମତି ନାଆଁ ଧରୁନି ଠିକାଦାର। ରାସ୍ତା ମରାମତି ପାଇଁ ୨୦୨୩-୨୪ ବର୍ଷ ପାଇଁ ୪ ଲକ୍ଷ ୩ ହଜାର ଟଙ୍କା ଓ ୨୦୨୪-୨୫ ବର୍ଷ ପାଇଁ ୫ ଲକ୍ଷ ୨୭ ହଜାର ଟଙ୍କା, ୨୦୨୫-୨୬ ବର୍ଷ ପାଇଁ ୬ ଲକ୍ଷ ୫୨ ହଜାର, ୨୦୨୬-୨୭ ବର୍ଷ ପାଇଁ ୭ ଲକ୍ଷ ୭୬ ହଜାର ଓ ୨୦୨୭-୨୮ ବର୍ଷ ପାଇଁ ୯ ଲକ୍ଷ ୧ ହଜାର ଟଙ୍କା ରାସ୍ତା ମରାମତି ହେବାରେ ଖର୍ଚ୍ଚ ହେବ ବୋଲି ସୂଚନା ରହିଛି। ରାସ୍ତା ମରାମତି ବାବଦରେ ମୋଟ ୩୨ ଲକ୍ଷ ୬୦ ହଜାର ଟଙ୍କା ଖର୍ଚ୍ଚ ହେବାକୁ ପ୍ରାବଧାନ ରହିଛି। ମାତ୍ର ଠିକାଦାର ୨୦୨୩-୨୪ ଓ ୨୦୨୪-୨୫ ବର୍ଷ ପାଇଁ ରାସ୍ତା ମରାମତି ନାଁରେ ଟଙ୍କା ଉଠାଣ କରିସାରିଛି ବୋଲି ଅଭିଯୋଗ ହୋଇଛି। ମାତ୍ର ରାସ୍ତା ମରାମତି କାର୍ଯ୍ୟ ଆଦୌ ହୋଇ ନାହିଁ। ରାସ୍ତା ର କିଛି କିଛି ସ୍ଥାନରେ ପ୍ୟାଚ୍ ପକାଇ ମରାମତି ପାଇଁ ଥିବା ମୋଟ ଅର୍ଥକୁ ଠିକାଦାର ଉଠାଇ ସାରିଥିବା କୁହାଯାଉଛି। ରାସ୍ତା ମରାମତି କରିବାକୁ ହେଲେ ରାସ୍ତାର ଉଭୟ ପାଶ୍ୱର୍ ସଫେଇ, ବର୍ଷାକୁ ଥରେ ପାଣିକଟା ଧାରା ରାସ୍ତା ନିର୍ମାଣ କରିବା, ରାସ୍ତାରେ ଫାଟ ଓ ଗର୍ତ୍ତ ହେଲେ ଦରକାର ଅନୁସାରେ ମରାମତି କରିବା, ରାସ୍ତା ପାର୍ଶ୍ୱରେ ନିର୍ମାଣ ହୋଇଥିବା କଲ୍‌ଭର୍ଟ ମରାମତି କରିବା, ରାସ୍ତା ପାର୍ଶ୍ୱରେ ଥିବା ନଳା ସଫା କରିବା ଆଦି ଏମିତି ଅନେକ କାର୍ଯ୍ୟ ମରାମତି କରିବା ପାଇଁ ଥିବା ସତ୍ତ୍ୱେ ଠିକାଦାର ତଞ୍ଚକତା କରି କୌଣସି ମରାମତି କାର୍ଯ୍ୟ ନକରି ଦୁଇ ବର୍ଷର ମରାମତି ଅର୍ଥକୁ ହଡ଼ପ କରି ନେଇଥିବାର ଅଭିଯୋଗ ହୋଇଛି।

ମରାମତି ଅଭାବରୁ ରାସ୍ତାର ଅବସ୍ଥା ଅତି ଖରାପ ହୋଇଗଲାଣି। ଅନେକ ଗାଁର ନଷ୍ଟ ହୋଇଗଲାଣି। ରାବଣାଠାରୁ କେନ୍ଦୁଡ଼ିପ୍ ପର୍ଯ୍ୟନ୍ତ ରାସ୍ତା ଅତି କଦର୍ଯ୍ୟ ହୋଇପଡିଛି। ହେତାଗାଡ଼ିଆ ଉଚ୍ଚ ସେତୁର ଉଭୟ ପାଶ୍ୱର୍ କାର୍ଯ୍ୟ ଶେଷ ହୋଇନାହିଁ। କେନ୍ଦୁଡିପ୍ ତଳ ସାହି ରାସ୍ତାରୁ ହେତାଗାଡିଆ ରାସ୍ତା ଫାଟି ଆଁ କଲାଣି। ରାସ୍ତାରେ ଅନେକ ଜାଗା ଫାଟ ମାରିଥିବା ବେଳେ ଅନେକ ଜାଗାରେ ରାସ୍ତା ଉପରେ ଗାତ ସବୁ ଦେଖିବାକୁ ମିଳୁଛି। ଆଉ କିଛି କିଛି ଜାଗାରେ ରାସ୍ତା ଉପରୁ ଚିପ୍ସ ସବୁ ବାହାରି ପଡ଼ିଲାଣି। କେନ୍ଦୁଡିପ୍ ଓ କୁମ୍ଭିରଗଡିଆ ଠାରେ ରାସ୍ତାର ଉଭୟ ପାଶ୍ୱର୍ର ନାଳ ସବୁ ବନ୍ଦ୍ ହୋଇପଡିଛି। ଫଳରେ ପାଣି ନିଷ୍କାସନ ହୋଇପାରୁ ନାହିଁ। ପାଣି ରାସ୍ତା ଉପରେ ଚାଲୁଛି। ନିମମାନର ପିଚୁ ରାସ୍ତା ହୋଇଥିବାରୁ ରାସ୍ତାରୁ ପିଚୁ ସବୁ ଉଠିଗଲାଣି। ଅତଏବ ଦୁଇ ବର୍ଷ ଭିତରେ କୋଟି କୋଟି ଟଙ୍କାରେ ନିର୍ମିତ ରାସ୍ତାର ଅବସ୍ଥା ଖାଲ ଢିପରେ ପୂର୍ଣ୍ଣ ହୋଇଗଲାଣି। ତୁରନ୍ତ ଏହି ରାସ୍ତା ପ୍ରତି ଧ୍ୟାନ ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ତଥା ଉଚ୍ଚଯନ୍ତ୍ରୀ, ଯନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବା ସହିତ ତଞ୍ଚକତା କରିଥିବା ଠିକାଦାର ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ଗ୍ରାମର ଗ୍ରାମବାସୀ ଦାବି କରିଛନ୍ତି।

## ବିଦ୍ୟାଳୟ ସମୂହ ଖୋ-ଖୋ ପ୍ରତିଯୋଗିତା ଉଦ୍‌ଯାପିତ



**ବିଞ୍ଝାରପୁର,୩।୧୧(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତସ୍ଥିତ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଦୁଇଦିନିଆ ଜିଲ୍ଲାସ୍ତରୀୟ ଖୋ-ଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ସୁକିନ୍ଦା ବ୍ଲକ ବାଳିକା ଦଳ ରସୁଲପୁର ବ୍ଲକ ବାଳିକା ଦଳକୁ ହରାଇ ଚାମ୍ପିଅନ ହୋଇଥିବା ବେଳେ ବାଳକ ବିଭାଗରେ ବିଞ୍ଝାରପୁର ବ୍ଲକ ବାଳକ ଦଳ ଦାନଗଦି ବାଳକ ଦଳକୁ ହରାଇ ଚାମ୍ପିଅନ ହୋଇଛି। ସେହିପରି ୧୪ ବର୍ଷରୁ କମ ବିଭାଗରେ ବିଞ୍ଝାରପୁର ବାଳିକା ଦଳ ରସୁଲପୁର ବାଳିକା ଦଳକୁ ହରାଇ ଚାମ୍ପିଅନ ହୋଇଛି। ବିଞ୍ଝାରପୁର ବାଳକ ଦଳ ଦାନଗଦି ବ୍ଲକ ବାଳକ ଦଳକୁ ହରାଇ ଚାମ୍ପିଅନ ହୋଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଞ୍ଝାରପୁର ବ୍ଲକର ଭାରପ୍ରାପ୍ତ ଶିକ୍ଷାଧିକାରୀ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟବ୍ରତ ମିଶ୍ର, ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ପ୍ରଶିକ୍ଷକ ସବିତା ନାୟକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମଧୁସୂଦନ ଧଳ, ଶମ୍ଭୁନାଥ ଦାଶ, ନନ୍ଦକିଶୋର ନାୟକ, ମଧୁସୂଦନ ଧଳ, ରାଜେନ୍ଦ୍ର କୁମାର ଦାସ, ବିଦ୍ୟାଳୟର ଏସ୍‌ଏମ୍‌ସିର କମିଟି ସଭାପତି ଦିଲିପ୍ କୁମାର ରାଉଳ, ରାଜେଶ କୁମାର ସେଠୀ ଅତିଥି ରୂପେ ଯୋଗ ଦେଇଥିଲେ।

## ବରୁଆଁ ଧବଳେଶ୍ୱର ମନ୍ଦିରରେ ବଡ଼ଓଷା



**ବରୁଆଁ,୩।୧୧(ସମିସ):** ଯାଜପୁର ବ୍ଲକ୍ ଅନ୍ତର୍ଗତ ବରୁଆଁ ଧବଳେଶ୍ୱର ପୀଠରେ ବଡ଼ଓଷା ପାଳିତ ହୋଇଯାଇଅଛି। ଆଜି ପ୍ରତ୍ୟୁଷରୁ ଧବଳେଶ୍ୱର ମହାପ୍ରଭୁଙ୍କର ସ୍ନାନ ପରେ ବଡ଼ସିଂହାର ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଛନ୍ତି। ସକାଳୁ ଶତାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ସକାଳ ନିତିକାନ୍ତି ପରେ ରାତିରେ ପ୍ରଭୁଙ୍କ ନିକଟରେ ଗଜଭୋଗ ଲାଗି କରାଯିବ ଓ ମଙ୍ଗଳବାର ସକାଳୁ ଭୋଗ ବଣ୍ଟା ଯିବ ବୋଲି ମନ୍ଦିରର ପୂଜକ ନାରାୟଣ ଚନ୍ଦ୍ର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ଠାରୁ ପ୍ରକାଶ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

**ମଙ୍ଗଳପୁର,୩।୧୧(ସମିସ):** ସାଆଁଳପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଦଶରଥପୁର ବ୍ଲକ ଦଉପୁର ପଞ୍ଚାୟତସ୍ଥ ଅର୍ଦ୍ଧାଉଳିଆ ଗ୍ରାମର ସାଧୁଚରଣ ଷଡ଼ଙ୍ଗୀ (୭୦) ପରଲୋକ ହୋଇଯାଇଛି। ଆଜି ତାଙ୍କ ମରଶରୀର ଭୁବନେଶ୍ୱରରୁ ନିଜ ଜନ୍ମ ସ୍ଥାନ ଅର୍ଦ୍ଧାଉଳିଆକୁ ଅଣାଯାଇଥିଲା। ବୈଷପାନ ନିକଟରୁ ଦୁଦୁରାଅନ୍ତା ପଞ୍ଚାୟତ, ଦଉପୁର ପଞ୍ଚାୟତ, ଦଶରଥପୁର ବ୍ଲକ ସିପିଏମ୍ କାର୍ଯ୍ୟକର୍ତ୍ତା ମାନେ ଏକ ବାଇକ୍ ଶୋଭାଯାତ୍ରାରେ କୁଆଁରସାହି, ଗୁଡ଼ିଆପାଟଣା, ଶାସନ, ଅର୍ଦ୍ଧାଉଳିଆ, ଦଉପୁର, ନାରାୟଣପୁର, ହେମନ୍ତପୁର, ବାଲିପାଟଣା ଆଦି ଗ୍ରାମ ପରିକ୍ରମା କରିଥିଲେ। ମରଶରୀରକୁ ଅର୍ଦ୍ଧାଉଳିଆ ନୋଡାଲ ଉପ୍ରା ବିଦ୍ୟାଳୟ, ଅର୍ଦ୍ଧାଉଳିଆ ବାଳିକା ଉଚ୍ଚ ବିଦ୍ୟାଳୟ, ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଶୋଭାଯାତ୍ରାରେ ବରିଷ୍ଠ ବିଜେଡି ନେତା ମନୋଜ ରାଉତ, ଶିକ୍ଷକ ନେତା ଧର୍ମାନନ୍ଦ ମଲ୍ଲିକ, ଦୁଦୁରାଅନ୍ତା ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଜିତେନ୍ଦ୍ର ମଲ୍ଲିକ, ଦୁଦୁରାଅନ୍ତା ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ସେଠୀ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ତ୍ରିପାଠୀ, ଦଉପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ମନୋରଞ୍ଜନ ପରିଡା, ଦୁଦୁରାଅନ୍ତା ବିଜେପି ସଭାପତି ଧନଞ୍ଜୟ ମଲ୍ଲିକ, ବିଜେଡି ସଭାପତି ପିତାମ୍ବର ମାଝୀ, ଦଉପୁର ଦୁଦୁରାଅନ୍ତା ଶାଖା ସିପିଆଇ ସମ୍ପାଦକ ରାଧାଶ୍ୟାମ ରାଉତ, ଶିଶିର ରାଉତ, ତୁଷାର ସାମଲ, ସଦାନନ୍ଦ ସାହୁ, ପୂର୍ଣଚନ୍ଦ୍ର ଦାସ,ପ୍ରକାଶ ନାୟକ, ବରିଷ୍ଠ ସମାଜସେବୀ କିଶୋର ତ୍ରିପାଠୀ, ସିପିଏମ ରାଜ୍ୟ ପରିଷଦ ସଭ୍ୟ ସନ୍ତୋଷ ଦାସ, ଯାଜପୁର ଜିଲ୍ଲା ସମ୍ପାଦକ ନିର୍ମଳ ରଥ, ସିଟୁ ସମ୍ପାଦକ ନିର୍ମଳ ନାୟକ, ଗଣେଶ ସାହୁ, ଜିତେନ୍ଦ୍ର ମେକାପ ପ୍ରମୁଖ ବହୁ ଅଞ୍ଚଳବାସୀ ଯୋଗଦେଇଥଲେ। ବଡ଼ପୁଅ ଦେବଦୁର୍ଲଭ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ।

## ● କାଳିଆପାଣି ଡି-କ୍ୱାରିରେ ପୁନଃ ନିଯୁକ୍ତି ଘଟଣା

# ଆନ୍ଦୋଳନ ପ୍ରତ୍ୟାହାର କଲା ଶ୍ରମିକ ସଂଘ

**କାଳିଆପାଣି,୩।୧୧(ସମିସ):** କାଳିଆପାଣି ଓଏମ୍‌ସି ଡି-କ୍ୱାରି ଖଣିରେ ପୁନଃ ନିଯୁକ୍ତି ନେଇ ଗତ ୪ ଦିନ ଧରି ଚାଲୁଥିବା ଶ୍ରମିକ ସଂଘ ଆନ୍ଦୋଳନ ଆଜି ପ୍ରତ୍ୟାହାର ହୋଇଛି। ଶ୍ରମିକ ସଂଘର ଅଷ୍ଟପ୍ରହରୀ ନାମଯଜ୍ଞ ହେତୁ ଆନ୍ଦୋଳନକୁ ୭ ଦିନ ସ୍ଥଗିତ ରଖାଯାଇଛି। ଏହା ମଧ୍ୟରେ ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ପୁନଃ ଧାରଣାରେ ବସିବାକୁ ଲିଖିତ ଅଭିଯୋଗ ଦେଇଛନ୍ତି। ଏହି ଅବସରରେ ଡି-କ୍ୱାରିଖଣିର ଖଣିପ୍ରବନ୍ଧକ ସୁଶାନ୍ତ ନାୟକଙ୍କୁ ଦାବି ପତ୍ର ଦିଆଯାଇଛି। ଶ୍ରମିତ ସଂଘର ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ଉପସଭାପତି ପ୍ରଭାତ ପ୍ରଧାନ, ନିମଳେନ୍ଦୁ ବେହୁରା, ଭଗବତୀ ମହାନ୍ତ, ଜିଲ୍ଲାପରିଷଦ ସଭ୍ୟା ଜେମା ଚାଖି, ବୈକୁଣ୍ଠ ମହାନ୍ତ, ବିଶ୍ୱଜିତ୍ ମହାନ୍ତି, ଲିଟୁ ପାତ୍ର, ଦଶରଥ ମହାନ୍ତ, ସୁଶାନ୍ତ ପ୍ରଧାନ, ଆଶିଷ କୁମାର ଜେନା, ବିଜୟ ପରିଡ଼ା, ଶିବାନନ୍ଦ ରାଉତ୍, ସନ୍ୟାସୀ ସାମଲ, ପିମ୍ପୁଡିଆ ସମିତିସଭ୍ୟା ପାଙ୍କଜିନି ମହାନ୍ତ, କାଙ୍କଡ଼ ପାଳ ସରପଞ୍ଚ ସଞ୍ଜୟ ପରିଡ଼ା ଉପସ୍ଥିତ ଥିଲେ।



## ବିଦ୍ୟାଳୟରେ ଅବ୍ୟବସ୍ଥା

# ପ୍ରତିବାଦରେ ତାଲା ପକାଇଲେ ଅଭିଭାବକ



**ସିଂହପୁର,୩।୧୧(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରମୁଁ ପଞ୍ଚାୟତ ମଲ୍ଲିପୁର ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ଆଜି ଅଭିଭାବକ ଓ ଗ୍ରାମବାସୀ ତାଲା ପକାଇ ପ୍ରତିବାଦ କରିଛନ୍ତି। ପାଞ୍ଚଟି ଶ୍ରେଣୀରେ ୧୨୬ ପିଲା ପାଠ ପଢୁଥିବା ବେଳେ ଜଣେ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଅଛନ୍ତି। ଅନ୍ୟ ଜଣେ ଶିକ୍ଷକଙ୍କୁ ଏହି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରାଯାଇଛି। ହେଲେ ତାଙ୍କ ପରିବର୍ତ୍ତେ କୌଣସି ଶିକ୍ଷକଙ୍କୁ ନିଯୁକ୍ତ କରାଯାଇନାହିଁ। ଫଳରେ ପାଠପଢାରେ ବ୍ୟାହତ ସୃଷ୍ଟି ହେଉଛି। ଅନ୍ୟ ପକ୍ଷରେ ଉତ୍ତମ ଶୈକ୍ଷିକ ବାତାବରଣ ପାଇଁ ସରକାର ବିଦ୍ୟାଳୟ ମାନଙ୍କରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଉତ୍ତମ ପରିବେଶ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଏହି ବିଦ୍ୟାଳୟରେ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ଛାତ୍ରଛାତ୍ରୀ ମାନେ ବ୍ୟବହାର କରୁଥିବା ଶୌଚାଳୟ ମଧ ବ୍ୟବହାର ଅନୁପଯୋଗୀ ହୋଇ ପଡିଛି। ଏଠାରେ ଛାତ୍ରଛାତ୍ରୀଙ୍କ ପାଇଁ ଭଲ ଶୌଚାଳୟ ନଥିବାରୁ ଛାତ୍ରଛାତ୍ରୀ ଶୌଚ ହେବାକୁ ନିକଟରେ ଥିବା ନଦୀକୁ ଯାଉଛନ୍ତି। କାର୍ଯ୍ୟରତ ଶିକ୍ଷୟିତ୍ରୀ ଜଣଙ୍କ ବିଭିନ୍ନ ସମୟରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ପିଲାମାନେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ମଧ୍ୟାହ୍ନ ଭୋଜନ କରୁଛନ୍ତି। ବିଭିନ୍ନ ସମସ୍ୟା ରହିଥିଲେ ମଧ ବାରମ୍ବାର ଅଭିଯୋଗ ପରେ କୌଣସି ସୁଫଳ ନମିଳିବାରୁ ଅଭିଭାବକମାନେ ଏଭଳି ପ୍ରତିବାଦ କରିଛନ୍ତି। ଅଭିଭାବକ ମାନେ ଆଜି ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିବା ସହ ହୋହାଲ୍ଲା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଏବିଇଓ ପହଞ୍ଚି ଅଭିଭାବକମାନଙ୍କୁ ବୁଝାସୁଝା କରିବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ହବିଷ୍ୟାଳିଙ୍କ ରାଇ ଦାମୋଦର ପୂଜା

**ଯାଜପୁର,୩।୧୧(ସମିସ):** ପଞ୍ଚୁକ ପାଇଁ ଯାଜପୁର ଜଗନ୍ନାଥ ମନ୍ଦିର ପରିସର ହୋଇ ଉଠିଛି ଚଳଚଞ୍ଚଳ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ପାଖାପାଖି ୧୫୦ରୁ ଉର୍ଦ୍ଧ୍ୱ ହବିଷ୍ୟାଳି ଜଗନ୍ନାଥ ମନ୍ଦିର ପରିସରରେ ନିର୍ମାଣ ହୋଇଥିବା ଅସ୍ଥାୟୀ ଶିବିରରେ ସାତ ଦିନ ପର୍ଯ୍ୟନ୍ତ ରହି ପୂଜାର୍ଚ୍ଚନା କରୁଛନ୍ତି। ପ୍ରତ୍ୟୁଷରୁ ହବିଷ୍ୟାଳିମାନେ ବୈତରଣୀ ନଦୀରେ ସ୍ନାନ ସାରି ନଦୀ କୂଳରେ ବାଲୁଙ୍କା ପୂଜା କରି ସାରିବା ପରେ ମନ୍ଦିର ପରିସରରେ ରାଇ ଦାମୋଦରଙ୍କ ପୂଜା କରିଥାନ୍ତି। ପୂଜା ସମୟରେ ହବିଷ୍ୟାଳିମାନେ ଭଗବାନ ଶ୍ରୀକୃଷ୍ଣଙ୍କ ନାମ ସଂକୀର୍ତ୍ତନ ଓ ଭଜନ ଗାଇ ଭଗବାନଙ୍କୁ ସମର୍ପଣ କରିଥାନ୍ତି। ହବିଷ୍ୟାଳିମାନେ ରାଇ ଦାମୋଦରଙ୍କୁ ପୂଜା କରିସାରିବା ପରେ ନିଜକୁ କୃଷ୍ଣ ଓ ରାଧା ବେଶରେ ସଜ୍ଜିତ କରି ବିଭିନ୍ନ ଭଜନ କୀର୍ତ୍ତନ ଗାଇ ଜଗନ୍ନାଥ ମନ୍ଦିର ପରିକ୍ରମା କରିବାର ଦେଖିବାକୁ ମିଳିଛି। ସନ୍ଧ୍ୟା ସମୟରେ ଆକାଶଦୀପ ଉଠିବା ପରେ ଗୀତା ଜାଗରଣ ପରିଷଦ ପକ୍ଷରୁ ବିଭିନ୍ନ ଆଧାତ୍ମିକ ପ୍ରବଚନ, ଭଜନ ପରିବେଶଣ ହେଉଛି। କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ରାଇ ଦାମୋଦରଙ୍କୁ ପୂଜା କରି ଭଗବାନ ଶ୍ରୀକୃଷ୍ଣଙ୍କ ପାଖରେ ନିଜକୁ ସମର୍ପଣ କରିଥାନ୍ତି।



## କୋଭିଡ୍ ଯୋଦ୍ଧାକୁ ଭୁଲିଗଲା ଜିଲ୍ଲା ପ୍ରଶାସନ!

# ପ୍ରାପ୍ୟ ପାଇବା ପାଇଁ ପରିବାର ଲୋକେ ବାର ଦୁଆର

**ଯାଜପୁର,୩।୧୧(ସମିସ):** କୋଭିଡ୍ ମହାମାରୀ ସମୟରେ ଜନସେବାରେ ନିଜ ଜୀବନ ଉତ୍ସର୍ଗ କରିଥିବା ସ୍ୱାସ୍ଥ୍ୟକର୍ମୀ ସ୍ୱର୍ଗତ ଲୋକେଶ କୁମାର ପଣ୍ଡାଙ୍କ ପରିବାର ଏପର୍ଯ୍ୟନ୍ତ ନ୍ୟାୟ ପାଇନାହାନ୍ତି। ଜୀବନ ହରାଇଥିବାର ୫ ବର୍ଷ ପରେ ମଧ, ସରକାରୀ ଭାବରେ ମିଳିବାକୁ ଥିବା ଚାକିରି ଗ୍ରାଚୁଇଟି ଓ ଏନ୍‌ପିଏସ୍ ଟଙ୍କା ତାଙ୍କ ଅସହାୟ ପତ୍ନୀ ମୋନାଲିସାଙ୍କୁ ମିଳିନଥିବା ଅଭିଯୋଗ ହୋଇଛି।

ନବୀନ ସରକାର ସମୟରେ କରୋନା ସହିଦଙ୍କ ପରିବାରଙ୍କୁ ଶୀଘ୍ର ସହାୟତା ମିଳିଥିଲା। କିନ୍ତୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଜନୈକ କିରାଣିଙ୍କ ଅସହଯୋଗ ଫଳରେ ସ୍ୱର୍ଗତ ଲୋକେଶଙ୍କ ପରିବାରକୁ କୌଣସି ସହାୟତା ମିଳିନଥିଲା। ତାଙ୍କ ପତ୍ନୀ ମୋନାଲିସା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅନେକ ଥର ଯାଇ ନିରାଶ ହୋଇଥିଲେ। ଶେଷରେ ସେ ପୂର୍ବତନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ସହିତ ସାକ୍ଷାତ କରି ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଘଟଣାକୁ ଗଭୀରତାର ସହିତ ନେଇ ପ୍ରାୟ ୧୧ ମାସ ପରେ ସରକାରୀ ପରିବାର ସହାୟତା ଭତ୍ତା ଟଙ୍କା ମିଳିଥିଲା। ଏହି ପ୍ରାପ୍ୟ ବିଳମ୍ବର କାରଣ ପଛରେ ଥିବା ଜନୈକ କିରାଣିଙ୍କୁ ସେତେବେଳେ ସୁକିନ୍ଦାକୁ ବଦଳି କରାଯାଇଥିଲା। କିନ୍ତୁ ସରକାର ପରିବର୍ତ୍ତନ ପରେ ସେହି ଅଧିକାରୀ ପୁଣି ଯାଜପୁରକୁ ଫେରିଆସି, ଦୁର୍ନୀତିପର ଅଧିକାରୀ ଓ କର୍ମଚାରୀମାନଙ୍କୁ ଉସ୍‌କାଇ ଲୋକେଶ ପଣ୍ଡାଙ୍କ ପରିବାର ପାଇବାକୁ ଥିବା ଗ୍ରାଚୁଇଟି ଓ ଏନପିଏସ୍ ଟଙ୍କା ରିଲିଜ୍ କରୁନାହାନ୍ତି ବୋଲି ଅଭିଯୋଗ ଉଠିଛି। ସହାୟତା ପାଇବା ଆଶାରେ ମୋନାଲିସା ପଣ୍ଡା ଏପର୍ଯ୍ୟନ୍ତ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଓ ସରକାରୀ ଅଫିସ ବୁଲି ବୁଲି ହତାଶ ହୋଇପଡିଲେଣି। କୋଭିଡ୍ ଭଳି ମହାମାରୀରେ ଯେଉଁ ବିଭାଗ ପାଇଁ କାମ କରି ଲୋକେଶ ମୃତ୍ୟୁବରଣ କଲେ ସେହି ବିଭାଗର ଅଧିକାରୀ ମାନେ ଲୋକେଶଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରିବାରେ ସହଯୋଗ କରୁନଥିବା ଚର୍ଚ୍ଚା ହେଉଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଏସ୍‌ଜି କଲେଜରେ ନୂତନ ଅଧ୍ୟକ୍ଷ



**ମଙ୍ଗଳପୁର,୩।୧୧(ସମିସ):** ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ସ୍ଥିତ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟରେ ଡ. ଜିତେନ୍ଦ୍ର କୁମାର ଦାଶ ନୂତନ ଅଧ୍ୟକ୍ଷ ଭାବେ ଯୋଗଦାନ କରିଛନ୍ତି। ଯୋଗଦାନ ଅବସରରେ କଲେଜ ପରିସରରେ ଉତ୍ସାହ ଓ ଆନନ୍ଦରେ ଭରିଯାଇଥିଲା। ଷ୍ଟାଫ୍ କାଉନସିଲ୍ ପକ୍ଷରୁ ଏକ ବିଶେଷ ସମାରୋହ ଆୟୋଜନ କରାଯାଇଥିଲା ଯେଉଁଥିରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକାମାନେ ଡ. ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## କଳିଙ୍ଗନଗରରେ ସାଇବର ସୁରକ୍ଷା ସଚେତନତା



**ଡୁବୁରୀ,୩।୧୧(ସମିସ):** ସାଇବର ଅପରାଧ ରୋକିବା ଓ ସଚେତନତା ବୃଦ୍ଧି ପାଇଁ ଆଜି ଡୁବୁରି ଅଞ୍ଚଳର କପିଳେଶ୍ୱର କଲେଜ ଏବଂ କପିଳେଶ୍ୱର ହାଇସ୍କୁଲରେ 'ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଯାଜପୁର ଜିଲ୍ଲା ପୁଲିସ ଓ ଟାଟା ଷ୍ଟିଲ୍, କଳିଙ୍ଗନଗରଙ୍କ ମିଳିତ ପ୍ରୟାସରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୁପ୍ରସନ୍ନ ମଲ୍ଲିକ, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ସାହୁ, କପିଳେଶ୍ୱର କଲେଜର ପ୍ରିନ୍ସିପାଲ୍ ଓ କପିଳେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉପସ୍ଥିତ ହୋଇଥିଲେ। ଛାତ୍ରଛାତ୍ରୀ ଓ ଟାଟା ଷ୍ଟିଲ୍‌ର କର୍ମଚାରୀମାନଙ୍କ ସହିତ ବିଭିନ୍ନ ସାଇବର ଅପରାଧ ଯଥା ଅନଲାଇନ୍ ଠକେଇ, ଫିଂଶିଂ, ଓଟିପି ଫ୍ରଡ୍, ସୋସିଆଲ୍ ମିଡିଆ ମିସଉଜ୍ ଇତ୍ୟାଦି ବିଷୟରେ ଚର୍ଚ୍ଚା ହୋଇଥିଲା। ଅତିରିକ୍ତ ଏସ୍‌ପି ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥
ଦ୍ୱାଦଶାହ ଉପଲକ୍ଷେ
ଭାବପୂର୍ଣ୍ଣ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କୁଶଳେଶ୍ୱର ସାହୁ
ପଦରପଡା, ତରଭା,ସୋନପୁର
ଆବିର୍ଭାବ: ୦୨.୦୪.୧୯୪୮ (ଚୈତ୍ର ଶୁକ୍ଳପକ୍ଷ ଶ୍ରୀରାମ ନବମୀ)
ତିରୋଧାନ: ୨୪.୧୦.୨୦୨୫ (କାର୍ତ୍ତିକ ଶୁକ୍ଳପକ୍ଷ ତୃତୀୟା)

ତୁମେ ଆମ ପାଇଁ ସବୁକିଛି ଥିଲ। ତୁମର ନିରନ୍ତର ଉତ୍ସର୍ଗ, ସ୍ନେହର ଛାୟା ଓ ଜ୍ଞାନର ମାର୍ଗଦର୍ଶନ ଆମ ଜୀବନକୁ ଆକାର ଦେଇଛି। ଆମେ କୃତଜ୍ଞ ଯେ ତୁମେ ଆମକୁ ସତ୍ୟ, ନ୍ୟାୟ ଓ ସହନଶୀଳତାର ପାଠ ଶିଖାଇଛ, ଆମର କଷ୍ଟରେ ସାଥୀ ହୋଇଛ ଏବଂ ସ୍ୱପ୍ନଗୁଡିକୁ ପୂରଣ କରିବାର ଶକ୍ତି ଦେଇଛ। ତୁମର ଅନୁପ୍ରେରଣା ଆମକୁ ସଦା ଚାଲିବାକୁ ଶିଖାଇଛି। ତୁମର ପ୍ରତି ଆମର ଅସୀମ କୃତଜ୍ଞତା - ତୁମେ ଆମର ଜୀବନର ଆଧାର ଥିଲ, ଥିବ ଓ ରହିବ। ଆଜି ଦ୍ୱାଦଶାହ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା' ମେଟାକାନୀଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ପତ୍ନୀ - ଭଗବତୀ ସାହୁ, ପୁତ୍ର - କିର୍ତ୍ତିଚନ୍ଦ୍ର, ସୂର୍ଯ୍ୟନାରାୟଣ, ପୁତ୍ର ବଧୂ - ସରିତା, ବିଜୟଲକ୍ଷ୍ମୀ.
ଝିଅ - ଅନୁରାଧା, ମାମୀ, ଜ୍ୱାଇଁ - ମନୋରଞ୍ଜନ, ପ୍ରଶାନ୍ତ,
ନାତି ନାତୁଣୀ - ଶ୍ରେୟା, ଲିକୁନ, ସୁଦୀପ, ଶିବାଂଶ, ସାହୁ ପରିବାର ଓ ବନ୍ଧୁବର୍ଗ
ମା ମେଟାକାଳୀ ଷ୍ଟୋନ କ୍ରସର

ସପ୍ତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଜାତା ପାତ୍ର ଦେ
ସ୍ଥାନ- ଦେଉଳି ପଞ୍ଚୁଘଣ୍ଟା, ଜଳେଶ୍ୱର
ଆବିର୍ଭାବ - ୦୬.୦୩.୧୯୭୦
ତିରୋଧାନ - ୨୧.୧୧.୨୦୧୮
ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଆମେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।
ହେ ଦିବଂଗତ, ତୁମର ଅବର୍ତ୍ତମାନରେ ସଦା ତୁମକୁ ଝୁରୁଛି, ତୁମର ସ୍ୱାମୀ - ବିଦ୍ୟାପତି ଦେ, ଅଲିଅଳି କନ୍ୟା ମାମା, ଲିମା, ଗୁଡି, ଜ୍ୱାଇଁ ଦିପୁ ଓ ପରିବାର ବର୍ଗ।

## ● ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ସଫେଇ କର୍ମଚାରୀଙ୍କୁ ମିଳୁନି ପ୍ରାପ୍ୟ

**ଯାଜପୁର,୩।୧୧(ସମିସ):** ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଠିକଣା ସମୟରେ ପ୍ରାପ୍ୟ ମିଳୁନଥିବା ଅଭିଯୋଗ ହୋଇଛି। ପ୍ରତିମାସରେ ପ୍ରତ୍ୟେକ କର୍ମଚାରୀଙ୍କ ପାଇଁ ଇଏପିଏଫ୍ ଓ ଇଏସଆଇରେ ଅର୍ଥ ପଇଠ କରିବାର ନିୟମ ଥିଲେ ମଧ ଠିକା ସଂସ୍ଥା ଏହାର ଖିଲାପ କରୁଛି। ସାନିଟାରି କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ କରିବା, ସାଲାରି ସ୍ଲିପ ପ୍ରଦାନ କରିବା, ଫେବୃଆରି ଓ ମାର୍ଚ୍ଚ ମାସର ବକେୟା ଦରମା ପ୍ରଦାନ କରିବା, ସୁପରଭାଇଜର ମାନେ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିବା ଆଦି ଦାବି ସଂପର୍କରେ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଜିଲ୍ଲାରେ ହଇଜା ଲାଗିଥିବା ସମୟରେ କାମ କରିଥିବା ସଫେଇ କର୍ମଚାରୀଙ୍କ ମଧ୍ୟରୁ ଅଦ୍ୟାବଧି ୨୭ ଜଣ କର୍ମଚାରୀଙ୍କୁ ଦରମା ମିଳିନାହିଁ। ଏ ସଂପର୍କରେ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ କର୍ମଚାରୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ମିଳିପାରିନାହିଁ। ତେଣୁ ଏହାର ପ୍ରତିବାଦରେ ଆଜି କର୍ମଚାରୀମାନଙ୍କ ପକ୍ଷରୁ ମଧୁସ୍ମିତା ବାଭି, ବନି ମଲ୍ଲିକ, ଚିତ୍ତରଞ୍ଜନ ବେହେରା, ଚନ୍ଦ୍ରକାନ୍ତ ସାମଲ, ଦୀପାଳି ମଲ୍ଲିକ, ରମେଶ ଯେନା, ଗୀତାଞ୍ଜଳି ବେହେରା ପ୍ରମୁଖ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ଦାବି କରିଛନ୍ତି।



## ଆନ୍ତଃ ଉଚ୍ଚମାଧ୍ୟମିକ ମହିଳା କବାଡ଼ି ପ୍ରତିଯୋଗିତା

**ବିଞ୍ଝାରପୁର,୩।୧୧(ସମିସ):** ବିଞ୍ଝାରପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବରୁଣେଶ୍ୱର ମହାବିଦ୍ୟାଳୟରେ ଆୟୋଜିତ ଆନ୍ତଃ ଉଚ୍ଚମାଧ୍ୟମିକ ମହିଳା କବାଡ଼ି ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଉଦ୍‌ଘାଟନ କରିଥିବା ବେଳେ କ୍ରୀଡ଼ା ପ୍ରଶିକ୍ଷକ ରଞ୍ଜନ କୁମାର ସୂତାର, ଅଧ୍ୟାପକ ଅରୁଣ ବିକାଶ କର କ୍ରୀଡ଼ାର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବରୁଣେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ବିରଜା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମେତ ୧୫ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ପ୍ରତିଯୋଗିତା ସୋମପାଟଣା ଉଚ୍ଚମାଧ୍ୟମିକ ଏବଂ ଇନ୍ଦିରାଗାନ୍ଧୀ ଉଚ୍ଚମାଧ୍ୟମିକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲ୍ଲାର ସୋମପାଟଣା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଯାଜପୁର ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ ବଟକୃଷ୍ଣ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଚାମ୍ପିଅନ୍ ଏବଂ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ବିଦ୍ୟୁତ୍ କର୍ମଚାରୀଙ୍କ ଦୌରାତ୍ମ୍ୟରେ ଲୋକେ ଅତିଷ୍ଠ

# ଘରେ ପଶି ମିଟର ଭାଙ୍ଗିଲେ, ମହିଳାଙ୍କୁ ଆକ୍ରମଣ କଲେ

ପାଣିକୋଇଲି, ୩।୧୧(ସମିସ):



ପାଣିକୋଇଲି ବିଦ୍ୟୁତ ବିଭାଗର ଅଧିକାରୀ ଓ କର୍ମଚାରୀ ଦୌରାତ୍ମ୍ୟରେ ଲୋକେ ଅତିଷ୍ଠ ହେଲେଣି। ବାରମ୍ବାର ସେମାନଙ୍କ ଅମାନବୀୟ ଓ ଅଶୋଭନୀୟ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ଆଜି ପାଣିକୋଇଲି ପଞ୍ଚାୟତ ଚାନ୍ଦପୁର ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ବିଦ୍ୟୁତ କର୍ମଚାରୀ ପୁଲିସ ଉପସ୍ଥିତରେ ବିଦ୍ୟୁତ କାଟ କରିବା ସହ ଘରର ମିଟର ଭାଙ୍ଗିଦେବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଫଳରେ ବିଦ୍ୟୁତ ଅଧିକାରୀ ବିଲ ଭିତରେ ଦୌଡ଼ି ପଳାଇଥିଲେ। ଏମିତିକି ବିଦ୍ୟୁତ କର୍ମଚାରୀ ମହିଳାମାନଙ୍କୁ ଧକ୍କା ମାରିବାକୁ କେନ୍ଦ୍ର କରି ତୁମୁଳକାଣ୍ଡ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ପାଣିକୋଇଲି ଥାନା ଅଧିକାରୀ ରଞ୍ଜିତ କୁମାର ମହାନ୍ତି ଓ ବିଦ୍ୟୁତ ବିଭାଗ ଏସ୍‌ଡିଓ ଅସୀମ ଅଭିତାଭ ଧଳ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ ବି ଘଟଣା ଘଟାଇଥିବା ଅଧିକାରୀ ଫେରାର ହୋଇଯାଇଥିଲେ। ଏନେଇ ଏସ୍‌ଡିଓ ଶ୍ରୀ ଧଳଙ୍କ ସହ ଗ୍ରାମବାସୀଙ୍କ ଆଲୋଚନା ଫଳପ୍ରଦ ନହେବାରୁ ଥାନାରେ ଅଭିଯୋଗ କରାଯାଇଛି।

ପ୍ରକାଶଥାଉ କି, ପାଣିକୋଇଲି ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଚାନ୍ଦପୁର ଗ୍ରାମର ପ୍ରଦୀପ ପଣ୍ଡାଙ୍କ ସ୍ତ୍ରୀ କଳ୍ପନା ପଣ୍ଡାଙ୍କ ଅଭିଯୋଗ ମୁତାବକ ଗତ ଗୁରୁବାର ରାତି ୩ଟା ସମୟରେ ଘରର ମହିଳାମାନେ କାର୍ତ୍ତିକ ସ୍ନାନ ପାଇଁ ରାତ୍ରୀରୁ ଉଠିଥିଲେ। ଘରର କବାଟ ଖୋଲାଥିଲା। ଏହି ସମୟରେ ଜଣେ ଅଣଓଡ଼ିଆ ବ୍ୟକ୍ତି ତାଙ୍କ ଘରେ ପଶିଯାଇଥିଲା। ଏହା ଦେଖି ସେମାନେ ଚୋର ଚୋର ପାଟି କରିବାରୁ ପରିବାରର ସମସ୍ତେ ଓ ଗ୍ରାମବାସୀ ଉଠିଆସିଥିଲେ। ସେମାନଙ୍କୁ ଉତ୍ତମ ମଧ୍ୟମ ଦେଇ ପୁଲିସକୁ ଫୋନ୍ କରିଥିଲେ। ଉକ୍ତ ଯୁବକ ମହିଳାମାନଙ୍କୁ ଧକ୍କା ମାରିବା ସହ ସୁନା ଅଳଙ୍କାର ଛଡ଼ାଇନେଇଥିବାର ଅଭିଯୋଗରେ ମଧ୍ୟ ଦର୍ଶାଇଛନ୍ତି। ଖବରପାଇ ପାଣିକୋଇଲି ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣି ଚିକିତ୍ସା ପାଇଁ ପଠାଇଥିଲା। ଅପରପକ୍ଷେ ବିଦ୍ୟୁତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଥାନାରେ ମଧ୍ୟ ପାଲଟା ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ମୁତାବକ ଉକ୍ତ ପରିବାର ପ୍ରତିଦିନ ରାତିରେ ହୁକ ପକାଇ ବିଦ୍ୟୁତ ବ୍ୟବହାର କରନ୍ତି। ଖବର ପାଇ ଗୁରୁବାର ଏକ ଟିମ୍ ବିଦ୍ୟୁତ ତାରରୁ ହୁକ କେଉଁଆଡେ ଯାଇଛି ବୋଲି ଟର୍ଚ୍ଚ ମାରି ଚେକିଂ କରିଥିଲେ। ତାରଟି କୁଆଡେ ଯାଇଛି ଖୋଜିବା ବେଳକୁ ଉକ୍ତ ଘରକୁ ଯାଇଥିଲା। ସେ ଏହା ଦେଖିବା ପରେ ସେମାନେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଶଶିଶେଖର ଶର୍ମା ନାମକ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଦୁଇଟି ଯାକ ଅଭିଯୋଗକୁ ପୁଲିସ ଗ୍ରହଣ କରି ତଦନ୍ତ ଜାରି ରଖିଥିଲା। ବିଦ୍ୟୁତ ବିଭାଗର ଏହି ଜୁଲମକୁ ନେଇ ପ୍ରଶ୍ନ ଉଠିଥିଲା। ରାତି ଅଧରେ ବିନା ପୁଲିସ ଓ ବିନା ମହିଳା କର୍ମଚାରୀରେ ଜଣଙ୍କ ଘରେ ପଶିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଥିଲା। ଏହି ଅଭିଯୋଗ ପରେ ଆଜି ବିଦ୍ୟୁତ ବିଭାଗ ପୁଲିସ ନେଇ ଘରର ସର୍ଭିସ ଲାଇନ କାଟିଥିଲେ। ଫଳରେ ଘରେ ପଶି ମିଟରଟିକୁ କାଠ ଫାଳିଆ ଭାଙ୍ଗିବା ଓ ମହିଳାମାନଙ୍କୁ ଧକ୍କା ମାରିବା ଭଳି କାଣ୍ଡ କରିବାରୁ ସେମାନଙ୍କୁ ଗ୍ରାମବାସୀ ଅଟକାଇଥିଲେ। ପରେ ଏନେଇ ଆଲୋଚନା କୌଣସି ଫଳପ୍ରଦ ନ ହେବାରୁ ବିଦ୍ୟୁତ ଅଧିକାରୀଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଛି।

## ଚାଷ କ୍ଷେତରୁ କାଟିନେଲେ ବିଦ୍ୟୁତ୍ ତାର

ପାଣିକୋଇଲି: ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ପଳସା ଆମ୍ବଗଡିଆ ଗ୍ରାମ ନିକଟରେ ୧୧ କେଭି ବିଦ୍ୟୁତ ତାର ଚାଷକ୍ଷେତକୁ ଯାଇଥିଲା। ତେବେ ଆଜି ଦୁଇ ବିଦ୍ୟୁତ କର୍ମଚାରୀ ତାର କାଟି ନେଉଥିବା ବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ଧରିଥିଲେ। ତାର ଟାଣିବା ପରିବର୍ତ୍ତେ ତାର କାହିଁକି କାଟୁଛ କହିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ। ଫଳରେ ସେମାନଙ୍କୁ ଗ୍ରାମବାସୀ ଅଟକାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳେ ପହଞ୍ଚି ସେମାନଙ୍କୁ ତାର ସହ ଧରି ବିଦ୍ୟୁତ ବିଭାଗ ସହ ଆଲୋଚନା କରି ତଦନ୍ତ ଜାରି ରଖିଛି।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଯାଜପୁର,୩।୧୧(ସମିସ): ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୨୪୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୭୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୫ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୭୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ଯାଜପୁର ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ମହନ୍ତ, ତହସିଲଦାର ରବି ନାରାୟଣ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ବୈଠକ

ଧର୍ମଶାଳା,୩।୧୧(ସମିସ): ଧର୍ମଶାଳା ବ୍ଲକ ଜାରକା ସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ଠାରେ ଆଜି ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଅଧ୍ୟକ୍ଷ ପ୍ରତାପ ଦାସ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ମହାସଂଘ କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ଦାସ, ଉପାଧ୍ୟକ୍ଷ ରବି ଶତପଥୀ, ଡି ମୋହନ ରାଓ, କାଳୀପ୍ରସାଦ ନାୟକ, ମହାସଚିବ ଗୋକୁଳାନନ୍ଦ ବେହେରା, ଯୁଗ୍ମ ସମ୍ପାଦକ ସମ୍ପାଦକ ବିବେକାନନ୍ଦ ନାୟକ, ଶରତ ଚନ୍ଦ୍ର ପରିଡା, କୋଷାଧ୍ୟକ୍ଷ କେଦାରନାଥ ସ୍ୱାଇଁ, ସଂଗଠନ ସମ୍ପାଦକ ଶ୍ରୀମତୀ ସାହୁ, ଜୋନାଲ ସମ୍ପାଦକ ରାଖାଲ ଚନ୍ଦ୍ର ଦାସ, ରଜନୀକାନ୍ତ ନାଗ, କସ୍ତୁରୀ ଚରଣ ନନ୍ଦୀ, ଧର୍ମଶାଳା ବ୍ଲକ ସଭାପତି ଆଶାତରୁ ନାୟକ ଓ ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ ଯୋଗଦେଇଥିଲେ। ଏହି ବୈଠକରେ ଇଂ. ରମେଶ ଚନ୍ଦ୍ର ମହାନ୍ତି, ସନ୍ତୋଷ କୁମାର ନନ୍ଦ, ଲିଲିମା ମହାନ୍ତି, ଧୀରେନ୍ଦ୍ର କୁମାର ରାଏ, ଜିଲ୍ଲା ପ୍ରତିନିଧି ସୁରେନ୍ଦ୍ର ରାୟ, ଅଭିମନ୍ୟୁ ସାମଲ, କୀର୍ତ୍ତନ ବିହାରୀ ସାହୁ, ଅଶୋକ ଦାସପ୍ରମୁଖ ଯୋଗଦେଇଥିଲେ। ଧନେଶ୍ୱର ମହାନ୍ତି, କୃପାସିନ୍ଧୁ ସ୍ୱାଇଁ, ନରେନ୍ଦ୍ର କୁମାର ମହାନ୍ତି, ପୁରୁଷୋତ୍ତମ ଦୋରା, ପୁରୁଷୋତ୍ତମ ଜେନା, ଭିକାରୀ ମଲ୍ଲିକ, ଯୁଗଳ ଦାସ, କଳାକାର ସ୍ୱାଇଁ, ବିଜୟ କୁମାର ଦେବତା, ଅମୂଲ୍ୟ ସୁତାର, ଆଦିକନ୍ଦ ସ୍ୱାଇଁ, ଡ. ରାଜକିଶୋର ପାଢ଼ୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବିଜୟ କୁମାର ଦେବତା ଧନ୍ୟବାଦ ଦେଇଥିଲେ।

## ଯାଉଁଳିବନ୍ଧ-ବିଜିପୁର ରାସ୍ତା ବିପର୍ଯ୍ୟସ୍ତ

# ରାସ୍ତା ମରାମତି କଲେ ସହିଦ ସ୍ମୃତିସଂସଦ ସଦସ୍ୟ



ଦଶରଥପୁର,୩।୧୧(ସମିସ): ଜିଲ୍ଲା ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ ଯାଜପୁର-ସିଂହପୁର ରାଜ୍ୟ ସଡ଼କପଥ ଅନ୍ତର୍ଗତ ଯାଉଁଳିବନ୍ଧ ଠାରୁ ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ବିଜିପୁର ଛକ ପର୍ଯ୍ୟନ୍ତ ମୁଖ୍ୟ ସଡ଼କପଥର ପ୍ରଶସ୍ତୀକରଣ କାର୍ଯ୍ୟ ୧୮ କୋଟିରୁ ଉର୍ଦ୍ଧ୍ୱ ଅନୁଦାନ ଅର୍ଥରେ ନିର୍ମାଣ କରାଯାଇଥିଲା। ସଡ଼କ ପ୍ରଶସ୍ତୀକରଣ କାର୍ଯ୍ୟଦେଶ ନେଇଥିବା ଠିକାସଂସ୍ଥା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି କରିବା କାରଣରୁ ମାତ୍ର ଦେଢ଼ ବର୍ଷ ବିତିନାହିଁ ୧୮ କୋଟି ଟଙ୍କା ଅନୁଦାନରେ ନିର୍ମିତ ରାସ୍ତାର ସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ପାଖାପାଖି ୩ କିଲୋମିଟରରୁ ଉର୍ଦ୍ଧ୍ୱ ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନମାନଙ୍କରେ ବଡ଼ ବଡ଼ ଗାଡ଼ ସୃଷ୍ଟି ହେବା ସହିତ ବିଭିନ୍ନ ସ୍ଥାନରେ ରାସ୍ତା ଫୁଟେ ୨ଫୁଟ ଗଭୀରର ଗର୍ତ୍ତ ସୃଷ୍ଟି ହୋଇଛି। ବିଶେଷକରି ଉକ୍ତ ରାସ୍ତା ଅନ୍ତର୍ଗତ ଖଣ୍ଡରା ଛକ ସନ୍ନିକଟ ଫୁଟବ୍ରିଜ ନିକଟରେ ଗତ ୬ମାସ ହେବ ୨ଫୁଟରୁ ଅଧିକ ଗଭୀରରେ ରାସ୍ତା ତଳକୁ ଦବି ଯିବା କାରଣରୁ ଉକ୍ତ ସ୍ଥାନରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟି ଶତାଧିକ ଜନସାଧାରଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ସମାନ ପରିମାଣରେ ଯାନବାହନ କ୍ଷତିଗ୍ରସ୍ତ ହୋଇଛି। କେବଳ ସେତିକି ନୁହେଁ ଶତାଧିକ ନିରୀହ ବୁଲା ଗୋରୁ, ଷଣ୍ଢ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଉକ୍ତ ରାସ୍ତାର ଅବସ୍ଥା ଯୋଗୁ ଗୁରୁତର ଆହତ ହୋଇଥିବା ବେଳେ ସେଠାରେ ଦୁର୍ଘଟଣାରେ ଗୁରୁତର ଗୋଟିଏ ଷଣ୍ଢର ଜୀବନହାନି ହୋଇଛି। ସେହିପରି ଉକ୍ତ ରାସ୍ତା ଅନ୍ତର୍ଗତ ବଢ଼େଇ ସାହି, ଧମଧଡ଼ା, ତାରିଣୀ ଛକ ସମେତ ଏକାଧିକ ସ୍ଥାନରେ ଗତ ୬ମାସରୁ ଅଧିକ ଦିନ ହେବ ରାସ୍ତା ଅବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଛି। ଜିଲ୍ଲାର ବ୍ୟସ୍ତ ବହୁଳ ଏହି ରାସ୍ତାରେ ଦୈନିକ ହଜାର ହଜାର ଯାତ୍ରୀବାହି ଓ ମାଲ ବୋଝେଇ ଯାନବାହନ ଓ ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାତାୟାତ କରୁଥିବା ବେଳେ ଏକାଧିକ ଯାତ୍ରୀବାହି ଯାନବାହାନ ରାଜ୍ୟ ଏବଂ ରାଜ୍ୟ ବାହାରକୁ ଯାତାୟାତ କରୁଛି। ଗତ ୬ମାସ ମଧ୍ୟରେ ବିପର୍ଯ୍ୟସ୍ତ ହୋଇପଡିଥିବା ଉକ୍ତ ରାସ୍ତାର ମରାମତି ପାଇଁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ ବିଭାଗୀୟ ଅଧିକ୍ଷଣ ଓ ନିର୍ବାହୀଯନ୍ତ୍ରୀଙ୍କୁ ଅବଗତ କରିଥିଲେ ହେଁ କୌଣସି ସୁଫଳ ମିଳିନଥିଲା। ଯାହାକୁ ଦୃଷ୍ଟିରେ ରଖି ଆଜି ସକାଳେ ଖଣ୍ଡରା ଗ୍ରାମ ସ୍ଥିତ ସହିଦ ଯବାନ ଚିତ୍ତରଞ୍ଜନ ଦାସ ସ୍ମୃତି ସଂସଦର ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ଜିତେନ୍ଦ୍ର ପ୍ରଧାନ, ଆଶୁତୋଷ ସାହୁ, ମାନସ ରଞ୍ଜନ ସ୍ୱାଇଁ, ସୁବଳ କୁମାର ବିହାରା, ସୁଦାମ ବିହାରା, ତରୁଣ ସ୍ୱାଇଁ, ଲକ୍ଷ୍ମୀଧର ରାଉଳ, କାଳନ୍ଦୀ ବିହାରା, ସୁବଳ ବିହାରା, ଦୋଳଗୋବିନ୍ଦ ବିହାରା, ସଦାନନ୍ଦ ବିହାରା, ଚିନ୍ମୟ ରାଉଳ, ମନୋଜ ସେଠୀ, ଅନୁପ ବିହାରା, ଅଭିଷେକ ବିହାରା, ଦେବୀପ୍ରସାଦ ସ୍ୱାଇଁ, କାଳନ୍ଦୀ ବିହରା ଅନିଲ ଦାସ, ମୁକ୍ତି ପ୍ରସାଦ ସ୍ୱାଇଁ, କିଶୋର ବିହାରା, ଇନ୍ଦ୍ରଜିତ ସାହୁ, ଲିଟୁ ଦାସ୍, ମିହିର ରଞ୍ଜନ ସାହୁ ପ୍ରମୁଖଙ୍କ ସମେତ ସ୍ଥାନୀୟ ବଜାରର ବ୍ୟବସାୟୀ ନିଜ ଉଦ୍ୟମରେ ବାଲି, ସିମେଣ୍ଟ, ମେଟାଲରେ ବିପର୍ଯ୍ୟସ୍ତ ହୋଇପଡିଥିବା ରାସ୍ତାର ଅସ୍ଥାୟୀ ମରାମତି କରିଛନ୍ତି। ତେବେ ସପ୍ତାହ ମଧ୍ୟରେ ରାସ୍ତାର ସ୍ଥାୟୀ ମରାମତି ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ସହିଦ ଯାଜପୁର-ସିଂହପୁର ମୁଖ୍ୟ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।

■ ନିର୍ମାଣ ସରିଛି, ବଣ୍ଟନ ହେଉନି

## ମାଙ୍କେଡ଼ିଆ ପରିବାର ଘର ପାଇବାରୁ ବଞ୍ଚିତ

ଯାଜପୁର,୨।୧୧(ସମିସ): ସୁକିନ୍ଦା ବ୍ଲକର ରାଁସାଳୋ ପଞ୍ଚାୟତ କଲରଙ୍ଗିଅଟା ଗ୍ରାମର ମାଙ୍କିଡିଆ ବସ୍ତିରେ ବସବାସ କରୁଥିବା ୧୦୩ ପରିବାର ପାଲ ଟଣା ତମ୍ବୁରେ ଜୀବନଯାପନ କରୁଛନ୍ତି। ଏହି ସାହିର ୮୭ଟି ପରିବାରକୁ ଡିଏମ୍‌ଏଫ ଫଣ୍ଡରେ ୩ କୋଟି ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନିକଟସ୍ଥ କୁସୁମୁଣ୍ଡିଆ ଗ୍ରାମରେ ୮୭ଟି ପକ୍କା ଘର ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ନିର୍ମାଣ କାର୍ଯ୍ୟ ୨୦୧୯ରୁ ଆରମ୍ଭ ହୋଇ ୨୦୨୦ ଶେଷ ହେବା ସହ ଏହି ୮୭ଟି ପରିବାରକୁ ସ୍ଥାନାନ୍ତରିତ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ମାତ୍ର ସଂପୃକ୍ତ ଠିକାଦାର ନିର୍ମାଣରେ ହେରଫେର ସହିତ ଅଧପନ୍ତରିଆ କରି ନବେ ପ୍ରତିଶତ ଅର୍ଥ ଉଠାଣ କରିନେଇଥିଲେ। ତେଣୁ ଏହି ଘଟଣାରେ ସାମାଜିକ କର୍ମୀ ମଣ୍ଟୁ ଦାସ ଲୋକାୟୁକ୍ତରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସଂପୃକ୍ତ ଠିକାଦାର ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଯଥାଶୀଘ୍ର ଏହି ମାଙ୍କିଡ଼ିଆମାନଙ୍କ ଘର ନିର୍ମାଣ କରିବା ପାଇଁ ଲୋକାୟୁକ୍ତ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ନିର୍ଦ୍ଦେଶର ୨ ବର୍ଷ ପରେ ମଧ୍ୟ ଏ ପର୍ଯ୍ୟନ୍ତ ସେହି ଘର ମାଙ୍କେଡ଼ିଆ ପରିବାରଙ୍କୁ ହସ୍ତାନ୍ତର ହୋଇପାରିନାହିଁ। ଏହି ପରିବାରମାନେ ଆଦିମ ଜନଜାତିର ହୋଇଥିଲେ ମଧ୍ୟ ସେମାନଙ୍କୁ ସାମାଜିକ ନ୍ୟାୟ ଦେବାରେ ପ୍ରଶାସନ ବିଫଳ ହୋଇଛି। ନିକଟରେ ସେହି ବସ୍ତିର ରିସା ମାଙ୍କେଡ଼ିଆଙ୍କ ଅନାହାରରେ ମୃତ୍ୟୁ ହେବା ପରେ ଏବେ ରାଜନୀତି ଜୋର ଧରିଛି। ରିସା ମଧ୍ୟ ଘର ଅଭାବରୁ ଏକ ପାଲ ତଳେ ଆଶ୍ରୟ ନେଇଥିଲେ। ତେଣୁ ଏହି ପରିବାର ଗୁଡିକୁ ତୁରନ୍ତ ଘର ନ ଯୋଗାଇଲେ ଆଗକୁ ଶୀତ ଦିନ ଆସୁଥିବାରୁ ସେମାନଙ୍କ ଅବସ୍ଥା ଦୟନୀୟ ହେବ ବୋଲି କୁହାଯାଉଛି। ଇତିମଧ୍ୟରେ ଘର ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଅଳ୍ପ କିଛି ମରାମତି କରି ତୁରନ୍ତ ମାଙ୍କେଡ଼ିଆ ପରିବାରମାନଙ୍କୁ ଘର ହସ୍ତାନ୍ତର କରିବାକୁ ଶ୍ରୀ ଦାସ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।



## ଗୀତା ଜାଗରଣ ପରିଷଦ ଭାଗବତ କଥାମୃତ



ଯାଜପୁର, ୩।୧୧(ସମିସ): ଗୀତା ଜାଗରଣ ପରିଷଦ ଯାଜପୁର ଆନୁକୂଲ୍ୟରେ ଯାଜପୁର ସହରର ବୈତରଣୀ ନଦୀ ତଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଭାଗବତ କଥାମୃତ ଆଲୋଚନାର ପଞ୍ଚମ ସନ୍ଧ୍ୟାରେ ଉତ୍ସବର ସଭାନେତ୍ରୀ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସନ୍ଧ୍ୟା ୫ ଘଟିକା ସମୟରେ ଆକାଶଦୀପ ପ୍ରଜ୍ୱଳନ କରାଯାଇଥିଲା। ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ପଣ୍ଡିତ ବୈକୁଣ୍ଠନାଥ ପତି ପ୍ରବଚନରେ ଭକ୍ତ ପ୍ରହ୍ଲାଦ ପ୍ରଖ୍ୟାନ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ପ୍ରବଚକ ଜ୍ଞାନରଞ୍ଜନ ପତି, ଅଧିକାରୀ ନବକିଶୋର ଦାସ, ପଣ୍ଡିତ ବିନୋଦ ବିହାରୀ ନାୟକ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉପାସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ, ସହ ସମ୍ପାଦକ ବୃନ୍ଦାବନ ମିଶ୍ର, ସାଂସ୍କୃତିକ ସମ୍ପାଦକ, ଗୁଣମଣି ପାଣିଗ୍ରାହୀ, ସଂପାଦିକା କାଞ୍ଚନ ବାଳା ତ୍ରିପାଠୀ, ବରିଷ୍ଠ ଉପଦେଷ୍ଟା ଗୟାଧର ରାଉତ, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ସାନ୍ତନୁ କୁମାର ଧଳ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାପାତ୍ର, ଡ. ହରିଶ ଚନ୍ଦ୍ର ପଣ୍ଡା, ଉପାଧ୍ୟକ୍ଷ ରମାକାନ୍ତ ସାହୁ, ରବିନାରାୟଣ କର, ନୃସିଂହ ଚରଣ ଜେନା, ଜନାର୍ଦ୍ଦନ ମିଶ୍ର, ଧନଞ୍ଜୟ ପୃଷ୍ଟି, ଅଭିମନ୍ୟୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପୁଲିସ୍ ପ୍ରଶାସକ ଗଦାଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜ୍ଞାନେଶ୍ୱରଦେବଙ୍କ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ

ଧର୍ମଶାଳା,୩।୧୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୀଳାଦେଇପୁରସ୍ଥିତ ଜ୍ଞାନେଶ୍ୱର ମହାଦେବ ପୀଠରେ ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଆରମ୍ଭ ହୋଇଛି। ଆଜି ପ୍ରାତଃରୁ କଳସ ଶୋଭାଯାତ୍ରା କରାଯାଇ ଯଜ୍ଞ ମଣ୍ଡପରେ ଘଟସ୍ଥାପନ କରାଯାଇ ଜ୍ଞାନେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମାକୁ ଯଜ୍ଞବେଦୀକୁ ଆଗମନ କରାଯାଇ ଯଜ୍ଞକୁଣ୍ଡରେ ଅଗ୍ନିସ୍ଥାପନ କରାଯାଇ ଶ୍ରୀଜୀଉଙ୍କ ମୂଳମନ୍ତ୍ରରେ ଆହୁତି ପ୍ରଦାନ କରାଯାଇଥିଲା। ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମହାଯଜ୍ଞରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଠାକୁରଙ୍କ କୃପାଲାଭ କରୁଥିବା ବେଳେ ଆଜି ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଧର୍ମପତ୍ନୀ ଏହି ଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ଆସନ୍ତା ୫ ତାରିଖରେ ପ୍ରାତଃରୁ ମଙ୍ଗଳାଚରଣ ପାଠ, ବେଦ ପାଠ, ଶ୍ରୀବିଷ୍ଣୁ ସହସ୍ର ନାମ ପାଠ, ସୂର୍ଯ୍ୟନାରାୟଣ ପୂଜା, ଗୋପୂଜା, ଶ୍ରୀ ଜୀଉଙ୍କ ମହାରୁଦ୍ରାଭିଷେକ ଓ ଷୋଡ଼ଶ ଉପଚାର ପୂଜା, ଭାଗବତୀ ମା' ଯୋଗମାୟାଙ୍କ ପୂଜାର୍ଚ୍ଚନା, ସପ୍ତଶତୀ ଚଣ୍ଡିପାଠ, ଶ୍ରୀଜିଉଙ୍କ ମୂଳମନ୍ତ୍ରରେ ଆହୁତି ପ୍ରଦାନ କରାଯିବା ସହ ରାତି ପ୍ରାୟ ୯ଟା ମଧ୍ୟରେ ପୂର୍ଣ୍ଣାହୁତି ଦିଆଯିବ ବୋଲି ଗ୍ରାମବାସୀଙ୍କ ତରଫରୁ ସୂଚନା ଦିଆଯାଇଛି।

## ବନ୍ଧୁକ ଦେଖାଇ ମାରି ଦେବାକୁ ଉଦ୍ୟମ ମାମଲା

# ଆଉ ଜଣେ ଅଭିଯୁକ୍ତ ଗିରଫ

ପାଣିକୋଇଲି,୩।୧୧(ସମିସ):

ଗତ ଜୁଲାଇ ୧୦ ତାରିଖରେ ବନ୍ଧୁକ ଦେଖାଇ ମାରିଦେଇ ଖସିଯିବାକୁ ଉଦ୍ୟମ ମାମଲାରେ ପୂର୍ବରୁ ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଆଜି ପାଣିକୋଇଲି ପୁଲିସ ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ବାଲେଶ୍ୱର ଜିଲ୍ଲା ସୋରୋ ଥାନା ଅନ୍ତର୍ଗତ ସାନ୍ତାପଡା ଗ୍ରାମର କୃଷ୍ଣଚନ୍ଦ୍ର ହୋତାଙ୍କ ପୁଅ ଅମୂଲ୍ୟ ହୋତା (୫୮) ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ପ୍ରକାଶଯେ ବାଲେଶ୍ୱର ଜିଲ୍ଲା ସୋର ସୁଜନପୁର ଅଞ୍ଚଳର ଗୟାଧର ମହାକୁଡଙ୍କ ପୁଅ ବିଜୟ ମହାକୁଡଙ୍କ ଠାରୁ ତାଙ୍କ ଗ୍ରାମ ନିକଟସ୍ଥ ଅଙ୍କ ବରହମପୁର (ସାନ୍ତାପଡା) ଗ୍ରାମର ଅମୂଲ୍ୟ ହୋତାଙ୍କ ପୁଅ ଖଗେନ୍ଦ୍ର ଓ କ୍ଷିତିଶ ୨୫ ଲକ୍ଷ ଟଙ୍କା ନେଇଥିଲେ। ଶ୍ରୀରାମ ନାମକ ହୋଟେଲ ଦେବା ପାଇଁ ୫ ଲକ୍ଷ ଓ ଦୁଇଟି ଜମି ପ୍ଲଟ ଦେବା ପାଇଁ ୨୦ ଲକ୍ଷ ନେଇଥିଲେ। ମୋଟ ୨୫ ଲକ୍ଷ ଟଙ୍କା ଫେରସ୍ତ ପାଇଁ ଜୁଲାଇ ୧ ତାରିଖକୁ ସ୍ଥିର ହୋଇଥିଲା। ମାତ୍ର ଜୁନ ୨୮ ତାରିଖରୁ ଅମୂଲ୍ୟ ପରିବାର ଫେରାର ହୋଇଯାଇଥିଲେ। ସେମାନେ ଧୁଷୁରୀ ଥାନା ଅଞ୍ଚଳରେ ରହୁଥିବା ଖବର ପାଇ ବିଜୟ ମହାକୁଡ଼ ତାର ସାଙ୍ଗ ବିଜୟ ବାରିକଙ୍କୁ ଧରି ଭଦ୍ରକ ଜିଲ୍ଲା ଧୁଷୁରୀ ଅଞ୍ଚଳରେ ତିନି ଦିନ ରହିବା ପରେ ତାଙ୍କୁ ଠାବ କରିଥିଲେ। ସେମାନଙ୍କୁ ଧରି ଧୁଷୁରୀ ଥାନାକୁ ନେବା ପରେ ଉଭୟଙ୍କ ମଧ୍ୟରେ ଟଙ୍କା ନେଣଦେଣ ନେଇ ଏକ ଚୁକ୍ତିନାମା ହୋଇଥିଲା। ଯେହେତୁ ଉକ୍ତ ପରିବାରର ଅମୂଲ୍ୟ ହୋତା ପୁରୋହିତ ଥିଲେ। ବିଜୟ ତାଙ୍କ କଥାରେ ରାଜି ହୋଇଥିଲା। ପରେ ଉଭୟ ଦୁଇଭାଇ ଖଗେନ୍ଦ୍ର ଓ କ୍ଷିତିଶ ତାଙ୍କ ବାପାଙ୍କ ପାଖକୁ ଯିବାକୁ କହି ଛଟାବର ଆଣିଥିଲେ। ସେଠାରୁ ଷଠିପୁରରେ ସନ୍ଧ୍ୟାରେ ଭେଟ ହେବ କହିଥିଲେ। ପାଣିକୋଇଲି ଅଞ୍ଚଳରେ ତାଙ୍କ ବାପା ଥିବା କହି ଉଭୟ ୪ ଜଣ ଦୁଇଟି ବାଇକ୍‌ରେ (ଓଡି ୨୨ଏ ବି ୬୩୩୧ ଓ ଓଡି୦୧ବି ଏ ୮୪୯୬) ଆସିଥିଲେ। ମାତ୍ର ପାଣିକୋଇଲି ମାଛ ମାର୍କେଟ ନିକଟରେ ଖଗେନ୍ଦ୍ର ଏକ ବନ୍ଧୁକ ବାହାର କରି ବିଜୟଙ୍କ ଉପରେ ଆକ୍ରମଣ କରିବାକୁ ବସିଥିବା ବେଳେ ବନ୍ଧୁକରୁ ମାଗାଜିନଟି ତଳେ ପଡିଯାଇଥିଲା। ବିଜୟ ଚୋର ଚୋର ବୋଲି ପାଟି କରିବାରୁ ଲୋକମାନେ ଦୌଡ଼ି ଆସିଥିଲେ। ଘଟଣାସ୍ଥଳୁ କ୍ଷିତିଶ ଫେରାର ହୋଇଯାଇଥିବା ବେଳେ ଖଗେନ୍ଦ୍ରକୁ ଲୋକମାନେ ଧରି କାବୁ କରି ପୁଲିସକୁ ଖବର ଦେଇଥିଲେ। ଏନେଇ ବିଜୟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଖଗେନ୍ଦ୍ରକୁ ପୁଲିସ ଅଦାଲତ ଚାଲାଣ କରିଥିଲା। ଆଜି ଅମୂଲ୍ୟକୁ ଗିରଫ କରି ଅଦାଲତ ଚାଲାଣ କରିଛି।



# ସମ୍ପାଦକୀୟ



ପୃଥିବୀରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ ପାଇଁ କେବଳ ରୁଟି ହିଁ ଭଗବାନ।

-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ବିଶ୍ୱ ବିଜୟିନୀ

ଅନୁଭବ ଓ ଅଭିଜ୍ଞତା ଦୃଷ୍ଟିରୁ ହରମନପ୍ରୀତଙ୍କ ଦଳ ଅଧିକ ପରିପକ୍ୱ ଓ ଶାଣିତ, ବିଶେଷକରି ସ୍ୱଦେଶ ମାଟିର ସହାନୁଭୂତି ଓ ସମର୍ଥନ ବିଶ୍ୱକପ ହାସଲରେ ସହାୟକ ହୋଇଛି। ପୂର୍ବରୁ ଏହିଦଳ ଦୁଇଥର ଫାଇନାଲ ଖେଳି ରନର୍ସଅପ ମଧ୍ୟ ହୋଇଛି। ତେଣୁ ଭାଷ୍ୟକାରମାନେ ଏହି ବିଜୟକୁ ୧୯୮୩ରେ କପିଳଦେବଙ୍କ ନେତୃତ୍ୱରେ ଭାରତର ବିଶ୍ୱକପ ହାସଲ ସହ କରୁଥିବା ତୁଳନା ଆଦୌ ସମୀଚୀନ ନୁହେଁ। ଫାଇନାଲରେ ଅବତୀର୍ଣ୍ଣ ହୋଇଥିବା ଦୁଇଦଳ ଦକ୍ଷିଣ ଆଫ୍ରିକା ଓ ଭାରତ ସେମିଫାଇନାଲରେ ଯଥାକ୍ରମେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆକୁ ପରାଜିତ କରିବାରେ ଯେଉଁ ଚମକ ଦେଖାଇଥିଲେ ତାହା ସେମାନଙ୍କ ଯୋଗ୍ୟତା ଓ ପରାକାଷ୍ଠାର ନିଦର୍ଶନ ବୋଲି କୁହାଯାଇପାରେ। କାରଣ ପରାଜିତ ଦୁଇଦଳ ହିଁ ଥିଲେ ଅସଲରେ ବିଶ୍ୱକପ ଦାବିଦାର। ଅଷ୍ଟ୍ରେଲିଆର ୩୩୯ ଲକ୍ଷ୍ୟର ଅନୁଧାବନ କରି ମ୍ୟାଚ ଜିତିବା ଭାରତ ପାଇଁ ଏତେ ସହଜ ନଥିଲା। ଅଧିନାୟକ ହରମନପ୍ରୀତଙ୍କ ଉପଯୋଗୀ ୮୯ରନ ସାଙ୍ଗକୁ ଜେମିମାଙ୍କ ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ୧୨୭ରନ ଭାରତକୁ ଫାଇନାଲରେ ପହଞ୍ଚାଇବାରେ ସହାୟକ ହୋଇଥିଲା। ଏହାଥିଲା ଏକଦିବସୀୟ ମହିଳା କ୍ରିକେଟ ଇତିହାସରେ ରେକର୍ଡ ଅନୁଧାବନ। ସେହିଭଳି ଦକ୍ଷିଣ ଆଫ୍ରିକା ମଧ୍ୟ ପ୍ରଥମେ ବ୍ୟାଟିଂ କରି ୩୧୯ ରନ କରିଥିଲା। ଇଂଲଣ୍ଡ ତାହାର ପିଛା କରି ମାତ୍ର ୧୯୪ରନ କରିବାକୁ ସମର୍ଥ ହୋଇଥିଲା।

ଫାଇନାଲରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ଲୌରା ଉଇଲଭାର୍ଟ ପଶ୍ଚାତଧାବନ କରିବାକୁ ଉଚିତ ମଣି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲେ। ମ୍ୟାଚର ଗତି ଓ ପ୍ରକୃତି ଯାହା ସେଥିରେ ୩୦୦ରୁ ଊର୍ଦ୍ଧ୍ୱ ରନ ଲକ୍ଷ୍ୟ ଧାର୍ଯ୍ୟ ନକଲେ ଜିତିବା ଯେକୌଣସି ଦଳ ପକ୍ଷରେ ଏତେ ସହଜ ହେବ ନାହିଁ। ତେବେ ଓପନିଂ ବ୍ୟାଟର ଶେଫାଳି ଦଳ ପକ୍ଷରୁ ସର୍ବାଧିକ ୮୭ରନ ଓ ଦୀପ୍ତିଙ୍କ ଉପଯୋଗୀ ୫୮ରନ ଭାରତକୁ ୨୯୮ ପହଞ୍ଚାଇବାରେ ସହାୟକ ହୋଇଥିଲା। ଏହି ଲକ୍ଷ୍ୟର ପିଛା କରୁ କରୁ ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଅଧିନାୟକ ଲୌରା ଉଇଲଭାର୍ଟଙ୍କ ଚମକପ୍ରଦ ଶତକ ସତ୍ତ୍ୱେ ଦଳକୁ ସଫଳତା ମିଳିନଥିଲା। ଦଳ ପ୍ରଥମ ଥର ଫାଇନାଲକୁ ଉନ୍ନୀତ ହୋଇଥିବାରୁ ରନର୍ସଅପରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଲା। ଭାରତର ଏହି ବିଜୟ ପଛରେ ଶେଫାଳିଙ୍କ ୮୭ ରନ ଓ ଦୁଇଟି ଉଇକେଟ ହାସଲ ଦୃଷ୍ଟିରୁ ତାଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ସମ୍ମାନିତ କରାଯାଇଥିଲା। ଏହାସତ୍ତ୍ୱେ ଦୀପ୍ତିଙ୍କ ୫୮ ରନ ସାଙ୍ଗକୁ ୫ ଉଇକେଟ ହାସଲ କମ ଗୁରୁତ୍ୱପୂର୍ଣ୍ଣ ନୁହେଁ। ସର୍ବାଧିକ ୨୨ଉଇକେଟ ହାସଲ ସହ ୨୧୫ରନ ସଂଗ୍ରହ ସକାଶେ ସେ ଚଳିତ ବିଶ୍ୱକପର ଶ୍ରେଷ୍ଠ ଖେଳାଳିର ମର୍ଯ୍ୟାଦା ହାସଲ କରିଛନ୍ତି। ଯାହାହେଉ ଭାରତୀୟ ଦଳ ୫୨ରନରେ ଦକ୍ଷିଣ ଆଫ୍ରିକାକୁ ପରାଜିତ କରି ବିଶ୍ୱକପ ଚମ୍ପିୟାନ ହେବା କମ ଗୌରବର କଥା ନୁହେଁ।

ବିସିସିଆଇର ଘୋଷଣା ଅନୁଯାୟୀ ଭାରତୀୟ ମହିଳା କ୍ରିକେଟ ଦଳ ୧୨୫ କୋଟିଟଙ୍କା ପାଇବ। ଏହି ପୁରସ୍କାର ରାଶି ଯେତେ ବଡ଼କଥା ନୁହେଁ ବଡ଼କଥା ହେଲା ଆମ ଦେଶର ମହିଳା ଯେ ବିଶ୍ୱବିଜୟିନୀ ହୋଇପାରିବେ ତାହା ଏହି ବିଶ୍ୱକପ ଟୁର୍ଣ୍ଣାମେଣ୍ଟରେ ପ୍ରମାଣିତ ହୋଇଛି। ଆଗାମୀ ଦିନରେ ମହିଳା କ୍ରିକେଟ ପ୍ରତି ଆମଦେଶରେ ଆଗ୍ରହ ଓ ଆକର୍ଷଣ ବଢ଼ିବ। ଉନ୍ନତମାନର ମହିଳା କ୍ରିକେଟ ପାଇଁ କ୍ଷେତ୍ର ପ୍ରସ୍ତୁତିର ସୁଯୋଗ ଆହୁରି ବ୍ୟାପକ ହେବ ବୋଲି ଆଶା କରିବା। ●

## ଆଣ୍ଡ୍ରୁଙ୍କ ପରେ କିଏ?

ଜେଫ୍ରି ଏପିଷ୍ଟିନ୍‌ଙ୍କ ଯୌନ କେଲେଙ୍କାରୀ ସମଗ୍ର ବିଶ୍ୱର ହଟଚମଟ ସୃଷ୍ଟି କରିଥିଲା। ବିତ୍ତୀୟ ସହାୟତା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ପ୍ରତିଷ୍ଠା ଓ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏପିଷ୍ଟିନ୍ ଉଭୟ ରାଜନୈତିକ ଓ କର୍ପୋରେଟ୍ ଜଗତରେ ବିଶ୍ୱରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବେ ଲୋକସଂପର୍କ ବଢ଼ାଇଥିଲେ। ବୈଭବ ପ୍ରାଚୁର୍ଯ୍ୟ ମଧ୍ୟରେ ଥିବା ଏପିଷ୍ଟିନ୍ ଯୌନ ଲାଳସାକୁ ଚରିତାର୍ଥ କରିବା ପାଇଁ ବ୍ୟଭିଚାରର ସମସ୍ତ ସୀମା ଅତିକ୍ରମ କରିଥିଲେ। ନିଜର ପ୍ରଭାବ ଓ ପ୍ରତିଷ୍ଠାର ଆଢୁଆଳରେ ତଥାକଥିତ ବନ୍ଧୁମାନଙ୍କ ସନ୍ତୁଷ୍ଟି ପାଇଁ ବିପୁଳ ବ୍ୟୟରେ ନାବାଳିକାଙ୍କୁ ସଂଗ୍ରହ କରି ଗୋପନ ଅଭିସାରର ପଥ ପରିଷ୍କାର କରିଥିଲେ। କିଛି ନିକଟତମ ସହଯୋଗୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ହୋଇଥିବାରୁ ଏହି ଘଟଣାକ୍ରମର ଭିଡିଓ ସୁଟିଙ୍ଗ ମଧ୍ୟ କରାଇଥିଲେ।

ତେବେ ଏପ୍ରକାର ଯୌନ ଶୋଷଣ ସବୁଦିନ ଲୁଚି ରହିପାରିବ ନାହିଁ। ନିର୍ଯାତନା ଓ ଶୋଷଣର ସମ୍ମୁଖୀନ ହୋଇଥିବା ଯୁବତୀ ଦିନେ ନା ଦିନେ ମୁହଁ ଖୋଲିବେ। ତାହା ହିଁ ଶେଷରେ ଘଟିଲା। ଏଫବିଆଇ ପକ୍ଷରୁ ତଦନ୍ତ ହେଲା। ପ୍ରବଳ ଚାପ ସତ୍ତ୍ୱେ ସେ ଦୋଷୀ ସାବ୍ୟସ୍ତ ହେଲେ ଏବଂ ତାଙ୍କୁ ୧୯ ମାସ କାରାଦଣ୍ଡାଦେଶ ଭୋଗିବାକୁ ପଡ଼ିଲା। ଶେଷରେ ସେ ଆତ୍ମହତ୍ୟା କଲେ ବୋଲି କୁହାଯାଇଥିଲେ ମଧ୍ୟ ତାହା ସନ୍ଦେହରୁ ଊର୍ଦ୍ଧ୍ୱରେ ଆସିପାରୁନାହିଁ। ଆମେରିକା ଦୁଇ ପରସ୍ପର ବିରୋଧୀ ଦଳର ନେତା ଏହି ଯୌନ ଶୋଷଣରେ ସଂପୃକ୍ତ ଥିବାରୁ ଏପିଷ୍ଟିନ୍‌ଙ୍କ କଳାକାରନାମାର ସବିଶେଷ ତଥ୍ୟ ପଦାକୁ ଆସିପାରିନାହିଁ। ଏ ସଂକ୍ରାନ୍ତରେ ଭିଡିଓ ରେକର୍ଡିଂ କେଉଁଠି ନା କେଉଁଠି ଲୁକ୍କାୟିତ ହୋଇ ରହିଛି। ତେଣୁ ନେତାଙ୍କ ମୁଣ୍ଡରୁ ବିବାଦ ହଟିନି। ବ୍ରିଟେନର ଯୁବରାଜ ଆଣ୍ଡ୍ରୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ଏହି ଯୌନ କେଲେଙ୍କାରୀ ପୁଣି ଥରେ ପଦାକୁ ଆସିଛି। ଆମେରିକୀୟ ଯୁବତୀ ଭର୍ଜିନିଆ ଜେଫ୍ରି ମୁହଁ ଖୋଲିବାରୁ ଯୁବରାଜ ଆଣ୍ଡ୍ରୁ ବ୍ରିଟେନ ରାଜପରିବାର ପଦମର୍ଯ୍ୟାଦା ସମ୍ମାନରୁ ବଞ୍ଚିତ ହୋଇଛନ୍ତି। କିଛିଦିନ ତଳେ କିଙ୍ଗ ଚାର୍ଲସ୍ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଏହି ପ୍ରସଙ୍ଗକୁ କେନ୍ଦ୍ର କରି କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲେ। ତେଣୁ ପ୍ରବଳ ଚାପର ବଶବର୍ତ୍ତୀ ହୋଇ ତୁରନ୍ତ ଆଣ୍ଡ୍ରୁଙ୍କ ଉପାଧି ପ୍ରତ୍ୟାହାର କରାଯିବା ସହ ୱିଣ୍ଡସର କାସଲ ବାସଗୃହରୁ ବିଦାୟ ନେବାକୁ କୁହାଯାଇଛି। ତାଙ୍କଠାରୁ ରାଜ ପରିବାରର ଉପାଧି ଓ ସମ୍ମାନ ପ୍ରତ୍ୟାହାର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

ଜେଫ୍ରିଙ୍କ ଭଳି ବହୁ ନାବାଳିକା ଏପିଷ୍ଟିନ୍‌ଙ୍କ ଯୌନ କେଲେଙ୍କାରୀର ଶିକାର ହୋଇଛନ୍ତି। ଆଗକୁ ଆଉ ଯେ କିଏ ମୁହଁ ଖୋଲିବ ତାହାର ସମ୍ଭାବନା ଊଣା। ତେବେ ଭିଡିଓ ରେକର୍ଡିଂକୁ ଯେ ନଷ୍ଟ କରାଯାଉଛି ଏକଥା ନୁହେଁ। ଏହା ବେଶୀବର୍ଷ ତଳର ଘଟଣା ନୁହେଁ। ଟ୍ରମ୍ପଙ୍କୁ ନେଇ ବାରମ୍ବାର କଥା ଉଠୁଥିଲେ ମଧ୍ୟ କ୍ଷମତାର ଚାପ ଓ ସାଲିସ ଉଭୟ ଏକ୍ଷେତ୍ରରେ କାମ କରୁଛି। ଗାଜା ବ୍ୟାପାରରେ ଟ୍ରମ୍ପଙ୍କ ଭୂମିକାକୁ ଲକ୍ଷ୍ୟ କଲେ ମୋସାଡର ଭୂମିକା ଆପେ ଆପେ ସନ୍ଦେହ ପରିସରକୁ ଆସି ଯାଉଛି। ●

# ସୃଜନାତ୍ମକ ବିନାଶ ବନାମ ସୃଜନାତ୍ମକ ସଂରକ୍ଷଣ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ପୁଞ୍ଜିବାଦୀ ଅର୍ଥନୀତି ତଥା ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରଗତି ପଛରେ ସୃଜନଶୀଳ ବା ସୃଜନାତ୍ମକ ବିନାଶ (କ୍ରିଏଟିଭ୍ ଡେଷ୍ଟ୍ରକସନ)ର ନିର୍ଣ୍ଣାୟକ ଭୂମିକା ଅବିସମ୍ବାଦିତ ବୋଲି ପ୍ରତିପାଦିତ କରି ୨୦୨୫ର ନୋବେଲ ପୁରସ୍କାରରେ ସମ୍ମାନିତ ହେଲେ ପ୍ରସିଦ୍ଧ ତିନି ଅର୍ଥନୀତିଜ୍ଞ ଜୋଏଲ୍ ମୋକିର୍, ଫିଲିପ୍ ଆଘିଅନ୍ ଓ ପିଟର୍ ହାଓଇଟ୍। ଏହି 'ସୃଜନାତ୍ମକ ବିନାଶ'ର ତତ୍ତ୍ୱଟି ପ୍ରଥମେ ଆମକୁ ଜଣାଇଥିଲେ 'ଜୋସେଫ୍ ସୁମ୍ପିଟର୍'। ଏ ବର୍ଷର ଏହି ଚର୍ଚ୍ଚିତ ନୋବେଲ୍ ବିଜେତାମାନେ ଏହି ନିଷ୍କର୍ଷଟିର ସତ୍ୟତା ତଥା ପ୍ରାମାଣିକତା ଗବେଷଣାଲବ୍ଧ ତଥ୍ୟନିଷ୍ଠ ଯୁକ୍ତି ଆଧାରରେ ଦୃଢ଼ତାର ସହ ସାବ୍ୟସ୍ତ କଲେ। ତେଣୁ ଏବେ ଆମ ବୁଦ୍ଧିଜୀବୀଙ୍କ ତୁଣ୍ଡରେ 'ସୃଜନାତ୍ମକ ବିନାଶ' ରୂପକ ଆପାତତଃ ବିପରୀତାଭାସ ତତ୍ତ୍ୱଟି ଏକ ଘୋଷାପଦ ପାଲଟି ସାରିଲାଣି। ଅନେକ ବି ମାତ୍ରାତିରିକ୍ତ ଉତ୍ସାହ ଦେଖାଇ କହିବାକୁ ଆରମ୍ଭ କଲେଣି ଯେ ପ୍ରତ୍ୟେକ ପ୍ରକାରର ସମୃଦ୍ଧି ବା ବିକାଶ, ତାହା ପ୍ରାକୃତିକ ହେଉ କି ମାନବଜୀବନକୈନ୍ଦ୍ରିକ ହେଉ, ର ଏହା ହେଉଛି ଏକମାତ୍ର ଉତ୍ପ୍ରେରକ।

ଏଥିରେ ବିସ୍ମିତ ହେବାର କାରଣ ଅବଶ୍ୟ ଥାଇ ନପାରେ। କାରଣ ଆମେ ପ୍ରତ୍ୟେକ ଜାଣିଛେ ଯେ ଘଞ୍ଚ ଅରଣ୍ୟଟିଏ ଅଗ୍ନିଦଗ୍ଧ ହେଲା ପରେ ନୂତନ ସବୁଜିମାର ସୃଷ୍ଟି ହୁଏ; ପୁରାତନ ସଂସ୍କୃତି ଓ ପରମ୍ପରା, ପୁରାତନ ଜ୍ଞାନରାଜିରୁ ବେଶ୍ କିଛିକୁ ନେପଥ୍ୟକୁ ହଟାଇ ଦେଇ ନୂତନ ସଂସ୍କୃତି, ପରମ୍ପରା ବା ଜ୍ଞାନରାଜିର ଅଭ୍ୟୁଦୟ ହୁଏ ଏବଂ ପୁରାତନ ପ୍ରବିଧି ବା ପ୍ରାବିଧିକ କୌଶଳର ସ୍ଥାନରେ ନୂତନ ପ୍ରବିଧି, ପ୍ରାବିଧିକ କୌଶଳର ଆବିଷ୍କାର ବା ଉଦ୍‌ଭାବନ ହୁଏ। କିନ୍ତୁ ଦୁର୍ଭାଗ୍ୟଜନକ କଥାଟି ହେଉଛି ଯେ ବର୍ତ୍ତମାନର ଏହି ଲଗାମହୀନ କାଳଖଣ୍ଡରେ ସଂକୀର୍ଣ୍ଣ, ବିଦ୍ୱେଷପୂର୍ଣ୍ଣ ମତାଦର୍ଶର ପ୍ରବକ୍ତା ଓ ଅନ୍ଧଭକ୍ତମାନେ ଆମ ଧର୍ମ, ସଂସ୍କୃତି ତଥା ଜ୍ଞାନପରମ୍ପରାରେ ଥିବା ସକଳ ପ୍ରକାରର ମୁକ୍ତ, ଉଦାର ଚିନ୍ତନ ଓ ସାର୍ବଜନୀନ ବିଚାରଧାରା ସର୍ବାଦୌ ପରିତ୍ୟଜ୍ୟ ବୋଲି ଆମମାନଙ୍କୁ କହୁଛନ୍ତି। ଦେଶପ୍ରେମ, ଜାତିପ୍ରେମ ବା ସଂପ୍ରଦାୟପ୍ରେମର ଦ୍ୱାହି ଦେଇ ଚିରନ୍ତନୀ ମାନବୀୟ ଆଦର୍ଶ ବା ମୂଲ୍ୟବୋଧ ସବୁର ସ୍ଥାନରେ ଘୃଣା, ଅସୂୟା, ଅସହିଷ୍ଣୁତା, ଧର୍ମୀୟ ବିଭେଦର ବୀଜ ରୋପଣ କରିବାରେ ବିକୃତ ଉତ୍ସାହ ଦେଖାଇ ଚାଲିଛନ୍ତି। ଦୟା, କ୍ଷମା, ସମଭାବାପନ୍ନ, ବିଶ୍ୱପ୍ରେମ ଓ ସର୍ବଧର୍ମସମନ୍ୱୟୀ ଭାବଭାବନାଗୁଡ଼ିକୁ ଖର୍ବ, ମଳିନ, ନିଷ୍ପ୍ରଭ କିମ୍ବା ମୂଳପୋଛ କରିଦେବା ପାଇଁ ହୀନ ମସୁଧା ଚାଲିଛି ସର୍ବତ୍ର।

ଏମିତି ଭ୍ରଷ୍ଟ, ଭ୍ରାନ୍ତ ବିଚାରଧାରାର ତଥାକଥିତ ରାଷ୍ଟ୍ରପ୍ରେମୀ ବା ଧର୍ମପ୍ରେମୀମାନଙ୍କ ସହିତ ଆମ ବୁଦ୍ଧିଜୀବୀ, ଆମ ଜନବିଦ୍ୱାନମାନେ, ଏପରିକି ବିଜ୍ଞାନୀ ଓ ପ୍ରଯୁକ୍ତିବିଦ୍ୟା ବିଶାରଦମାନେ, ସ୍ୱର ମିଳାଇଥିବାର ଭୁରିଭୁରି ଦୃଷ୍ଟାନ୍ତ ଆମ ପାଖରେ। ଏପରି ଏକ ବିଷାକ୍ତ, ବିମର୍ଷକର ବାତାବରଣରେ ବିଚରା ସାଧାରଣ ଜନତା ଅତି ସହଜରେ ପ୍ରତାରିତ ହେବା ଆଦୌ ବିଚିତ୍ର ନୁହେଁ। ମାନବୀୟ ମୂଲ୍ୟବୋଧ, ଗଣତାନ୍ତ୍ରିକ ଆଦର୍ଶ ଓ ଧର୍ମନିରପେକ୍ଷ ବିଚାରଧାରା ସବୁକୁ ପୁରୁଣା, ଘସରା, ଯୁଗଅନୁପଯୋଗୀ ବୋଲି କହି ଉଗ୍ର, ହିଂସ୍ର, ସାଂପ୍ରଦାୟିକ ମତାଦର୍ଶ ସବୁର ପରିପ୍ରସାର ପାଇଁ ନିରନ୍ତର ପ୍ରୟାସ କରୁଥିବା ନ୍ୟସ୍ତସ୍ୱାର୍ଥଗୋଷ୍ଠୀ ସୃଜନାତ୍ମକ ବିନାଶ ତତ୍ତ୍ୱଟିର ଅପପ୍ରୟୋଗ କରିବାର ସହସ୍ର ସମ୍ଭାବନା ଥିବା ପରି ସ୍ପଷ୍ଟ ବୋଧ ହୁଏ। ତେଣୁ ଏ ସନ୍ଦର୍ଭରେ ଏକ ବିକଳ୍ପ ଚିନ୍ତନର ଆବଶ୍ୟକତା ଅଛି, କାରଣ ପ୍ରତ୍ୟେକ କ୍ଷେତ୍ରରେ ସଂଘଟିତ ହେଉଥିବା ବିକାଶ, ପରିବର୍ଦ୍ଧନ ବା ନବପ୍ରବର୍ତ୍ତନ ପଛରେ ସୃଜନାତ୍ମକ ଧ୍ୱଂସ କି ବିନାଶ ଏକ ଅବଧାରିତ ପ୍ରକ୍ରିୟା ନୁହେଁ।

ଏ ଜୀବନ ଓ ଜଗତରେ ଏମିତି ଅନେକ କ୍ଷେତ୍ର ଅଛି, ଯେଉଁଠି ସୃଜନାତ୍ମକ ବିନାଶ ନୁହେଁ, ବରଂ ସୃଜନାତ୍ମକ ସଂରକ୍ଷଣ ମାଧ୍ୟମରେ ନୂତନକୁ ଆବାହନ ଓ ସ୍ୱାଗତ କରାଯାଇଥାଏ, ଯେଉଁଠି ବିକାଶ, ବିବର୍ତ୍ତନ କି ନବନବ ଉନ୍ମେଷମାନ ଅନବରତ ଘଟିଚାଲିଥାଏ ଧ୍ୱଂସ ବା ବିନାଶର ବିନା ସଂରଚନାରେ। ନୂତନର ଆବାହନ, ନୂତନର ଧରାବତରଣ ପାଇଁ ଯାହାକିଛି ପ୍ରାଚୀନ, ଯାହାକିଛି ପୂର୍ବସୃଷ୍ଟ ବା ପୂର୍ବପ୍ରତିଷ୍ଠିତ ସେ ସବୁକୁ ସଂପୂର୍ଣ୍ଣ ବିନାଶ କରିବା ବା ନେପଥ୍ୟକୁ ଠେଲିଦେବା ସର୍ବଦା ଏକ ଅବଧାରିତ ସତ୍ୟ ନୁହେଁ। ଆଗକୁ ପାଦ ପକାଇ ଚାଲିବା ପାଇଁ ସର୍ବଦା ପଛର ସବୁ ପଦଚିହ୍ନକୁ ଲିଭାଇଦେବା ଆବଶ୍ୟକ ହୋଇନଥାଏ। ପ୍ରେମ, ମମତା, ଅନୁରାଗ ପରି ଆଦିମତମ ତଥା ସହଜାତ ମାନବୀୟ ପ୍ରବୃତ୍ତି ସବୁର କ୍ରମପ୍ରସ୍ଫୁଟନ ପାଇଁ ଲୋଡ଼ା ହେଉଛି ସୃଜନାତ୍ମକ ସଂରକ୍ଷଣ। ଅର୍ଥାତ୍ ଏହି ମାନବୀୟ ଭାବାବେଗ କ୍ରମଶଃ ଗଭୀରରୁ ଗଭୀରତର ହୋଇଥା'ନ୍ତି ପୂର୍ବର ସକଳ ସ୍ମୃତି, ସକଳ ଆବେଗକୁ ଅତୁଟ ରଖି। ପ୍ରଥମ ପ୍ରେମାନୁଭୂତିର ମଧୁଆବେଶକୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରି ପ୍ରେମ ତା'ର ସାର୍ଥକତା ସାଉଁଟି ନଥାଏ, ପୂର୍ଣ୍ଣତା ପ୍ରାପ୍ତ ହୋଇ ନ ଥାଏ। ମା'ର ବାତ୍ସଲ୍ୟ ପ୍ରେମ ସର୍ବଦା ହିଁ ରହିଥାଏ ଜାଜ୍ଜ୍ୱଲ୍ୟମାନ। ବୟସ୍କ ସନ୍ତାନ ପ୍ରତି ମା'ର ପ୍ରେମ ହେଉଛି ସ୍ମୃତି ଓ ଅଭିଜ୍ଞତାର ଆଧାରରେ ବିବର୍ତ୍ତିତ, ପରିପକ୍ୱ ହୋଇଥିବା ସେହି ବାତ୍ସଲ୍ୟ ପ୍ରେମ ମାତ୍ର। ବାତ୍ସଲ୍ୟ ପ୍ରେମ ଅନୁରୂପ ବି ଘନ ଆବେଗଦୀପ୍ତ ରୋମାଣ୍ଟିକ୍ ପ୍ରେମ, ଯା'ର ପ୍ରବାହ ଅବିଚ୍ଛିନ୍ନ ରହିଥାଏ ଅତୀତରୁ ବର୍ତ୍ତମାନ ଏବଂ ଯା'ର ଦୀପ୍ତି ସଂଚରିତ ହୋଇଚାଲିଥାଏ ପାହାନ୍ତା ପ୍ରହରର କୋମଳ ସୂର୍ଯ୍ୟାଲୋକର ଅବିଚ୍ଛିନ୍ନ କ୍ରମସଂଚରଣ ପରି। ପ୍ରେମ, ମମତା ଓ ଅନୁରାଗର ଅଙ୍ଗନ ହେଉଛି ହୃଦୟ ଏବଂ ହୃଦୟ ଜାଣେ ନାହିଁ 'ସୃଜନାତ୍ମକ ବିନାଶ'ର ଭାଷା। ହୃଦୟ କେବଳ ଜାଣେ 'ସୃଜନାତ୍ମକ ସଂରକ୍ଷଣ'ର ଭାଷା। ଏହା କେବଳ ବିଶ୍ୱାସ କରେ 'ସୃଜନାତ୍ମକ ବିକାଶ', 'ବିବର୍ତ୍ତନ' ଓ 'ସୃଜନାତ୍ମକ ପରିବର୍ଦ୍ଧନ'ରେ। ଫିନିକ୍ସ ପକ୍ଷୀ ପରି ପୁନର୍ଜନ୍ମ ନେବାକୁ, ପୁନଃ ସତେଜ ବା ଜୀବନ୍ତ ହେବାକୁ ମାନବୀୟ ପ୍ରେମ, ମମତା ଓ ଅନୁରାଗ କେବେହେଲେ ଲୋଡ଼ି ନ ଥା'ନ୍ତି ଆପଣା ଆପଣାର ଭସ୍ମ ପାଉଁଶ। ଏକ ଗୂଢ଼, ଗଭୀର ଦୃଷ୍ଟିରୁ ବିଚାର କଲେ ଆମେ ନିଶ୍ଚୟ ଉପଲବ୍ଧି କରିପାରିବା ଯେ ଆମ ଜୀବନର ମହାର୍ଘ ଭାବକ୍ଷେତ୍ର ପାଇଁ ସୃଜନଶୀଳ ବା ସୃଜନାତ୍ମକ ବିକାଶର ତତ୍ତ୍ୱଟି ପୂରାପୂରି ନିରାଧାର।

ଖାଲି ପ୍ରେମ ବା ମମତାର କ୍ଷେତ୍ର ନୁହେଁ, ମୈତ୍ରୀ, କରୁଣା, ସମ୍ବେଦନା ଓ ନୈତିକତା ପରି ଶ୍ରେଷ୍ଠତମ ମାନବୀୟ ମୂଲ୍ୟବୋଧ ସବୁର ବିକାଶ ବା ଯୁଗୋପଯୋଗୀ ରୂପାନ୍ତରଣ ପାଇଁ ଆବଶ୍ୟକ ହୋଇନଥାଏ କୌଣସି ପ୍ରକାର ବିନାଶର ପ୍ରକ୍ରିୟା। ଏ ସମସ୍ତ ମୂଲ୍ୟବୋଧର ଉତ୍ସ ହେଉଛି ମାନବର ଅନ୍ତର୍ମନ ବା ଚେତନା। ମାନବୀୟ ଚେତନାର କ୍ରମବିକାଶ ସହ ତାଳ ଦେଇ ବିବର୍ତ୍ତିତ ବା ବିକଶିତ ହୋଇଥାଏ ମୂଲ୍ୟବୋଧଭିତ୍ତିକ ମାନବଜୀବନ। ପ୍ରସ୍ତର ଯୁଗର ଅନ୍ଧାରି ବଳୟରୁ ଧୀରେ ଧୀରେ ସଚେତନତାର ଆଲୋକକୁ ଆସୁଥିବା ମଣିଷ ପ୍ରଥମେ କେବଳ ଆପଣାର ସୁରକ୍ଷା, ନିରାପତ୍ତା ନିଶ୍ଚିତ କରିବା ପାଇଁ କେତୋଟି ନୀତି, ନିୟମ ମାନିବାକୁ ଚାହିଁଥିବ ଏବଂ ପରେ ସେ ସବୁର ଉପଯୋଗିତା ତା' ପାଖରେ ସ୍ପଷ୍ଟ ହୋଇଯିବା ପରେ ସେ ବୁଝିଯାଇଥିବ ଯେ ସେ ନୀତି, ନିୟମ ବା ଲକ୍ଷ୍ମଣରେଖାମାନଙ୍କର ଉଲ୍ଲଙ୍ଘନ ତା'ର ଅସ୍ତିତ୍ୱ ପାଇଁ ବିପଜ୍ଜନକ। ମଣିଷ ତା'ର ସଭ୍ୟତାର ବ୍ରାହ୍ମ ମୁହୂର୍ତ୍ତରୁ ଏ ପର୍ଯ୍ୟନ୍ତ ମୈତ୍ରୀ, ପ୍ରୀତି, କରୁଣା ଓ ନୈତିକତା ଆଦି ମହନୀୟ ମାନବୀୟଭାବ, ନୀତି ବା ଆଦର୍ଶର ପରିପୁଷ୍ଟି କରିଆସିଛି ବିନା ସୃଜନାତ୍ମକ ବିନାଶ ତତ୍ତ୍ୱର ସଚେତନ ପ୍ରୟୋଗରେ। ପୁରାତନ ଆତ୍ମିକ ଭାବସଂପଦ, ପୁରାତନ ମୂଲ୍ୟବୋଧର ଧ୍ୱଂସସାଧନ ନୁହେଁ, ସଚେତନ ଅଙ୍ଗୀକାର ସଚେତନ ସଂରକ୍ଷଣ ମାଧ୍ୟମରେ ସେ ସବୁର ଦୃଢ଼ୀକରଣ ଓ ପରିବର୍ଦ୍ଧନ ହୋଇଥାଏ। ନ୍ୟାୟପ୍ରଦାନର ଦାୟରେ ଦୟା, କ୍ଷମା ବା କରୁଣାର ବିନାଶ କାମ୍ୟ ନୁହେଁ, ସାହସ ପ୍ରଦର୍ଶନ ପାଇଁ ନମ୍ରତା ବା ସଂବେଦନାର ବିନାଶ କାମ୍ୟ ନୁହେଁ କି ନିରପେକ୍ଷ ସତ୍ୟର ପ୍ରତିଷ୍ଠା ପାଇଁ ପ୍ରେମଭାବର ବିନାଶ କାମ୍ୟ ନୁହେଁ।

ଉତ୍ତରୋତ୍ତର ଭୌତିକ ତଥା ଅର୍ଥନୈତିକ ପ୍ରଗତିର ଧାରାରେ ସୃଜନାତ୍ମକ ଧ୍ୱଂସ ବା ବିନାଶ (କ୍ରିଏଟିଭ ଡେଷ୍ଟ୍ରକସନ)ର ପ୍ରାସଙ୍ଗିକତା ଅବଶ୍ୟ ଅନସ୍ୱୀକାର୍ଯ୍ୟ। ଅତ୍ୟାଧୁନିକ ପ୍ରଯୁକ୍ତିର ପ୍ରୟୋଗ, ଅତ୍ୟାଧୁନିକ ପ୍ରବିଧିମାନଙ୍କ ନିର୍ମାଣ, ବିନିର୍ମାଣ କ୍ରମରେ ଲିପ୍ତ ବିଶାରଦ, ବିଶେଷଜ୍ଞମାନେ ସୃଜନାତ୍ମକ ବିନାଶର ମନ୍ତ୍ରଟି ଉଚ୍ଚାରଣ କରି ପୁରୁଣାର ଯଜ୍ଞାନଳରେ ଆହୂତି ପ୍ରଦାନ କରୁଥା'ନ୍ତୁ। ନୂଆର ଧରାବତରଣ କରାଇ ଚାଲିଥା'ନ୍ତୁ, ନବପ୍ରବର୍ତ୍ତନ ମାଧ୍ୟମରେ। କିନ୍ତୁ ସକଳ ପ୍ରକାରର ବିକାଶ, ପରିବର୍ତ୍ତନ ବା ପରିବର୍ଦ୍ଧନ ପାଇଁ ପୁରାତନର ସମୂଳ ଉତ୍ପାଟନ, ସମୂଳ ବିସର୍ଜନ ଯେ ଅପରିହାର୍ଯ୍ୟ-ଏହା ଆଦୌ ଏକ ନିର୍ବିବାଦୀୟ ସତ୍ୟ ନୁହେଁ। ଆମେ ଯଦି ଏପରି ଭାବିବସିବା ଆମେ ମତାନ୍ଧ ହୋଇଯିବା, ଏକପ୍ରକାର ରୂଢ଼ିବାଦୀ ଧାରଣାର ଅନ୍ଧଭକ୍ତ ହୋଇଯିବା ଏବଂ ଜୀବନ ଓ ଜଗତ ପାଇଁ ଅତି ଶ୍ରେୟସ୍କର ଅନେକ ମହାର୍ଘ ଭାବସଂପଦ, ଅନେକ ମହାର୍ଘ ଗୁଣରାଜିର ବିନାଶପର୍ବର ପୁରୋଧା ହୋଇଯିବା, ଯେମିତି ହୋଇଚାଲିଛେ ଏବେ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)

କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ

**ଡ. ଅଭିମନ୍ୟୁ ବରାଳ**

ଆମ ଜନ୍ମଭୂମି ଭାରତବର୍ଷ ପ୍ରାଚୀନ ସଂସ୍କୃତିସମ୍ପନ୍ନ ସଭ୍ୟ ଦେଶ। ଏ ଦେଶର ବେଦ, ବେଦାନ୍ତ, ଉପନିଷଦ, ପୁରାଣ, ଜ୍ୟୋତିଷ, ସାହିତ୍ୟ, ବ୍ୟାକରଣ, ନ୍ୟାୟ, ମୀମାଂସା, ଅର୍ଥନୀତି ଓ ରାଜନୀତି ଆଦି ଥିଲା ଉନ୍ନତତର। ନାଳନ୍ଦା, ତକ୍ଷଶିଳା, ପୁଷ୍ପଗିରି ପ୍ରଭୃତି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଦେଶବିଦେଶରୁ ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରୁଥିଲେ। ଇଂରେଜମାନେ ଭାରତବର୍ଷକୁ ଅଧିକାର କରିବା ପରେ ଦେଖିଲେ ଯେ ଏ ଦେଶର ଶିକ୍ଷାଦାନ ପଦ୍ଧତି ଅତ୍ୟନ୍ତ ଉନ୍ନତ। ବେଦ, ବେଦାନ୍ତ ଓ ସଂସ୍କୃତ ଭାଷା ଏ ଜାତିକୁ ଉନ୍ନତ କରି ରଖିଛି। ତେଣୁ ଏ ଶିକ୍ଷା ବ୍ୟବସ୍ଥାକୁ ଯଦି ବିଭ୍ରାଟ କରିଦିଆଯାଏ ତେବେ ଭାରତୀୟମାନେ ଆମର ପଦାଙ୍କ ଅନୁସରଣ କରିବେ। ବେଶପୋଷାକ, ଚାଲିଚଳଣି ସବୁ ପରିବର୍ତ୍ତନ ହୋଇଯିବ। ଏମାନେ ସଂସ୍କୃତ ନ ପଢ଼ି ଇଂରାଜୀ ପଢ଼ିବେ। ବେଦ ବେଦାନ୍ତ ନ ପଢ଼ି ଇଂରାଜୀ ଉପନ୍ୟାସ (ନଭେଲ) ଓ ଗଳ୍ପାଦିକୁ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ।

ତେଣୁ ଇଂରେଜମାନେ ଯେଉଁ ଶିକ୍ଷାର ପ୍ରବର୍ତ୍ତନ କଲେ ସେଥିରେ ନଥିଲା ନୈତିକତାର ଲେଶମାତ୍ର ସୂଚନା। ତାହା ଥିଲା କେବଳ ଚାକିରି କୈନ୍ଦ୍ରିକ ବିଦ୍ୟା। ନାଳନ୍ଦା, ତକ୍ଷଶିଳା ପ୍ରଭୃତି ବିଶ୍ୱବିଦ୍ୟାଳୟରେ ଯେଉଁ ଶିକ୍ଷା ଦିଆଯାଉଥିଲା, ତାହା ନୈତିକତା ତଥା ବୌଦ୍ଧିକ ବିକାଶର ଶିକ୍ଷା। ଚୀନ ପରିବ୍ରାଜକ ହୁଏନ୍ ସାଂ ସ୍ୱୀୟ ବିବରଣୀରେ ଆମ ଶିକ୍ଷା ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଛନ୍ତି। ତେଣୁ ସ୍ୱାର୍ଥପର ଇଂରେଜମାନେ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ବିଶ୍ୱବିଦ୍ୟାଳୟକୁ ପ୍ରାୟ ଅଚଳ କରିଦେଲେ। ସେଥିରେ ଥିବା ବିଶାଳ ପାଠାଗାରକୁ ଅନଳ ଲଗାଇ ଭସ୍ମୀଭୂତ କରିଦେଲେ। ଶୁଣାଯାଏ ଉକ୍ତ ପାଠାଗାର ଦୀର୍ଘ ୬ ମାସ ପର୍ଯ୍ୟନ୍ତ ଜଳିଲା। ଫଳରେ ଅନେକ ଦୁଷ୍ପ୍ରାପ୍ୟ ଗ୍ରନ୍ଥ, ତାଳପତ୍ର ପୋଥି ଜଳିପୋଡ଼ି ପାଉଁଶ ହୋଇଗଲା। ଭାରତର ଶିକ୍ଷାଗତ ମେରୁଦଣ୍ଡକୁ ଭାଙ୍ଗିଦେବାରେ ଏହା ଥିଲା ଇଂରେଜମାନଙ୍କର ପ୍ରଥମ ଅଭିନବ କୌଶଳ। ଫଳରେ ଭାରତୀୟମାନେ ପାଶ୍ଚାତ୍ୟାଭିମୁଖୀ ତଥା ପରମୁଖାପେକ୍ଷୀ ହୋଇଗଲେ। ସେମାନଙ୍କର ସ୍ୱାଧୀନ ଚିନ୍ତା ଓ ଚେତନା ବିଲୁପ୍ତ ହୋଇଗଲା। ତେଣୁ ଇଂରେଜମାନେ ଦୀର୍ଘଦିନ ଧରି ଏ ଦେଶକୁ ଶାସନ କରିବାର ସୁଯୋଗ ପାଇଗଲେ। ବ୍ୟାସକବି ଫକୀରମୋହନ ଯଥାର୍ଥରେ କହିଛନ୍ତି,

'ହିଷ୍ଟ୍ରି, ଫିଲୋସୋଫି, ବଟାନୀ ବିଦେଶୁ ହୋଇଛି ଏ ଆମଦାନୀ / ପିଲାଏ ଖାଆନ୍ତି ଏ ସବୁ ଫଳ ପାପ ଟଙ୍କା ଗଣିଦିଏ କେବଳ / ଏ ସବୁ ଫଳର ଗୁଣ ଓଲଟା ହୁଏ ଦେହ ସରୁ ବୁଦ୍ଧିଟା ମୋଟା / ମାତ୍ରକ ହଜମ ଯେପରି ଜାଣି ଜଗତ ଜିଣେ ସେ ଆପଣା ଜ୍ଞାନେ।' (ମୁଁ ହାଟ ବାହୁଡ଼ା)

ପ୍ରାଚୀନ ଭାରତରେ ଋଷିମୁନିମାନେ ଗୁରୁକୁଳ ଆଶ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରୁଥିଲେ। ସେମାନେ ଶିଷ୍ୟମାନଙ୍କୁ ପୁତ୍ରବତ୍ ଜ୍ଞାନ ପ୍ରଦାନ କରୁଥିଲେ। ଶିକ୍ଷାଦାନର ପଦ୍ଧତି ଭିନ୍ନ ଥିଲା। ଶିକ୍ଷା ଶେଷରେ ଏକ ଆଦର୍ଶ ମଣିଷ ଭାବରେ ଛାତ୍ରଟି ସମାଜର ମୁଖ୍ୟ ସ୍ରୋତରେ ମିଶି ନିଜ ଜୀବନଯାତ୍ରା ପଥରେ ଅଗ୍ରସର ହେଉଥିଲା। ସେଠାରେ ବେଦ ବେଦାନ୍ତଠାରୁ ଆରମ୍ଭ କରି କୃଷି ଏବଂ ବ୍ରହ୍ମଚର୍ଯ୍ୟ ପାଳନର ଶିକ୍ଷା ଦିଆଯାଉଥିଲା। ଏଥିପାଇଁ ଶିଷ୍ୟକୁ କୌଣସି ମୂଲ୍ୟ ଦେବାକୁ ପଡୁ ନ ଥିଲା। ଶିକ୍ଷା ସମାପ୍ତି ପରେ ଗୁରୁ ନିଜ ଇଚ୍ଛାରେ ଗୋଟିଏ ଦକ୍ଷିଣା ମାଗୁଥିଲେ। ଠିକ୍ ସେହିପରି ଥିଲା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ବକୁଳ ଛୁରିଅନା କୁଞ୍ଜର ବନ ବିଦ୍ୟାଳୟ। ବକୁଳ, ତମାଳ ତରୁ ବ୍ରତତୀର ସ୍ନିଗ୍ଧ ଛାୟାରେ ବସି ଛାତ୍ରମାନେ ଗୁରୁଙ୍କ ମୁଖରୁ ଶିକ୍ଷା ଗ୍ରହଣ କରୁଥିଲେ। ବନ ବିଦ୍ୟାଳୟର ଗୁରୁମାନେ ମଧ୍ୟ ଋଷି ପ୍ରତିମ ଥିଲେ। ପରବର୍ତ୍ତୀ କାଳରେ ଜନପଦମାନଙ୍କରେ ମାଟିବଂଶର ଅବଧାନମାନେ ଶିକ୍ଷାଦାନ କଲେ। ଧନୀ ଜମିଦାରଙ୍କ ବ୍ୟତୀତ ଖୁବ କମ୍ ପିଲା ଅଧ୍ୟୟନର ସୁଯୋଗ ପାଇଲେ। ପରେ ଗ୍ରାମ୍ୟ ଚାଟଶାଳୀରେ ସମସ୍ତ ବର୍ଗର ଛାତ୍ର ଅଧ୍ୟୟନ କରିବାର ସୁଯୋଗ ପାଇଲେ। ଛାନ୍ଦ, ପ୍ରବନ୍ଧ, ପଣିକିଆ ପ୍ରଭୃତି ସେଠାରେ ଅବଧାନେ ଶିକ୍ଷାଦାନ କଲେ। କିନ୍ତୁ ତାହା ମଧ୍ୟ ସାର୍ବଜନୀନ ହୋଇପାରିଲା ନାହିଁ।

ସ୍ୱାଧୀନତା ପରେ ସରକାରୀ ପ୍ରାଥମିକ ବିଦ୍ୟାଳୟମାନ ପ୍ରତିଷ୍ଠା କରାଗଲା। ଆଧୁନିକ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନେ ସ୍ୱଚ୍ଛନ୍ଦରେ ଅଧ୍ୟୟନ କରିପାରିଲେ। ଗାଁରେ ଥିବା ସରକାରୀ ଜମିରେ ବିଦ୍ୟାଳୟ ଖୋଲାଗଲା। ଅନେକ ସ୍ଥଳରେ ଧନିକ ଶ୍ରେଣୀର ଲୋକମାନେ ଜମି ଦେଇ ଘରଦ୍ୱାର ମଧ୍ୟ ତୋଳାଇ ଦେଲେ। ଗ୍ରାମବାସୀମାନେ ବିଦ୍ୟାଳୟର ରକ୍ଷଣାବେକ୍ଷଣ ତଥା ପରିଚାଳନା ଦାୟିତ୍ୱ ନେଲେ। କ୍ରମଶଃ ଝିଅମାନେ ବିଦ୍ୟାଳୟକୁ ଆସିଲେ। ଏହାପୂର୍ବରୁ ତତ୍କାଳୀନ ସମାଜରେ ଝିଅମାନେ ବାହାରକୁ ଯାଇ ପାଠ ପଢ଼ିବା ଏକ ଦୁରୁହ କାର୍ଯ୍ୟ ଥିଲା। ବ୍ୟାସକବି ଫକୀରମୋହନଙ୍କ ରେବତୀ ଗଳ୍ପ ଏହାର ଏକ ପ୍ରତିଫଳନ। ଛାତ୍ର-ଶିକ୍ଷକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପିତ ହେଲା। ଅଭିଭାବକମାନେ ମଧ୍ୟ ବିଦ୍ୟାଳୟ ସହିତ ସମ୍ପର୍କ ରକ୍ଷା କରୁଥିଲେ। କୌଣସି ଛାତ୍ର ବିଦ୍ୟାଳୟକୁ ନ ଆସିଲେ ଶିକ୍ଷକ ତା' ଘରକୁ ଯାଇ ଭଲମନ୍ଦ ବୁଝିବା ସହିତ ତାକୁ ଡାକି ଆଣୁଥିଲେ। 'ସମସ୍ତେ ପଢ଼ିବେ ସମସ୍ତେ ବଢ଼ିବେ', 'ଶିକ୍ଷା ହେଉଛି ମଣିଷର ମୌଳିକ ଅଧିକାର।' ସମ୍ବିଧାନର ଧାରା ୨୧ (ଏ)ରେ ଏହା ନିଶ୍ଚିତ କରାଯାଇଛି। ଗାଁ ଗହଳିରେ ଶିକ୍ଷକମାନେ ସମ୍ମାନିତ ବ୍ୟକ୍ତି ଭାବରେ ପ୍ରତିଷ୍ଠା ପାଇଲେ। ବିଦ୍ୟାଳୟର ଶୈକ୍ଷିକ ବାତାବରଣ ବେଶ୍ ମନୋରମ ହୋଇପାରିଲା।

ଶିକ୍ଷାଳୟ ଜ୍ଞାନର ମନ୍ଦିର। ଏହା ଅତ୍ୟନ୍ତ ପବିତ୍ର ସ୍ଥାନ। ସେହିପରି ଅଧ୍ୟୟନ ଏକ ମହାଯଜ୍ଞ। ଏଥିରେ ଛାତ୍ର ଜଜମାନ, ଶିକ୍ଷକ ପୁରୋହିତ। ଶିକ୍ଷାୟତନ ଏକ ଯଜ୍ଞଶାଳା। ସତ୍ୟବାଦୀ ବନ ବିଦ୍ୟାଳୟ ଏବଂ ସ୍ୱାଧୀନତା ପରେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ମୌଳିକ ଶିକ୍ଷା ଏବଂ ମୌଳିକ ବିଦ୍ୟାଳୟମାନଙ୍କରେ ନ୍ୟୂନାଧିକେ ଏ ସବୁ ଦେଖିବାକୁ ମିଳୁଥିଲା। ସମୟକ୍ରମେ ଆଧୁନିକତାର ଦ୍ୱାହି ଦେଇ ଏହାର ପବିତ୍ରତା ନଷ୍ଟ ହୋଇଚାଲିଛି। ଏବେ ଆଉ ପ୍ରାଥମିକ ବିଦ୍ୟାଳୟରେ ସେ ଗୌରବ ନାହିଁ କି ସେ ଶୈକ୍ଷିକ ବାତାବରଣ ଆଉ ନାହିଁ। ଶିକ୍ଷକମାନେ ଚାକିରି କରି ଅର୍ଥ ଉପାର୍ଜନ ପାଇଁ ଆସୁଛନ୍ତି। ମାତ୍ର ପିଲାଟିର ଉନ୍ନତି ବିଷୟରେ ସେମାନେ ଚିନ୍ତା କରୁନାହାନ୍ତି। ବିଦ୍ୟାଳୟର ଝାଟିମାଟି ଚାଳଘର ଏବେ କୋଠାରେ ପରିଣତ ହୋଇଯାଇଛି। ସେହି ଅଞ୍ଚଳକୁ ଦଣ୍ଡମୁକ୍ତ ଅଞ୍ଚଳ କରି ଦିଆଯାଇଛି। କେତେକ ଛାତ୍ର ଖାଲି ମଧ୍ୟାହ୍ନଭୋଜନ ପାଇଁ ସ୍କୁଲକୁ ଆସୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ।

ପାଶ୍ଚାତ୍ୟ ଦେଶକୁ 'ମ୍ଳେଚ୍ଛ ଦେଶ' ବୋଲି 'ମନୁ ସଂହିତା'ରେ କୁହାଯାଇଛି। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ଆଜି ସବୁକିଛି ବଦଳିଯାଇଛି। ଆଜି ଭାରତୀୟମାନେ ବିଦେଶରୁ ଶିକ୍ଷାଲାଭ କରି ଆସିବା ପରେ ତାଙ୍କୁ ଏଠାରେ ସମ୍ମାନ ଦିଆଯାଉଛି ଏବଂ ସେମାନେ ଗର୍ବ ଅନୁଭବ କରୁଛନ୍ତି। ଏ ସବୁକୁ ଦେଖିଲେ ମନରେ ସ୍ୱତଃ ପ୍ରଶ୍ନଟିଏ ଉଠୁଛି - ଏ କ'ଣ ସେହି ଭାରତବର୍ଷ, ଯିଏ ଦିନେ ଶିକ୍ଷା କ୍ଷେତ୍ରରେ ଅପୂର୍ବ ଗୌରବର ଅଧିକାରୀ ହୋଇ ବିଶ୍ୱଗୁରୁର ସମ୍ମାନ ଲାଭ କରିଥିଲା? ତା'ଠାରୁ ବଡ଼ ପ୍ରଶ୍ନ ହେଉଛି ବିଶ୍ୱଗୁରୁ ଭାରତର ସେ ହୃତଗୌରବ ସତରେ କ'ଣ ଆଉ ଫେରିବନି? ●

ସାକ୍ଷୀଗୋପାଳ (ପୁରୀ), ମୋ: ୯୯୩୭୮୩୫୨୩୦

# ଧାତବ ଜୈବିକ ଆଧାରକୁ ନୋବେଲ ସ୍ୱୀକୃତି

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ଚଳିତ ବର୍ଷ (୨୦୨୫) ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଉଛି ଜାପାନର କିଓଟୋ ବିଶ୍ୱବିଦ୍ୟାଳୟ ସୁଷୁମୁ କିଟାଗାୱା, ମେଲବୋର୍ଣ୍ଣ ବିଶ୍ୱବିଦ୍ୟାଳୟର ରିଚାର୍ଡ ରୋବ୍‌ସନ ଏବଂ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଓମାର ୟାଘିଙ୍କୁ। ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଉଦଭାବନ 'ଧାତବ-ଜୈବିକ ଆଧାର' (ମେଟାଲ-ଅର୍ଗାନିକ ନେଟୱାର୍କ ବା ସଂକ୍ଷେପରେ ଏମ୍‌ଓଏଫ୍) ଲାଗି। ଏହି ପଦାର୍ଥଗୁଡ଼ିକରେ ଧାତବ ଆୟନ୍‌ଗୁଡ଼ିକ ଜୈବିକ ଅଣୁମାନଙ୍କ ଦ୍ୱାରା ଏକ ନିୟମିତ ପୁନରାବୃତ୍ତି ଘଟୁଥିବା ଢଙ୍ଗରେ ସଂଯୁକ୍ତ ହୋଇ ତ୍ରିପରିସରୀୟ ସଂରଚନାଟିଏ ସୃଷ୍ଟି କରିଥା'ନ୍ତି। ଏହା ବିଷୟରେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏଥିରେ ଥିବା ଧାତବ ଆୟନ ଏବଂ ଜୈବିକ ଅଣୁ ମଧ୍ୟରେ ଶୂନ୍ୟସ୍ଥାନ ବିଶାଳକାୟ ରନ୍ଧ୍ର ରୂପେ କାର୍ଯ୍ୟ କରି ଏହାକୁ ଅତ୍ୟନ୍ତ ସଚ୍ଛିଦ୍ର କରିଥା'ନ୍ତି। ୟାଘିଙ୍କ କହିବା ଅନୁସାରେ ଏକ ଗ୍ରାମ ଏମ୍‌ଓଏଫ୍‌ର ଆଭ୍ୟନ୍ତରୀଣ ପୃଷ୍ଠଭୂମିର ଆକାର ପ୍ରାୟ ଏକ କ୍ଷୁଦ୍ର ଫୁଟବଲ ପଡ଼ିଆ ସହିତ ସମାନ। ଏହି କାରଣରୁ ଏଗୁଡ଼ିକ ଜେଓଲାଇଟ୍ ଏବଂ ମେସୋପୋରୋସ୍ ସିଲିକା ଭଳି ଅନ୍ୟାନ୍ୟ ସଚ୍ଛିଦ୍ର ପଦାର୍ଥ ତୁଳନାରେ ବହୁଗୁଣ ଅଧିକ ଶୋଷଣକାରୀ ରୂପେ କାର୍ଯ୍ୟ କରେ।

ବିଭିନ୍ନ ଧାତୁ ବ୍ୟବହାର କରି ଏବଂ ଜୈବିକ ସଂଯୋଗକାରୀ ଅଣୁ ଦ୍ୱାରା ଏମ୍‌ଓଏଫ୍‌ର ରନ୍ଧ୍ରଗୁଡ଼ିକୁ ସାନ କିମ୍ବା ବଡ଼ କରାଯାଇ ପାରିବା ସହିତ ତାହାକୁ ଅଧିକ ସକ୍ରିୟ କରିହେବ। ଅତଏବ, ତାହାକୁ ବାଷ୍ପ ସଂଚୟ କିମ୍ବା ବିଭିନ୍ନ ପ୍ରକାର ପରିସ୍ରବଣ କିମ୍ବା ଅଙ୍ଗାରକାମ୍ଳ ଶୋଷଣ ଆଦି କାର୍ଯ୍ୟରେ ନିୟୋଜିତ କରାଯାଇପାରିବ। ପୁନଶ୍ଚ ଏହାର ରାସାୟନିକ ଧର୍ମ ବଦଳାଇ ଏହାକୁ ଉତ୍ପ୍ରେରଣ, ବିଦ୍ୟୁତ୍ ରସାୟନ ବିଜ୍ଞାନ ଏବଂ ଫ୍ଲୋରେସେନସ୍‌ଭିତ୍ତିକ ଚିତ୍ର ଉତ୍ତୋଳନ ଆଦିରେ ବ୍ୟବହାର କରିହେବ।

ରୋବସନ୍ ୧୯୮୦ ଦଶକରେ ହୀରାର ସଂରଚନା ଅନୁକରଣରେ ତମ୍ବା ଧାତୁର ଆୟନ ସହିତ ଏକ ଜୈବିକ ଅଣୁ (ଲିଜେଣ୍ଡ) ଯୋଡ଼ି ଏହା ପ୍ରସ୍ତୁତ କରିବାକୁ ଉଦ୍ୟମ ଚଳାଥିଲେ। ଏଥିରେ ତାଙ୍କୁ ସଫଳତା ମିଳିଲା ୧୯୮୯ ମସିହାରେ। ତତ୍ପରେ ୟାଘି ଏବଂ କିଟାଗାୱା ବିଭିନ୍ନ ଧାତବ ଆୟନ ଏବଂ ସଂଯୋଗକାରୀ ଜୈବିକ ଅଣୁ (ଲିଜେଣ୍ଡ) ବ୍ୟବହାର କରି ଏକ୍ଷେତ୍ରକୁ ବିକଶିତ କରିବାକୁ ଲାଗିଲେ। ଫଳରେ ପରବର୍ତ୍ତୀ ବର୍ଷମାନଙ୍କରେ ତାହା ଅଧିକରୁ ଅଧିକ ପ୍ରସ୍ତୁତ କରିବା ସମ୍ଭବ ହେଲା ଏବଂ ୨୦୦୦-ଦଶକ ବେଳକୁ ଏଥିରୁ ମାତ୍ର କେତେ ଡଜନ୍ ତିଆରି ହୋଇ ପାରିଥିବା ସ୍ଥଳେ ବିଗତ ବର୍ଷ (୨୦୨୪) ଏହା ପ୍ରାୟ ୧୦ ହଜାର ପର୍ଯ୍ୟନ୍ତ ହୋଇପାରିଛି। ଅତଏବ ଆଜି ସୁଦ୍ଧା ଏଗୁଡ଼ିକର ସଂଖ୍ୟା ଏକ ଲକ୍ଷ ଅତିକ୍ରମ କରିଗଲା, ଯାହାକି ଅତ୍ୟନ୍ତ ସୁଦୃଢ଼ ଏବଂ ୩୦୦ ରୁ ୩୫୦ ଡିଗ୍ରୀ ସେଲ୍ସିୟସ୍ ତାପ ସହ୍ୟ କରିପାରୁଛି।

ଇତିମଧ୍ୟରେ ବିଭିନ୍ନ ଦେଶର କମ୍ପାନୀମାନେ ଏହାକୁ ବ୍ୟବସାୟିକ ଭିତ୍ତିରେ ଉତ୍ପନ୍ନ କରି ନାନାଦି କାର୍ଯ୍ୟରେ ଲଗାଇବା ପାଇଁ ଅର୍ଥ ବିନିଯୋଗ କରିବା ଆରମ୍ଭ କରିଦେଲେଣି। ଉଦାହରଣ ସ୍ୱରୂପ ଇଂଲଣ୍ଡର 'ନୂଆଡା' ନାମକ କମ୍ପାନୀ ସତେଜ ଫଳ ଓ ପନିପରିବା ଆଦିକୁ ଦୀର୍ଘକାଳ ଧରି ଗଚ୍ଛିତ ରଖିବାରେ ଏହାକୁ ଉପଯୋଗ କରୁଛି। ଏଥିରେ ବ୍ୟବହୃତ ଏମ୍‌ଏଫ୍‌ଓରେ ରହୁଛି ଏକ ରାସାୟନିକ ପଦାର୍ଥ, ଯାହାକି ସେଗୁଡ଼ିକୁ ନଷ୍ଟ ହେବାକୁ ଦେଉନାହିଁ। ସେହିପରି ଆମେରିକାର 'ନୂମାଟ୍' କମ୍ପାନୀ ତିଆରି କରିଥିବା ଏହି ଜାତୀୟ ଏକ ନୂତନ ପଦାର୍ଥ ଶିଳ୍ପରୁ ନିର୍ଗତ ପ୍ରଦୂଷଣକାରୀ ବାଷ୍ପରୁ ଅଙ୍ଗାରକାମ୍ଳ ଏବଂ ଅଲଗା ଅଲଗା ଭାବେ ଅନ୍ୟାନ୍ୟ ବାଷ୍ପଗୁଡ଼ିକୁ ଶୋଷଣ କରି ଧରିରଖୁଛି। ସେଗୁଡ଼ିକୁ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ ଜଳାଭାବର ସମ୍ମୁଖୀନ ହେଉଥିବା ଉପସାଗରୀୟ ଦେଶମାନଙ୍କରେ ବ୍ୟବହାର ଏହାର 'ମେଟ୍' ନାମକ କମ୍ପାନୀ କେତେ ପ୍ରକାର ଏମ୍‌ଓଏଫ୍ ତିଆରି କରି ବ୍ୟବସାୟିକ ଭିତ୍ତିରେ ବାୟୁରୁ ଜାତୀୟ ବାଷ୍ପ ଶୋଷଣ କରି ତାହାକୁ ତରଳ ଜଳରେ ପରିଣତ କରିବା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ସେଠାରେ ପାନୀୟ ଜଳସଂକଟକୁ କିଛିମାତ୍ରାରେ ଦୂର କରିପାରିବ। ବୈଜ୍ଞାନିକମାନେ ଆଶା କରନ୍ତି ଯେ ଆଗାମୀ ଦିନମାନଙ୍କରେ ଏହାର ବିଭିନ୍ନ କିସମ ଅଧିକରୁ ଅଧିକ ସଂଖ୍ୟାରେ ପ୍ରସ୍ତୁତ ହେବ। ତାହା ମାନବଜାତିର ବିବିଧ କଲ୍ୟାଣକାର କ୍ଷେତ୍ରରେ ବିନିଯୋଗ ହୋଇ ପାରିବ। ●

ଯମପଡ଼ା (କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାଜଧାନୀରେ ବାଘଛାଲ କାରବାର

ଭୁବନେଶ୍ୱର, ୩।୧୧(ସମିସ): ରାଜଧାନୀରେ ବାଘଛାଲ କାରବାର ଚାଲିଥିବା ବେଳେ ମାଡ଼ି ବସିଛି ପୁଲିସ। ମାଷ୍ଟରମାଇଣ୍ଡ ସମେତ ୩ ଜଣଙ୍କୁ ଗିରଫ କରିଛି ସ୍ୱତନ୍ତ୍ର ଅପରାଧିକ ଶାଖା (ଏସଟିଏଫ୍)। ଗିରଫ ଅଭିଯୁକ୍ତ ହେଲେ, ଡୁମୁଡୁମା ପଞ୍ଚସଖାନଗରର ରୋହିତ ମହାପାତ୍ର (୨୭), ଭଞ୍ଜନଗରର ମନଜିତ୍ ସାବତ (୨୯) ଓ ଗଣ୍ଡମୁଣ୍ଡା ଅଞ୍ଚଳର ଶମ୍ଭୁ ବିଷୋୟୀ (୨୩)।

- ଗ୍ରାହକ ବେଶରେ ମାଡ଼ି ବସିଲା ପୁଲିସ
- ମାଷ୍ଟରମାଇଣ୍ଡ ସମେତ ୩ ଗିରଫ
- ୩୦ ଲକ୍ଷରେ ହୋଇଥିଲା ଡିଲ୍
- କର୍ଣ୍ଣାଟକରୁ ଦିଲ୍ଲୀ ଯାଏଁ ଲମ୍ବିଛି ଚେର

ପୁଲିସ ସୂଚନାନୁସାରେ, ଦୁଇ ତିନିଜଣ ବେପାରୀ ବାଘଛାଲ କାରବାର କରୁଥିବା ଜାଣିବା ପରେ ଏସଟିଏଫ୍ ଟିମ୍ ଗ୍ରାହକ ବେଶରେ ସେମାନଙ୍କ ସହ ଯୋଗାଯୋଗ କରିଥିଲା। ବେପାରୀଙ୍କ କହିବା ମୁତାବକ ଡିଏସପି ଅନୁପ କାନୁନଗୋଙ୍କ ନେତୃତ୍ୱରେ ଗୋଟିଏ ପୁଲିସ ଟିମ୍ ହୋଟେଲ ମେ' ଫେୟାର ନିକଟକୁ ଯାଇଥିଲା। ବିଶ୍ୱାସ ଜନ୍ମାଇବା ପାଇଁ ସାଙ୍ଗରେ ୫ଲକ୍ଷ ଟଙ୍କା ନେଇଥିଲା। ମନଜିତ୍ ଓ ଶମ୍ଭୁ ଡିଲ୍ ପାଇଁ ଆସିଥିଲେ ମଧ୍ୟ ସାଙ୍ଗରେ



ବାଘଛାଲ ଆଣି ନଥିଲେ। ଟଙ୍କା ଦେଖିବା ପରେ ଦୁହେଁଜଣ ଯାକ ପୁଲିସ ଜାଲରେ ପଡ଼ିଥିଲେ। ପୁଲିସକୁ ଅପେକ୍ଷା କରିବାକୁ କହି ରୋହିତ ନିକଟରୁ ଯାଇ ବାଘଛାଲ ଆଣି ଆସିଥିଲେ। କଲରାପତରିଆ ବାଘ ଛାଲ ଦେଖିବା ପରେ ପୁଲିସ ସେମାନଙ୍କୁ କାବୁ କରିଥିଲା। ଦୁଇ ଜଣଙ୍କୁ ସାଙ୍ଗରେ ଧରି ଚଢ଼ଉ କରିବା ସହ ମାଷ୍ଟରମାଇଣ୍ଡ ରୋହିତକୁ କାବୁ କରିଥିଲା। ଅଧିକ ତଦନ୍ତ ପାଇଁ ସମସ୍ତଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା। ରୋହିତ ହିଁ ପୁରା ଘଟଣାର ମାଷ୍ଟରମାଇଣ୍ଡ ବୋଲି ପୁଲିସ ଜାଣିବାକୁ ପାଇଥିଲା। ବାଘଛାଲ ଜବତ ହେବା ପରେ କର୍ଣ୍ଣାଟକ ଓ ଦିଲ୍ଲୀ ଲିଙ୍କ୍ ପଦାକୁ ଆସିଛି। ବାଘଟିର ବୟସ ୮/୯ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଛାଲଟି କର୍ଣ୍ଣାଟକରୁ ଆସିଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି। ରାଉରକେଲାର ଜଣେ ବ୍ୟକ୍ତି ବାଘଛାଲଟିକୁ କର୍ଣ୍ଣାଟକରୁ ଓଡ଼ିଶା ଆଣିଥିଲା। ତା'ଠାରୁ ମନଜିତ୍ ଓ ଶମ୍ଭୁ ବାଘ ଛାଲ ନେଇ ଭୁବନେଶ୍ୱର ଆସି ରୋହିତକୁ ଦେଇଥିଲେ।

ରୋହିତର ବାପା କେନ୍ଦ୍ର ସରକାରଙ୍କ ଅଧୀନରେ ଚାକିରି କରିଥିବା ବେଳେ ପରିବାର ସହ ଦିଲ୍ଲୀରେ ରହୁଥିଲେ। କିନ୍ତୁ ରୋହିତ ଭୁବନେଶ୍ୱରରେ ରହୁଥିବା ବେଳେ ଅନେକ ସମୟ ଦିଲ୍ଲୀ ଯିବା ଆସିବା କରେ। ଦିଲ୍ଲୀର ଜଣେ ବ୍ୟବସାୟୀ ବାଘଛାଲ ବରାଦ କରିବା ପରେ ରୋହିତ ଛାଲ ଯୋଗାଡ଼ କରିଥିଲା। ମୋଟ ୩୦ଲକ୍ଷ ଟଙ୍କାରେ ଡିଲ୍ ହୋଇଥିବା ବେଳେ ଦିଲ୍ଲୀରେ ପହଞ୍ଚାଇବା ପରେ ରୋହିତକୁ ୫ଲକ୍ଷ ଟଙ୍କା କମିସନ ମିଳିଥାନ୍ତା ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ହେଲେ କୌଣସି କାରଣରୁ ଦିଲ୍ଲୀ ଡିଲ୍ ବିଳମ୍ବ ହେବାରୁ ରୋହିତ ବାଘଛାଲ ଧରି ଭୁବନେଶ୍ୱରରେ ଥିଲା। ଏହାରି ଭିତରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଗ୍ରାହକ ବେଶରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ କାରବାରରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ଖୋଳତାଡ଼ ଜାରି ରଖିଛି ପୁଲିସ। ଆବଶ୍ୟକ ପଡ଼ିଲେ ମାଷ୍ଟର ମାଇଣ୍ଡ ରୋହିତକୁ ରିମାଣ୍ଡରେ ଅଣାଯିବ ବୋଲି ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ହାତୀ ଆକ୍ରମଣରେ ନାବାଳକ ମୃତ

ଲାଞ୍ଜିଗଡ଼, ୩।୧୧(ସମିସ): କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ବନାଞ୍ଚଳ ଲାଞ୍ଜିଗଡ଼ ସେକ୍ସନ ନାଚିନିଗୁଡ଼ା ବିଟ୍‌ସ୍ଥିତ ହରିଡ଼ାଗୁଡ଼ା ଗ୍ରାମରେ ହାତୀ ଆକ୍ରମଣରେ ତ୍ରିଲୋଚନପୁର ପଞ୍ଚାୟତସ୍ଥିତ କୁନାକାଡୁ ଗାଁର କାଣୁ ମାଝୀଙ୍କ ପୁଅ ରବି ମାଝୀ(୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ବଡ଼ଭାଇ ସମରୁ ମାଝୀ(୭) ଆହତ ହୋଇଛି।

## ମନ୍ତ୍ରୀଙ୍କ ସତ୍ୟପାଠରେ ଅସତ୍ୟ ତଥ୍ୟ

# କୃଷ୍ଣ ପାତ୍ରଙ୍କ ବିଧାୟକ ପଦ ରଦ୍ଦ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୩।୧୧(ସମିସ): ୨୦୨୪ ରାଜ୍ୟ ବିଧାନସଭା ନିର୍ବାଚନରେ ଢେଙ୍କାନାଳ ବିଧାନସଭା ଆସନରୁ ବିଜୟୀ ହୋଇ ରାଜ୍ୟରେ ଯୋଗାଣ ମନ୍ତ୍ରୀ ପଦ ପାଇଥିବା ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କ ସତ୍ୟପାଠରେ ଅସତ୍ୟ ତଥ୍ୟ ଦେଇଛନ୍ତି । ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ଶ୍ରୀ ପାତ୍ରଙ୍କ ବିଧାୟକ ପଦ ରଦ୍ଦ କରିବାକୁ ଦାବି କରିଛି କଂଗ୍ରେସ।

ଦଳପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କ ନାମାଙ୍କନ ପତ୍ର ଦାଖଲ କଲାବେଳେ ସତ୍ୟପାଠରେ ଉଲ୍ଲେଖ କରିଥିବା ପାନ ନମ୍ବରଟି ହେଉଛି ଏକେକେପିପି୩୩୪୨ଆର୍। ମାତ୍ର ଏହି ପାନ୍ ନମ୍ବର ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଓ ଭୁଲ। ତାଙ୍କ ପତ୍ନୀଙ୍କ ପାନ ନମ୍ବର ଠିକ ଥିଲା ବେଳେ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପାନକାର୍ଡ ସଂପୂର୍ଣ୍ଣ ବେନାମୀ। ଆୟକର ବିଭାଗର କର୍ତ୍ତୃପକ୍ଷଙ୍କ ପାଖରୁ ଏହି ପାନକାର୍ଡର ସତ୍ୟାସତ୍ୟ ବାବଦରେ ଖବର ନେବାପରେ ଏହି ପାନକାର୍ଡଟି ଏକ ଅବୈଧ ବୋଲି ତଥ୍ୟ ମିଳିଛି। ଏପରି ପାନକାଡର୍ କାହାରିକୁ ଦିଆଯାଇନାହିଁ ବୋଲି ଆୟକର ବିଭାଗ କହିଛି।

ଜନପ୍ରତିନିଧି ଅଧିନିୟମ ୧୯୫୧ ଧାରା ୪(ଏ) ଅନୁସାରେ ଜଣେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବା ସମୟରେ ଫର୍ମ-୨୬ ସହିତ ଏକ ସତ୍ୟପାଠ ବା ଶପଥପତ୍ର ମଧ୍ୟ ଦାଖଲ କରିଥାନ୍ତି। ତାଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ତଥ୍ୟ ସଂପୂର୍ଣ୍ଣଭାବେ ଠିକ ଓ ନିର୍ଭୁଲ ବୋଲି ଉଲ୍ଲେଖ କରିଥାଆନ୍ତି। ତେଣୁ ଫର୍ମ- ୨୬ ରେ ମିଛ ତଥ୍ୟ ଦେଇଥିବା ହେତୁ ତାଙ୍କ ନାମାଙ୍କନ ପତ୍ର ଖାରଜ ହେବା ପରିବର୍ତ୍ତେ କିପରି ଯାଞ୍ଚ



ପ୍ରକ୍ରିୟାରେ କାଏମ ରହିଲା ଏହାକୁ ନେଇ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ପ୍ରଶ୍ନ କରିଛନ୍ତି। ଯଦି ଏହି ପାନ ନମ୍ବର ମନ୍ତ୍ରୀଙ୍କର ନୁହେଁ ତେବେ ଏହା କାହାର ସେକଥା ମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି।

ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ପାତ୍ର ନିଜ ସତ୍ୟପାଠରେ ଯେଉଁ ୫ ବର୍ଷର ଆୟକର ଦାଖଲ କରିଥିବାର ତଥ୍ୟ ପ୍ରଦାନ କରିଛନ୍ତି ତାହା କେଉଁ ପାନ ନମ୍ବର ଅନୁସାରେ ଦେଇଛନ୍ତି ଏହା ନିର୍ବାଚନ ଆୟୋଗ ଯାଞ୍ଚ କରୁ ବୋଲି କଂଗ୍ରେସ ଦାବି କରିଛି। ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦୁଇଟି ପାନକାର୍ଡ ରଖିଛନ୍ତି କି ବୋଲି କଂଗ୍ରେସ ପ୍ରଶ୍ନ କରିବା ସହ ଯଦି ଏହା ହୋଇଥାଏ ଏହାମଧ୍ୟ ଏକ ଧର୍ତ୍ତବ୍ୟ ଅପରାଧ। ମିଛ ତଥ୍ୟ ପ୍ରଦାନ ଜନପ୍ରତିନିଧି ଆଇନ-୧୯୫୧ର ୪ଏର ସଂପୂର୍ଣ୍ଣ ଉଲ୍ଲଙ୍ଘନ। ନିର୍ବାଚନ ଆୟୋଗ ଏ ଖବର ଜାଣିଲାପରେ ସେତେବେଳର ରିଟର୍ଣ୍ଣିଂ ଅଫିସରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି କଂଗ୍ରେସ ଦାବି କରିଛି। ନିର୍ବାଚନ ଆୟୋଗ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ଗଣତନ୍ତ୍ରର ସୁସ୍ଥ ପରମ୍ପରାକୁ ବଜାୟ ରଖନ୍ତୁ ବୋଲି ସେ କହିବା ସହିତ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିଧାୟକ ପଦକୁ ତୁରନ୍ତ ରଦ୍ଦ କରାଯାଉ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନଳିନୀ କାନ୍ତ ନାୟକ ଓ ଡଃ ମନିଷାଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।

## ବେକରେ ଶାଢ଼ି ଲଗାଇ ଝୁଲିପଡିଲେ ଛାତ୍ର

ବୈଶିଙ୍ଗା, ୩।୧୧(ସମିସ): ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଥିବା ଜଣେ ଛାତ୍ର ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ତେବେ ଏହି ଆତ୍ମହତ୍ୟା ପ୍ରେମଜନିତ କାରଣରୁ ହୋଇଛି ବୋଲି ଜଣାପଡ଼ିଛି। ଏ ନେଇ ଅଭିଯୋଗ ପାଇ ପୁଲିସ ପହଞ୍ଚି ତଦନ୍ତ କରୁଛି।

ସୂଚନାନୁସାରେ, ଗଣ୍ଡର୍ଦା ଗ୍ରାମର ଜୟନ୍ତ ଗାଆଣ ରାଜମିସ୍ତ୍ରି ଭାବେ କାମ କରି ୧୬ବର୍ଷ ହେଲା କେନ୍ଦୁଆ ଗ୍ରାମରେ ପରିବାର ନେଇ ରହୁଛନ୍ତି। ତାଙ୍କ ବଡ଼ପୁଅ ଗଣେଶ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ରେ ପଢୁଥିଲେ। ତେବେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ସୋମବାର ଜୟନ୍ତ ନିଜ ସ୍ତ୍ରୀ ଓ ସାନ ପୁଅକୁ ନେଇ ବାରିପଦା ଯାଇଥିବା ବେଳେ ବଡ଼ପୁଅ କମ୍ପ୍ୟୁଟର କ୍ଲାସ ଯାଉଛି ବୋଲି କହିଥିଲା। ହେଲେ କେଇ ମିନିଟ ପରେ ଗଣେଶର ଜଣେ କଲେଜ ସାଙ୍ଗ ଜୟନ୍ତଙ୍କୁ ଫୋନ କରି କହିଥିଲା ଯେ, ତୁମ ପୁଅ ବେକରେ ଶାଢ଼ି ଲଗେଇ ଘର ଶିଡ଼ି ବାଡ଼ାରେ ଝୁଲି ପଡ଼ିଛି। ଜୟନ୍ତ ସଂଗେସଂଗେ ବାରିପଦାରୁ ଫେରି ଡାକ୍ତରଖାନାରେ ପହଞ୍ଚି ଦେଖିଲା ବେଳକୁ ପୁଅର ମୃତ୍ୟୁ ହୋଇଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୨ ବର୍ଷୀୟ...

ସବୁଠାରୁ କମ୍ ବୟସ୍କ ଅରବପତି ହୋଇଛନ୍ତି। ଏହି କୃତିତ୍ୱ ହାସଲ କରିବାରେ ତାଙ୍କୁ କେହି ସହାୟତା କରି ନ ଥିଲେ। ନିଜ ପ୍ରଚେଷ୍ଟାରେ ଏହି ତିନି ଛାତ୍ର ଏତେ ବଡ଼ ସଫଳତା ହାସଲ କରିଛନ୍ତି।

## ୨୦ଟି ଗାଡ଼ି ଉପରେ...

ପର୍ଯ୍ୟନ୍ତ ରାସ୍ତା ରକ୍ତରଞ୍ଜିତ ହୋଇଯାଇଥିଲା। ମୃତକଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ରାସ୍ତା ଉପରେ ଛିଟ୍‌କି ପଡ଼ିଥିଲା। କାହର ପେଟ୍ କଟିଯାଇଛି ତ ଆଉ କାହାର ହାତ କଟିଯାଇଛି।

ଏହି ଦୁର୍ଘଟଣା ସୋମବାର ଦ୍ୱିପହରରେ ହରମାଡାର ଲୋହା ମଣ୍ଡିଠାରେ ଘଟିଛି। ଅପରାହ୍ଣ ୧ଟାରେ ଏହି ଡମ୍ପର ଲୋହା ମଣ୍ଡି ପେଟ୍ରୋଲ ପମ୍ପଠାରୁ ରୋଡ୍ ନଂ-୧୪ରୁ ହାଇୱେ ଉପରକୁ ଉଠିଥିଲା। ଏହାପ ।ାରେ ରାସ୍ତାରେ ଥିବା ଗାଡ଼ିଗୁଡିକୁ ଧକ୍କା ଦେଇ ସେଗୁଡିକ ଉପରେ ଚଢ଼ିଯାଇଥିଲା। ଡମ୍ପର ଡ୍ରାଇଭର କଲ୍ୟାଣ ମିନାକୁ ଲୋ ।ାକେ ଧରି ପୁଲିସ ଜିମା ଦେଇଛନ୍ତି।

## ମୋ ପ୍ରତି ବେଇମାନୀ...

ସମାବେଶରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ପୂଜାରୀଙ୍କ ସହ ଦଳରବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାସ, ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ଟୁକୁନୀ ସାହୁ, ଅବନୀ ଯୋଷୀ, ମନୋଜ ମିଶ୍ର, ଅଧିରାଜ ପାଣିଗ୍ରାହୀ, ପ୍ରତାପ କେଶରୀ ଦେବ, ସୁଦାମ ମାରାଣ୍ଡି, ପୁଷ୍ପେନ୍ଦ୍ର ସିଂ ଦେଓ, ନିରଞ୍ଜନ ବିଶି, ଶୁଭାଶିଷ ଖୁଣ୍ଟିଆ, ମୁନ୍ନା ଖାନ୍, ଶର୍ମିଷ୍ଠା ସେଠୀ, ଡଲି ମାଝୀ, ଦୀପିକା ଦୀପ, କ୍ଷମାନିଧି ନିଆଲ, ବ୍ୟୋମକେଶ ରାୟ, ପ୍ରଣବ ବଳବନ୍ତରାୟ, ଚିନ୍ମୟ ସାହୁ, ଇପ୍‌ସିତା ସାହୁ, ସୁଶାନ୍ତ କୁମାର ରାଉତ, ବିଶ୍ୱରଞ୍ଜନ ମଲ୍ଲିକ, ନଳିନୀକାନ୍ତ ପ୍ରଧାନ, ଯୋଗେଶ ସିଂ, ପ୍ରଦୀପ ମାଝୀ, ସଞ୍ଜୀବ ମଲ୍ଲିକ, କଳିକେଶ ସିଂଦେଓ, ରୂପେଶ ପାଣିଗ୍ରାହୀ, ମନୋଜ ମିଶ୍ର, ମାଧବ ଧଡ଼ା, ଉମାକାନ୍ତ ସାମନ୍ତରାୟ, ରବି ନାରାୟଣ ନନ୍ଦ, ଜଗନ୍ନାଥ ସାରକା, ରମେଶ ମାଝୀ, ସୁବାସ ସିଂ, ଡ. ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ଦୁଷ୍ମନ୍ତ ନାୟକ, ଗିରିଜା ସିଂ ମାଝୀ, ଇଶ୍ୱର ପାଣିଗ୍ରାହୀ, ହେମନ୍ତ ସାମନ୍ତରାୟ, ସରୋଜ ମେହେର, ମୁନା ମହାନ୍ତି, ଅବିନାଶ ସାମଲ ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ।

## ୩୦୮୪ କୋଟିର...

ଯେ ରିଲାଏନ୍ସ ହୋମ୍ ଫାଇନାନ୍ସ (ଆରଏଚଏଫଏଲ) ଏବଂ ରିଲାଏନ୍ସ କମର୍ସିଆଲ ଫାଇନାନ୍ସ (ଆରସିଏଫଏଲ)ଙ୍କୁ ଦିଆଯାଇଥିବା ପାଣ୍ଠିର ଅପବ୍ୟବହାର ହୋଇଛି। ୨୦୧୭ରୁ ୨୦୧୯ ମଧ୍ୟରେ ୟେସ ବ୍ୟାଙ୍କ ପକ୍ଷରୁ ଆରଏଚଏଫଏଲକୁ ୨୯୬୫ କୋଟି ଏବଂ ଆରସିଏଫଏଲକୁ ୨୦୪୫ କୋଟି ଟଙ୍କାର ଋଣ ଦେଇଥିଲା । କିନ୍ତୁ ୨୦୧୯ ଡିସେମ୍ବର ସୁଦ୍ଧା ଏହି ଟଙ୍କା ନନ୍-ପର୍‌ଫର୍ମିଂ ଆସେଟ (ଏନପିଏ) ପାଲଟି ଯାଇଥିଲା। ଏବେ ସୁଦ୍ଧା ଆରଏଚଏଫଏଲର ୧୩୫୩ କୋଟି ଏବଂ ଆରସିଏଫଏଲର ୧୯୮୪ କୋଟି ଟଙ୍କା ବକେୟା ଅଛି। ୟେସ ବ୍ୟାଙ୍କର ମୋଟ ୨୭୦୦ କୋଟିରୁ ଅଧିକ କ୍ଷତି ହୋଇଛି।

ଇଡି ଅନୁଯାୟୀ, ଏହି କମ୍ପାନୀଙ୍କୁ ଦିଆଯାଇଥିବା ଟଙ୍କାକୁ ରିଲାଏନ୍ସ ଅନ୍ୟତ୍ର ସ୍ଥାନାନ୍ତର କରି ଦେଇଥିଲା। ଋଣ ପ୍ରଦାନ ବ୍ୟବସ୍ଥାରେ ମଧ୍ୟ ଜାଲିଆତି କରାଯାଇଥିଲା। ଦିନକରେ ଋଣ ଆବେଦନ, ଅନୁମୋଦନ ଏବଂ ପ୍ରଦାନ କରାଯାଇଥିଲା। କ୍ଷେତ୍ର ପର୍ଯ୍ୟବେକ୍ଷଣ ଏବଂ ବୈଠକ କରାଯାଇ ନ ଥିଲା। ଦାଖଲ କାଗଜପତ୍ର ଖାଲି ଥିଲା। ଇଡି ଏହାକୁ 'ଜାଣିଶୁଣି କରାଯାଇଥିବା ଠକେଇ' କହିଛି।

## ପୁଣି ଜେଲ୍‌ରେ କଏଦୀର...

କଡା ସୁରକ୍ଷା ବଳୟ ଭେଦ କରି ଜେଲର ସୁଉଚ୍ଚ ପାଚେରି ଡେଇଁ ଫେରାର ହୋଇଯାଇଥିବା ବେଳେ ଅନ୍ୟ ଏକ ଘଟଣାରେ ଜଣେ କଏଦୀର ଆକ୍ରମଣରେ ଅନ୍ୟ ଜଣେ କଏଦୀ ଗୁରୁତର ଆହତ ହୋଇଥିବା ଭଳି ଘଟଣା ଘଟିଛି। ଫେରାର ହୋଇଯାଇଥିବା ୨ଜଣ ବିହାରୀ ଅପରାଧୀଙ୍କୁ ଧରିବାରେ ପୁଲିସ ଏଯାବତ୍ ସଫଳ ହୋଇପାରି ନାହିଁ।

## ଘୋଡ଼ାହାଡ଼ ନଦୀରେ...

ଉଦ୍ଧାର କରିଥିଲେ। ସେମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଦୁଇଟିକୁ ଜବତ କରି ଥାନା ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଉଭୟଙ୍କ ଅନ୍ତିମ ସଂସ୍କାର କରାଯାଇଛି।

## ପୁଲିସ କବ୍‌ଜାରେ...

ଯାଇ ଆତ୍ମସମର୍ପଣ କରିଥିବା ନେଇ ଆଲୋଚନା ହେଉଛି। ଆଗକୁ ନୂଆପଡ଼ା ଉପ-ନିର୍ବାଚନ ଥିବା ବେଳେ ହଠାତ୍ ପୁଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ଘଟଣାର ମୁଖ୍ୟ ଶଙ୍କର ପୃଷ୍ଟି ଓ ବର୍ତ୍ତମାନ ପୁଣି ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଉମା ଓ କୁରୁପତିଙ୍କ ଆତ୍ମସମର୍ପଣ ଭଳି ଘଟଣା ସମସ୍ତଙ୍କୁ ଚକିତ କରିଛି। କାରଣ ଉଭୟ ଘଟଣାରେ ଫେରାର୍ ଅଭିଯୁକ୍ତମାନେ ଦୀର୍ଘଦିନ ଫେରାର୍ ରହିବା ପରେ ହଠାତ୍ ଆତ୍ମ ସମର୍ପଣ କରିଥିବାରୁ ଏଭଳି ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ମୁଖ୍ୟାଳୟରେ ଆତ୍ମସମର୍ପଣ କରିବା ପରେ ଉମା ଓ କୁରୁପତିଙ୍କୁ କଡ଼ା ସୁରକ୍ଷାବଳୟରେ ଗୋପାଳପୁର ଥାନା ଇଲାକାରେ ଏକ ଗୁପ୍ତ ସ୍ଥାନରେ ରଖାଯାଇଛି। ସେମାନଙ୍କୁ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ପଚରାଉଚରା କରୁଥିବା ଜଣାପଡ଼ିଛି। ଜେରା ସମୟରେ ପୁଲିସ ସେମାନଙ୍କଠାରୁ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓଗାଳିଥିବା ମଧ୍ୟ ସୂଚନା ମିଳିଛି। ଜେରା ସମୟରେ ପୁଲିସ ଅନ୍ୟ ଦୁଇଜଣଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା କରିଥିବା କୁହାଯାଉଛି।

ହତ୍ୟାକାଣ୍ଡ ପରେ ପୁରୀରୁ ଚିଣ୍ଟୁ ପ୍ରଧାନ ବେଙ୍ଗାଲୁରୁ ଫେରିଯାଇଥିବା ବେଳେ କୁରୁପତି ଜୟପୁର ଯାଇ ଉମା ବିଶୋୟୀ ସହ ମିଶିଥିଲା। ସେଠାରେ ସ୍ୱଳ୍ପ ଦିନର ରହଣି ପରେ ଉଭୟ ରାୟପୁର ଓ ରାଞ୍ଚି ଦେଇ ଅନ୍ୟତ୍ର ଫେରାର ହୋଇଯାଇଥିଲେ। ଅଟକ ଉମା ଓ କୁରୁପତିଙ୍କୁ ଆସନ୍ତାକାଲି ଗିରଫ ଦେଖାଇ ପୁଲିସ କୋର୍ଟ ଚାଲାଣ କରିପାରେ ବୋଲି କୁହାଯାଉଛି।

## ସିଲିକନ୍ ଇନ୍‌ଫୋଟେକ୍...

ପଚରାଉଚରା କରାଯାଇଥିଲା। ବୟାନରେ ତାଳମେଳ ନ ରହିବାରୁ ଉଭୟଙ୍କୁ ଏକସଙ୍ଗରେ ଜେରା କରାଯାଇଥିଲା। ଜେରା ବେଳେ ଏସ୍‌ଆଇ ଚାକିରି ଜାଲିଆତି ସମ୍ପର୍କରେ ବହୁତଥ୍ୟ କ୍ରାଇମ୍‌ବ୍ରାଞ୍ଚ ପାଇଛି। ସୁରେଶଙ୍କ ଗୁପ୍ତ ସୂଚନା ଓ ଶଙ୍କରଙ୍କ ନେଟ୍‌ୱାର୍କ ବଳରେ ରାଜ୍ୟରେ ଏତେ ବଡ ସ୍କାମ୍ ସମ୍ଭବ ହୋଇପାରିଲା ବୋଲି କ୍ରାଇମ୍‌ବ୍ରାଞ୍ଚ ଶେଷରେ ନିର୍ଯ୍ୟାସରେ ପହଞ୍ଚିଥିବା କୁହାଯାଉଛି।

କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏସ୍‌ଆଇ ପରୀକ୍ଷା ପରିଚାଳନା ପାଇଁ ଓପିଆର୍‌ବି ପକ୍ଷରୁ କେନ୍ଦ୍ରୀୟ ପିଏସ୍‌ୟୁ ଆଇଟିଆଇକୁ ଦାୟିତ୍ୱ ଦିଆଯାଇଥିଲା। ପରେ ଆଇଟିଆଇ ଏହି ଦାୟିତ୍ୱ ସିଲିକନ୍‌କୁ ଦେଇଥିଲା। ସିଲିକନ୍ ଏହି ଦାୟିତ୍ୱ ଶଙ୍କର ପୃଷ୍ଟିଙ୍କ ଦ୍ୱାରା ପରିଚାଳିତ ପଞ୍ଚସଫ୍ଟକୁ ଦେଇଥିଲା। ତେବେ କେଉଁ ଆଧାରରେ ଏତେ ବଡ ଗୁରୁଦାୟିତ୍ୱ ଏକ ଅନଭିଜ୍ଞ ସଂସ୍ଥାକୁ ସିଲିକନ୍ ପ୍ରଦାନ କରିଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ଜେରା ବେଳେ ସିଲିକନ୍ ହାତରେ ପରୀକ୍ଷା ସଂକ୍ରାନ୍ତ ସମସ୍ତ ଗୁପ୍ତ ସୂଚନା ରହିଥିବା ଜଣା ପଡ଼ିଥିଲା। ପ୍ରଶ୍ନପତ୍ର ଠାରୁ ଆରମ୍ଭ କରି ସବୁକିଛିର ତଥ୍ୟ ସିଲିକନ୍‌ର ମାଲିକ ସୁରେଶ ଜାଣିଥିଲେ। ପରୀକ୍ଷା ପରିଚାଳନା ଆଳରେ ଚାକିରି ବିକ୍ରି କରି ଟଙ୍କା କମାଇବା ପାଇଁ ସେ ଏକ ଭଲ ସ୍କାମ୍ ନେଟ୍‌ୱାର୍କ ଅପରେଟ୍ କରୁଥିବା ବ୍ୟକ୍ତିଙ୍କୁ ଖୋଜୁଥିଲେ। ବହୁ ଖୋଜାଖୋଜି ପରେ ଶଙ୍କର ତାଙ୍କ ହାବୁଡରେ ପଡ଼ିଥିଲେ। ବିନା କୌଣସି ବାଛବିଚାରରେ ତତ୍‌କ୍ଷଣାତ୍ ପଞ୍ଚସଫ୍ଟକୁ ଦାୟିତ୍ୱ ଦେବା ସହ ପରୀକ୍ଷା ସଂକ୍ରାନ୍ତ ସମସ୍ତ ଗୁପ୍ତ ତଥ୍ୟ ଶଙ୍କରଙ୍କ ହାତରେ ଟେକି ଦେଇଥିଲେ। ଶଙ୍କର ତାଙ୍କ ନେଟ୍‌ୱାର୍କରେ ଥିବା ସହଯୋଗୀଙ୍କୁ ବ୍ୟବହାର କରି ମାର୍କେଟ୍‌ରୁ କୋଟି କୋଟି ଟଙ୍କା ଉଠାଇଥିଲେ।

ଶଙ୍କରଙ୍କୁ ପରୀକ୍ଷା ସଂକ୍ରାନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସୁରେଶ ମେଲ୍ ଏବଂ ହ୍ୱାଟ୍ସଆପ୍ ଯୋଗେ ଯୋଗାଇଥିଲେ। ହେଲେ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ସାମ୍ନାକୁ ଆସିବା ପରେ ଉଭୟ ନିଜ ନିଜର ମେଲ୍ ଏବଂ ହ୍ୱାଟ୍ସଆପ୍ ଚାଟ୍ ଡିଲେଟ୍ କରିଦେଇଛନ୍ତି। ଏଣୁ କ୍ରାଇମ୍‌ବ୍ରାଞ୍ଚ ପାଇଁ ପ୍ରମାଣ ଯୋଗାଡ କରିବା ଏକ ବଡ ଚାଲେଞ୍ଜ ପାଲଟି ଯାଇଛି। ଶଙ୍କରଙ୍କ ମୋବାଇଲ୍ ଫୋନ୍ ଏବଂ ସୁରେଶଙ୍କ ଲାପଟପ୍‌କୁ ଫରେନ୍‌ସିକ୍ ଯାଞ୍ଚ ପାଇଁ ପଠାଯାଇଛି। ସୁରେଶଙ୍କୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିବା ପରେ ଏହି ମାମଲାରେ ମୋଟ୍ ଗିରଫଦାରୀ ସଂଖ୍ୟା ୧୨୫ରେ ପହଁଚିଛି। ଅନ୍ୟପକ୍ଷରେ କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ଥିବା ମୁନ୍ନା, ଲୋକନାଥ ଓ ସୌମ୍ୟା ପ୍ରିୟଦର୍ଶନୀଙ୍କୁ କ୍ରାଇମବ୍ରାଞ୍ଚ ସୋମବାର ମଧ୍ୟ ଜେରା କରିଥିଲା। ଏମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ବଡ଼ ବଡ଼ ଲୋକଙ୍କୁ ଯୋଗଯୋଗ କରିଥିବା ଏବଂ ଟଙ୍କା ନେଣଦେଣ କରିଥିବା ନେଇ କ୍ରାଇମ୍‌ବ୍ରାଞ୍ଚ ଜାଣିବାକୁ ପାଇଛି। ଗିରଫ ଶଙ୍କର ଏବଂ ସୁରେଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପାଇଖାନା ଟାଙ୍କିରେ...

ସୂଚନାନୁଯାୟୀ, ବଡ଼ମ୍ବା ବ୍ଲକ ଅଧୀନ ପରଜାପଡା ଗ୍ରାମ ପଞ୍ଚାୟତର ଇଚ୍ଛାପୁର ଗ୍ରାମର ଶୁଭମ ନାଏକ (୩) କୋଲେଶ୍ୱର ଗ୍ରାମ ପଞ୍ଚାୟତ ଅଧୀନ ବଡ଼ବାରେଣା ଗ୍ରାମର ଶିବାନୀ ନାଏକ (୭) ଓ ଶିବୁ ନାଏକ (୫) ପରିବାର ସଦସ୍ୟଙ୍କ ସହ ମାମୁଁଘର ରଗଡ଼ିପଡ଼ାକୁ ବୁଲିବାକୁ ଆସିଥିଲେ। ଆଜି ସେମାନେ ହସ ଖୁସିରେ ଖେଳୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଖେଳ ନିଶାରେ ଅନ୍ୟମନସ୍କ ହୋଇ ନିକଟରେ ଥିବା ସେପ୍ଟିକ ଟାଙ୍କି ଉପରେ ଚଢ଼ି ଖେଳୁଥିଲେ। ହେଲେ ଟାଙ୍କିର ଘୋଡ଼ଣୀଟି ଭାଙ୍ଗିଯିବାରୁ ୩ଜଣ ଯାକ ଟାଙ୍କି ଭିତରେ ଗଳିପଡ଼ିଥିଲେ। ସେହି ସମୟରେ ଆଖପାଖରେ କେହି ନ ଥିବାରୁ ଘଟଣା ଜଣାପଡ଼ିନଥିଲା। ଦୀର୍ଘ ସମୟ ପରେ ପିଲାମାନେ ଘରକୁ ନ ଫେରିବାରୁ ପିଲାମାନଙ୍କ ମାମୁଁ ଘର ଓ ପରିବାରଲୋକେ ଖୋଜିବା ଆରମ୍ଭ କରିଥିଲେ। କିଛି ସମୟ ପରେ ବାରିପଟେ ଥିବା ପାଇଖାନା ଟାଙ୍କି ଘୋଡଣୀ ଭାଙ୍ଗି ଯାଇଥିବା ଦେଖି ଗାଁ ଲୋକଙ୍କ ସହାୟତାରେ ପିଲାମାନଙ୍କୁ ଅଚେତ ଅବସ୍ଥାରେ ସେପ୍ଟିକ ଟାଙ୍କିରୁ ଉଦ୍ଧାର କରିଥିଲେ। ସେମାନଙ୍କୁ ତୁରନ୍ତ ବଡ଼ମ୍ବା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସମସ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଖବର ପାଇ ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି, ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତି ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ବଡ଼ମ୍ବା ଥାନାରେ ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜିଲ୍ଲା ରେଡ଼କ୍ରସ୍ ସହାୟତା ପାଣ୍ଠି ପକ୍ଷରୁ ସମସ୍ତ ମୃତକଙ୍କ ପରିବାରଙ୍କୁ ୨୦ ହଜାର ଟଙ୍କାର ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯିବା ପାଇଁ ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ବ୍ରହ୍ମପୁର କୋର୍ଟରେ...

ଅଣାଯାଇଛି। ଏଠାରେ ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ)ଙ୍କ କୋର୍ଟରେ ହାଜର କରାଯାଇଥିଲା। ଅଧିକ ଜେରା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ୭ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। ଉଭୟଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଦେବା ପରେ ଉଭୟଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ହୋଇଥିବା ରିମାଣ୍ଡ ସମ୍ପର୍କିତ ଶୁଣାଣି ମଙ୍ଗଳବାର ହେବ ବୋଲି ଜଣାପଡ଼ିଛି।

ଉଭୟ ଶଙ୍କର ଓ ସୁରେଶଙ୍କୁ ବ୍ରହ୍ମପୁର କୋର୍ଟରେ ହାଜର ବେଳେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ବରୁ ଘଟଣାରେ ଗିରଫ ପରୀକ୍ଷା ଆଶାୟୀ ଓ ଦଲାଲଙ୍କୁ ପୁଲିସ ମୁହଁ ଘୋଡ଼ାଇ ନେଇଥିବା ବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ଉଭୟ ଶଙ୍କର ପୃଷ୍ଟି ଓ ସୁରେଶ ନାୟକଙ୍କୁ ମୁହଁ ନ ଘୋଡ଼ାଇ ଏପରିକି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବାକୁ ମଧ୍ୟ ସୁଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।

**AFFIDAVIT**

I, Sagupta Zari W/o MD Shahud Pervez, Resident of Latumia Lane, Panposh Town, PO-Rourkela-4, PS-Raghunathpali, Dist-Sundargarh, Odisha, PIN-769004, declared by this affidavit No A/08 Dated 01.11.2025 that now onwards I shall be known as **SHAGUFTA PERVEZ** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**NOTICE (FOR MINOR)**

Gangadhar Sahu, aged about 44 years, S/o-Late Sambaru Sahu, resident of AT: Plot No. 322, Raghunath Nagar, Dumuduma Housing Board Colony, Ps-Khandagiri, Bhubaneswar, Dist-Khordha, Pin-751019, declare that I have changed the name of my son from Priyanshu Pritam to Priyanshu Pritam Sahu henceforth he shall be known as **Priyanshu Pritam Sahu** for all purposes.
Sd/- Gangadhar Sahu

**AFFIDAVIT**

By virtue of an affidavit No. 572, dtd. 01.08.2025 in the court of the Executive Magistrate, Koraput, I, Cahnini Bibi resident of Tudukuthuba, Po- T. Thuba, Ps.- Nandapur, Dist.-Koraput-764037 have changed my name from Chandini Bagama to Chandi Bibi. Henceforth I shall be known as **Chandini Bibi** for all purposes.
Sd/- Chandini Bibi

**NOTICE**

By the virtue of an Natatory partnership deed sworn before the notary public Bhubaneswar dated 29.10.2025 . I Premanand Nath bearing Aadhar no.2609 2268 8325 S/o late Dharanidhar Nath from the Organization M/s Jaleswar Packaging is no more interested to continue as Partner with effect from 18.10.2025. The Partners have agreed to reconstitute the business as per the reconstitute Deed for all the purpose.

**AFFIDAVIT**

I, TAUHID MOHAMMED, age-67, S/o- Nabu Mian, Adress: D/29, Sector-16, Rourkela, Dist.: Sundargarh, PIN-769003, Odisha, declared by this Affidavit No.1342/2025, Dated: 01.11.2025. That now onwards I shall be known as MD TAUHEED for all future Purposes.

**AFFIDAVIT**

By virtue of an affidavit sworn before The Executive Magistrate, G.Udayagiri, Kandhamal, date- 16/10/2025. I, **N Dirghika Saumya Deepti,** D/o Situ Kumar Nayak, permanent resident of Village-Lebaguda, PO- Rudangia, PS-G.Udayagiri, Dist- Kandhamal, PIN-762100, Odisha declare that I have changed my name from **N.Dirghika Soumya Dipty** to **N Dirghika Saumya Deepti.** Henceforth, I shall be known as **N Dirghika Saumya Deepti** (new name) for all future purposes.
N Dirghika Saumya Deepti

**AFFIDAVIT**

By virtue of an affidavit no 5274 sworn before the Executive Magistrate, Tirtol dated- 31/10/2025, I **Namita Das,** resident of At-Bakharpur, Po- Malanda, Ps-Tirtol, Dist- Jagatsinghpur, Pin- 754136, Odisha declare that I have changed my name from **Ruksar Parwin** (old name) to **Namita Das** (new name). Henceforth, I shall be known as **Namita Das** for all future purposes.
Namita Das

**AFFIDAVIT**

By virtue of an affidavit before the Notary Public, Titilagarh, on dated-30/10/2025. I, **Nilakantha Bagarty** (applicant name), S/o Dharanidhar Bagarty, permanent & current resident of AT/PO- Bijepur, PS-Titilagarh, Dist- Balangir, (Odisha), PIN Code: 767033 declare that I have changed my minor son's name from **Meet Bagarty** (old name) to **Jeet Bagarty** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Jeet Bagarty** (new name) for all purposes.
Nilakantha Bagarty

**AFFIDAVIT**

I, Elakiya Sabapathi, W/o-P. Sabapathi, Resident of Qtr No. C-31, CMPDI COLONY, Post- Sainik School, Bhubaneswar, Dist.- Khorda, Pin-751005, Odisha declare by this Affidavit No. 76AA 943695, Dated 03.07.2025, that now onwards I shall be known as **U. ELAKIYA** for all future purposes.

**AFFIDAVIT**

By virtue of an affidavit no 5855, sworn before the Executive Magistrate, Champua on dtd- 16/10/2025, I **Puja Naik**, W/o- Akash Mallick, resident of At/Po/Ps-Champua, Dist- Keonjhar, Pin-758041, Odisha, I have changed name from **Puja Mallick** (old name) to **Puja Naik** (new name). Henceforth both the name **Puja Mallick** and **Puja Naik** is one & same person, I will be known as **Puja Naik** for all future purposes.
Puja Naik

**AFFIDAVIT**

I, Shahina Bano Suriya, aged about 45 years, W/o-Mohammad Irfan, resident of Ward No 05, Dasarapada, Bhanjamandap, Po-Umarkote, Ps- Umarkote, Dist- Nabarangapur, Odisha, PIN- 764073 declare by this affidavit No. 2251, dtd- 03/11/2025, that now onwards I shall be known as **SAHINA BANU SURIYA** for all future purposes.

Government of India
**Income Tax Department**
Bhubaneswar

**ସାର୍ବଜନୀନ ସୂଚନା**

F.No. Nodal Officer/Odisha Elections/2025-26/ Date: 31.10.2025

71-ନୂଆପଡା ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ଭୋଟ, 2025 ଘୋଷଣା କରାଯାଇଛି ଭାରତର ନିର୍ବାଚନ ଆୟୋଗ ଦ୍ୱାରା । ନିର୍ବାଚନ ପ୍ରକ୍ରିୟା ସମୟରେ କଳା ଟଙ୍କା ବ୍ୟବହାର ରୋକିବା ପାଇଁ ଆୟକର ବିଭାଗ ନିୟମ କଡାକଡି ରଖିବା ପାଇଁ ଦାୟିତ୍ୱ ପାଇଛି ।

ଅଘୋଷିତ ଅର୍ଥ ଓ ଅନ୍ୟ ଅଘୋଷିତ ମୂଲ୍ୟବାନ ସାମଗ୍ରୀର ସୂଚନା ଓ ଅଭିଯୋଗ ପ୍ରାପ୍ତ କରିବାପାଇଁ ଆୟକର ବିଭାଗ, ଓଡ଼ିଶା ଦ୍ୱାରା ୨୪×୭ କଲ୍ ସେଣ୍ଟର୍ ସୁବିଧା ସହିତ ନିମ୍ନଲିଖିତ ଯୋଗାଯୋଗ ନମ୍ବର ସହିତ ଭୁବନେଶ୍ୱରରେ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହିତ ସୂଚନା ଅଭିଯୋଗ ପ୍ରକୋଷ୍ଠ ସ୍ଥାପିତ ହୋଇଛି ।

**ନିର୍ବାଚନ ନିୟନ୍ତ୍ରଣ ପ୍ରକୋଷ୍ଠ ସହ ଅଭିଯୋଗ ପରିଚାଳନା ପ୍ରକୋଷ୍ଠ**
**ଟୋଲ୍ ଫ୍ରି ନମ୍ବର: 1800-345-7921**
**ହ୍ୱାଟ୍ସଆପ୍ ନମ୍ବର : 9438917442**
**ଇ ମେଲ କରନ୍ତୁ: Bhubaneswar.addidit.inv2@incometax.gov.in**

ନିର୍ବାଚନ ସମ୍ବନ୍ଧୀୟ କୌଣସି ପ୍ରକାର ଅନୁଚିତ ନଗଦ ରାଶିର ଲେଣଦେଣ କିମ୍ବା ଅଘୋଷିତ ନଗଦ ରାଶି ଓ ମୂଲ୍ୟବାନ ସାମଗ୍ରୀର ସୂଚନା ବିଷୟରେ ଦସ୍ତାକରି ଉପରୋକ୍ତ ନମ୍ବରରେ ସୂଚନା ଦିଆଯାଇପାରିବ ।

ସ୍ୱା/- ବିମଳେନ୍ଦୁ ଦୁଦୁ
ଯୁକ୍ତ ନିର୍ଦ୍ଦେଶକ, ଆୟକର (ଅନ୍ୱେଷଣ)
ୟୁନିଟ୍ -୨ ସହ ନୋଡାଲ ଅଧିକାରୀ (ଇ.ଇ.ଏମ.), ଭୁବନେଶ୍ୱର

## ଭଦ୍ରକ ଜିଲ୍ଲାରେ ସୂଚନା ଅଧିକାର ଆଇନକୁ ବେଖାତିର

# କମିଶନରଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ବହୁ ବିଭାଗ

**ଭଦ୍ରକ, ୩।୧୧(ସମିସ)**

ଭଦ୍ରକ ଜିଲ୍ଲାର ବିଭିନ୍ନ ସରକାରୀ ଦପ୍ତରରେ ସୂଚନା ଅଧିକାର ଆଇନକୁ ସମ୍ପୂର୍ଣ୍ଣ ବେଖାତିର କରାଯାଉଛି। ପ୍ରଥମ ଅପିଲ, ଦ୍ୱିତୀୟ ଅପିଲ ଏପରିକି ସୂଚନା କମିଶନଙ୍କ ନିକଟରେ ଅପିଲ ଓ ତାଙ୍କ ଆଦେଶ ସତ୍ତ୍ୱେ ବି କେତେକ ଅଧିକାରୀ ସୂଚନା ଦେଉନାହାନ୍ତି। ଫଳରେ ଭଦ୍ରକ ଜିଲ୍ଲାର ବୃହତର ସ୍ୱାର୍ଥର ସୁରକ୍ଷା ତଥା ସରକାରୀ ଅର୍ଥର ସଠିକ ଅପଚୟ ତଥା ସ୍ୱଚ୍ଛତା ଲାଗି ସୂଚନା ଅଧିକାର କର୍ମୀ ହତାଶ ହୋଇ ପଡୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦୀର୍ଘ ବର୍ଷ ବର୍ଷର ଅବଧି ଅତିକ୍ରାନ୍ତ ହେବା ସତ୍ତ୍ୱେ ସୂଚନା ପ୍ରଦାନ କରାନଯିବା ଉକ୍ତ ବିଭାଗରେ ଚାଲିଥିବା ବୃହତ ଦୁର୍ନୀତିକୁ ସ୍ୱତଃ ପ୍ରମାଣିତ କରୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସୂଚନା ଅଧିକାର ଆଇନକୁ ଅବଜ୍ଞା କରାଯାଉଥିଲେ ବି କୌଣସି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ବେଖାତିର ବଢ଼ିବାରେ ଲାଗିଛି ବୋଲି ଅଭିଯୋଗ ହୋଇଛି।

ସୂଚନା ଯୋଗ୍ୟ, ଭଦ୍ରକ ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ ଥିବା ଭଦ୍ରକ ଆର.ଏମ.ସି ବା ନିୟନ୍ତ୍ରିତ ବଜାର କମିଟିରେ ହୋଇଥିବା ଅନିୟମିତତା ନେଇ ଜଣେ ସୂଚନା କର୍ମୀ ସେକ୍ରେଟେରୀ ଓ ଅଧ୍ୟକ୍ଷଙ୍କୁ ବହୁବାର ସୂଚନା ଅଧିକାରରେ ସୂଚନା ତଥ୍ୟ ମାଗି ନିରାଶ ହୋଇଛନ୍ତି। ପରେ ସେ ଓଏସଏମଏ ବୋର୍ଡ ବା ଓଡ଼ିଶା ରାଜ୍ୟ ଏଗ୍ରିକଲଚର ମାର୍କେଟିଂ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଗତ ୮.୬.୨୦୨୩ ଅର୍ଥାତ ଅଢେଇ ବର୍ଷ ତଳେ ଆରଟିଆଇରେ ସୂଚନା ମାଗିଥିଲେ। ଏଥିରେ ଭଦ୍ରକ ଆରଏମସିରେ ୧୦ଟି କାର୍ଯ୍ୟର ସୂଚନା ମଗାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟରେ କୌଣସି ସୂଚନା କି ଉତ୍ତର ନ ମିଳିବାରୁ ଆବେଦନକାରୀ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ କରିଥିଲେ। ତେବେ ଓଏସଏଏମ୍ ବୋର୍ଡ କର୍ତ୍ତୃପକ୍ଷ ଚୁପ ରହି ସୂଚନା ପ୍ରଦାନକୁ ଗୁରୁତ୍ୱ ଦେଇନଥିଲେ। ଶେଷରେ ବାଧ ହୋଇ ସୂଚନା କର୍ମୀ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଅପିଲ କରିଥିଲେ। ଏହି ଅପିଲର ବିଚାର କରି କମିଶନର ତାଙ୍କ ଆଦେଶରେ ଗତ ଜୁନ୍ ୩୦ରେ ଅଗଷ୍ଟ ୩୦ତାରିଖ ସୁଦ୍ଧା ସୂଚନା କର୍ମୀଙ୍କୁ ସୂଚନା ଦେବାକୁ ଆଦେଶ କରି ଅପିଲକୁ ଶେଷ କରିଥିଲେ। ତେବେ ସୂଚନା କମିଶନରଙ୍କ ଉକ୍ତ ଆଦେଶର ଅବଧିକୁ ଦେଢ଼ ମାସ ବିତିଥିଲେ ବି ଓଏସଏମଏ ବୋର୍ଡ କର୍ତ୍ତୃପକ୍ଷ ନିଦାବିଷ୍ଟ ସାଜି କୌଣସି ସୂଚନା ଦେଉନାହାନ୍ତି। ସେହିଭଳି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଗତ ୨୫.୨.୨୫ରେ ଜଣେ ସୂଚନା କର୍ମୀ ଗତ ୫ବର୍ଷରେ ସରକାର ଡିଭିଏସକୁ କୋଲଡ ଚେନ ମ୍ୟାନେଜମେଣ୍ଟ ବାବଦକୁ କେତେ ଟଙ୍କା ଯୋଗାଇଛନ୍ତି, ଏହାର ଖର୍ଚ୍ଚ ଆଦି ସମ୍ପର୍କରେ କିଛି ତଥ୍ୟ ମାଗିଥିଲେ ବି ଏହାର ସୂଚନା ୯ମାସ ହେବ ପ୍ରଦାନ କରାଯାଉନି; ଯାହା ବିଭାଗୀୟ ଦୁର୍ନୀତି ଅଭିଯୋଗକୁ ସ୍ପଷ୍ଟ କରିଛି। ଆଉ ଭଦ୍ରକ ପୂର୍ତ୍ତ (ଆର ଏଣ୍ଡ ବି) ବିଭାଗ କଥା ଛାଡ। ଏହି ବିଭାଗ କାଳେ କାହାରିକୁ ସୂଚନା (ଆରଟିଆଇ)ରେ ପ୍ରଦାନ କରେ ନାହିଁ ବୋଲି ବହୁ ଅଭିଯୋଗ ଫର୍ଦ୍ଦ ରହିଛି। ଭଦ୍ରକ ପୂର୍ତ୍ତ ବିଭାଗକୁ ଗତ ୨.୬.୨୫ରେ ସୂଚନା ଆବେଦନ ହୋଇଥିଲା। କିଛି ଉତ୍ତର ନ ମିଳିବାରୁ ଗତ ୧୦.୬.୨୫ ତାରିଖରେ ପ୍ରଥମ ଅପିଲ କରିବା ସତ୍ତ୍ୱେ ଯୋଗାଯୋଗ ବି କରିନାହାନ୍ତି। ତେଣୁ ପୂର୍ତ୍ତ ବିଭାଗରେ ଚାଲିଥିବା ଦୁର୍ନୀତି ପଦାରେ ପଡ଼ିବା ଭୟରେ ସୂଚନା ଦେବାକୁ ସେମାନେ ଅମଙ୍ଗ ବୋଲି ଅଭିଯୋଗ ହୋଇଛି। ଅନୁରୂପ ବିଭାବେ ଭଦ୍ରକ ତହସିଲରେ କାର୍ଯ୍ୟରତ ଜଣେ ଅସ୍ଥାୟୀ ଅମିନ ସର୍ବେସର୍ବା ହୋଇ ସିଂହଭାଗ ସରକାରୀ ଓ ବେସରକାରୀ ମାପଚୁପ ବା ଡିମାରକେସନ କରୁଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଜିଲ୍ଲାର ଅନ୍ୟ ୬ଟି ତହସିଲରେ ଏହି ପଦବୀରେ କେହି ନାହାନ୍ତି। ଭଦ୍ରକ ସଦର ତହସିଲରେ ଜଣେ ଅସ୍ଥାୟୀ କର୍ମଚାରୀ କିଭଳି ସର୍ବେସର୍ବା ସାଜିଛନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତାଙ୍କ ନିଯୁକ୍ତି ସଂକ୍ରାନ୍ତୀୟ ତଥ୍ୟ ଗତ ୮.୯.୨୫ତାରିଖରେ ରାଜ୍ୟ ରାଜସ୍ୱ ବିଭାଗକୁ ଜଣେ ସୂଚନା କର୍ମୀ ଅନ୍‌ଲାଇନ ଆରଟିଆଇରେ ଆବେଦନ କରିଥିଲେ। ପରେ ଏହି ଆବେଦନକୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଭଦ୍ରକ ତହସିଲ ପିଆଇଓଙ୍କୁ ଗତ ୨.୯.୨୫ରେ ପ୍ରଦାନ କରିଥିଲେ। ତେବେ ସୂଚନା ଅଦ୍ୟାବଧି ଯୋଗାଯାଇନାହିଁ। ସୂଚନାଯୋଗ୍ୟ ନିକଟର ସୂଚନା ଅଧିକାର ଆଇନ୍‌ରେ ଜଣେ ଆବେଦନକାରୀଙ୍କୁ ସୂଚନା ନ ଦେବା ଓ ତାଙ୍କ ଅପିସଲକୁ ସୂଚନା କମିଶନର କ୍ଲୋଜ୍ କରିବା ନେଇ ଆଗତ ଏକ ମାମଲାରେ ହାଇକୋର୍ଟ ତାଙ୍କ ଗୁରୁତ୍ୱପୂର୍ଣ୍ଣ ରାୟରେ ଭଦ୍ରକ ତହସିଲଦାରଙ୍କୁ ୫୦ ହଜାର ଟଙ୍କା ଜରିମାନା ଦେବା ସହ ମାମଲାର ପୁନଃ ଶୁଣାଣି କରିବାକୁ ସୂଚନା କମିଶନଙ୍କୁ ଆଦେଶ ଦେଇଛନ୍ତି।

## ମଦଭାଟିରେ ପୁଲିସ ଚଢଉ; ହଜାରେ ଲିଟରରୁ ଊର୍ଦ୍ଧ୍ୱ ପୋଚ ନଷ୍ଟ



**ତିହିଡ଼ି, ୩।୧୧(ସମିସ):** ତିହିଡି ଥାନା ଅଧୀନ ତାଳପଦା ଓ ଗୁଆମାଳର ସୀମାବର୍ତ୍ତୀ ଭୂୟାଁୱାସରେ ତିହିଡ଼ି ପୁଲିସ ଚଢଉ କରି ଏକ ହଜାରରୁ ଊର୍ଦ୍ଧ୍ୱ ଗୁଡ ପୋଚକୁ ଜବତ କରି ପରେ ନଷ୍ଟ କରାଯାଇଛି। ଚୋରା ମଦବେପାରୀମାନେ ବାରମ୍ବାର ଜାମିନରେ ଆସି ପୁଣି ପ୍ରସ୍ତୁତ କରୁଛନ୍ତି ଦେଶୀ ମଦ।ସୂଚନା ଅନୁସାରେ, ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତ ଭୂୟାଁୱାସ ଗାଁରେ ଥିବା ଦେଶୀ ମଦ ଭାଟି ଉପରେ ତିହିଡ଼ି ପୁଲିସ ଅତର୍କିତ ଚଢାଉ କରିଥିଲା। ଚଢ଼ଉ ସମୟରେ ଗୁଳ୍ମ ଜଙ୍ଗଲରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣରେ ଗୁଡ ପୋଚ ଠାବ କରାଯାଇଥିଲା। ୨୦ ଟି ୫୦ ଲିଟରିଆ ଡ୍ରମ ରେ ରଖାଯାଇଥିବା ହଜାରେ ଲିଟରରୁ ଊର୍ଦ୍ଧ୍ୱ ଗୁଡ ପୋଚ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଥିଲା। ଚଢାଉ ସମୟରେ ଚୋରା ବେପାରୀ ଓ କର୍ମଚାରୀ ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ହେଲା ତିହିଡ଼ି ପୋଲିସ ଦ୍ୱାରା ଭୂୟାଁୱାସ ସମେତ ତାଳପଦା ପଞ୍ଚାୟତର ଥିବା ୧୦ ରୁ ଊର୍ଦ୍ଧ୍ୱ ମଦ ଭାଟି ଉପରେ ଚଢାଉ କରି ଭାଟି ଭାଙ୍ଗିବା ସହିତ ଗୁଡ ପୋଚ ନଷ୍ଟ କରାଯାଇଥିଲା। ବେଆଇନ ମଦ ପ୍ରସ୍ତୁତ ଏବଂ କାରବାରରେ ସମ୍ପୃକ୍ତ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ତେବେ ଜାମିନରେ ଆସି ପୂର୍ବବତ ମଦ ପ୍ରସ୍ତୁତ ଚାଲୁ ରଖନ୍ତି।

## ଶିକ୍ଷକ ନେତାଙ୍କ ବିୟୋଗରେ ଶୋକ



**ଭଦ୍ରକ, ୩।୧୧(ସମିସ):** ଭଦ୍ରକ ଜିଲ୍ଲା 'ଓଷ୍ଟା'ର ପ୍ରାକ୍ତନ ସମ୍ପାଦକ ତଥା ଆଦର୍ଶ ଶିକ୍ଷକ ସଂଗ୍ରାମୀ ଶିକ୍ଷକ ନେତା ସାଧୁଚରଣ ଷଡ଼ଙ୍ଗୀ (୭୦)ଙ୍କ ରବିବାର ରାତିରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ଗ୍ରାମ ଅର୍ଦ୍ଧାଉଳିଆଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ ବିଶିଷ୍ଟ କମ୍ୟୁନିଷ୍ଟ ନେତା ସନ୍ତୋଷ ଦାସ, ଶ୍ରମିକନେତା ଦିବ୍ୟସିଂହ ନାୟକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ନାରୀନେତ୍ରୀ ସୁରଜିତ। ନାୟକ, ଓଷ୍ଟା ରାଜ୍ୟ ନେତୃତ୍ୱ ଅକ୍ଷୟ କୁମାର ହୋତା, ପ୍ରଦୀପ୍ତ ଦାସ, ପର୍ଶୁରାମ ପାତ୍ର, ପ୍ରଶାନ୍ତ ମିଶ୍ର, ରମାକାନ୍ତ ପରିଡ଼ା, ହେମନ୍ତ ସୁତାର, ଗଙ୍ଗାଧର ବେହେରା ପ୍ରମୁଖ ଶୋକପ୍ରକାଶ କରିବା ସହିତ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କନିଷ୍ଠ ପୁତ୍ର ଦେବଦୁର୍ଲଭ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ।

## ଜବତ ୪.୧୦ ଲକ୍ଷ ଟଙ୍କା ଫେରାଇଲା ପୁଲିସ



**ଭଦ୍ରକ, ୩।୧୧(ସମିସ):** ଅକ୍ଟୋବର ୧୦ ତାରିଖ ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପାର ଷ୍ଟେସନ ରୋଡ୍‌ରେ ୨ ଜଣ ଲୁଟେରା ଥୋରଦା ଅଞ୍ଚଳର ଗୌରହରି ମହାନ୍ତିଙ୍କ ବାଇକ୍ ଡିକି ଭାଙ୍ଗି ୪ ଲକ୍ଷ ୬୦ ହଜାର ଟଙ୍କା ଲୁଟ୍ କରି ଫେରାର୍ ହୋଇଯାଇଥିଲା। ଉକ୍ତ ଲୁଟ୍ ଘଟଣାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ତେବେ ଘଟଣାକୁ ଗୁରୁତର ସହ ନେଇ ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ତଦନ୍ତ କରି ରବିବାର ଯାଜପୁରରୋଡ ଥାନା ଅଧିନ ମୁଣ୍ଡମାଳ ଅଞ୍ଚଳର ଏକ ଘରୁ ଲୁଟ୍ ଟଙ୍କା ମଧ୍ୟରୁ ୪ ଲକ୍ଷ ୧୦ ହଜାର ଟଙ୍କା ଜବତ କରିଥିଲେ। ଲୁଟେରା ୨ ଜଣ ଫେରାର ହୋଇଯାଇଥିବା ପୁଲିସ ସୂଚନା ଦେଇଛି। ଜବତ ଟଙ୍କାକୁ ଗୌରହରି ମହାନ୍ତିଙ୍କୁ ପୁଲିସ ଫେରାଇଛନ୍ତି।

## କୁମାରପୁର ପ୍ରାଣୀ ଚିକିତ୍ସାଳୟ ଅସୁରକ୍ଷିତ



**ଦୋଲସାହି, ୩।୧୧(ସମିସ):** ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତ କୁମାରପୁର ପ୍ରାଣୀ ଚିକିତ୍ସାଳୟ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଏଠାରେ ଜଣେ ମାତ୍ର ଡାକ୍ତର ସେବା ଯୋଗାଉଛନ୍ତି। କୁମାରପୁର ଗାଁରେ ଥିବା ପ୍ରାଣୀ ଚିକିତ୍ସାଳୟର ଛାତ ଫାଟି ଆଁ କରିଛି। ଏହି ପଶୁ ଡାକ୍ତରଖାନାର ମରାମତି ପାଇଁ ବର୍ଷେ ପୂର୍ବରୁ ପ୍ରାୟ ୩ ଲକ୍ଷରୁ ଅଧିକ ଟଙ୍କା ବ୍ୟୟ ବରାଦ ହୋଇଥିଲା। ତେବେ ଉକ୍ତ କାର୍ଯ୍ୟ ସମ୍ପର୍କରେ ପ୍ରତି କାହାରି ନଜର ପଡୁନଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥି ସହ ଡାକ୍ତରଖାନା ପରିସର ଆବର୍ଜନାମୟ ହୋଇଯାଇଛି। ଫଳରେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ

## ବାଲୁକା କଳାକୃତି ପ୍ରଦର୍ଶିତ




**ଭଣ୍ଡାରିପୋଖରୀ, ୩।୧୧(ସମିସ):** ଭଣ୍ଡାରିପୋଖରୀ ମଣ୍ଡଳସ୍ତରୀୟ ସୁରଭି ଶିଶୁ ମହୋତ୍ସବରେ ଶିକ୍ଷା ସଂଯୋଜକ ବିପିନ ବିହାରୀ ଜେନା, ପାଣ୍ଡବ ଚରଣ ମହାଳିକ, ଭାଗୀରଥି ମହାଳିକ ପ୍ରମୁଖଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳାକୃତି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବାଲୁକା ନିର୍ମିତ ସ୍ତୁପର ଶିର୍ଷରେ ଜଗନ୍ନାଥଙ୍କ ପ୍ରତିକୃତି ସହ ସୁରଭି ସ୍ୱାଗତ ଛବି ଉଚ୍ଚକୋଟୀର ହୋଇଥିଲା। ଏଥିରେ ଶିକ୍ଷକ, ଶିକ୍ଷୟିତ୍ରୀ, ଅତିଥି ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ।

## ରାସ୍ତାରୋକକୁ ସମ୍ମତି ଜଣାଇଲେ ଜନସାଧାରଣ

**ଅସୁରାଳି, ୩।୧୧(ସମୀସ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ବେତାଳିଗାଁ ବଜାରରେ ସୋମବାର ଅପରାହ୍ନରେ ରାସ୍ତାରୋକ ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ରାସ୍ତାରୋକକୁ କିପରି ସଫଳ କରାଯିବ ସେଥିପାଇଁ ଏକ ବୈଠକର ଆୟୋଜନ କରାଯାଇଥିଲା। ପୂର୍ବତନ ସରପଞ୍ଚ ଅନିଲ ଦାସଙ୍କ ସଭାପତିତ୍ୱ ଓ ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଜିଲାସ୍ତରୀୟ ସାମ୍ୟବାଦୀ ନେତା ଚନ୍ଦ୍ରଶେଖର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବରିଷ୍ଠ ଆଇନଜୀବୀ ଶଶି ଭୂଷଣ ପଣ୍ଡା, ପୂର୍ବତନ ସରପଞ୍ଚ ଭାଗିରଥି ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ରବୀନ୍ଦ୍ର କୁମାର କୁମାର ବେହୁରିଆ, ଅବସରପ୍ରାପ୍ତ ସେନା ଅଧିକାରୀ କାଶୀନାଥ ମହାନ୍ତି, ସମାଜସେବୀ ମାର୍କଣ୍ଡ ଜେନା, ଆଲୋକ କୁମାର ସ୍ୱାଇଁ, ମାନସ ରଞ୍ଜନ ସାହୁ ପ୍ରମୁଖ ରାସ୍ତାରୋକ ସପକ୍ଷରେ ମତ ଉପସ୍ଥାପନ କରିଥିଲେ। ସୂଚନା ଥାଉକି ଆଖଣ୍ଡଳମଣି-ଭଦ୍ରକ ୩୫ ନଂ ରାଜ୍ୟ ରାଜପଥରେ ୪ ବର୍ଷ ଧରି ରାସ୍ତା ପ୍ରଶସ୍ତିକରଣ ଓ ମରାମତିରେ ଅନିୟମିତତା ଯୋଗୁଁ ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଦୁର୍ଘଟଣା ମଧ୍ୟ ଘଟୁଛି। ଏ ନେଇ ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଉଥିଲେ ବି ପୂର୍ତ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ ନୀରବ। ଠିକାଦାରଙ୍କ ଠାରୁ ଆରମ୍ଭ କରି ଶାସକ ଦଳର ବିଧାୟକ ତଥା ମନ୍ତ୍ରୀ ଏବଂ ନେତା ରାସ୍ତା ପାଇଁ ତତ୍ପରତା ପ୍ରକାଶ କରୁ ନାହାଁନ୍ତି। ମେଗା ପ୍ରକଳ୍ପରୁ ପାନୀୟ ଜଳ ଯୋଗାଇ ଦେବାକୁ କହି ଏହି ରାଜପଥକୁ ଖୋଳି ଛାରଖାର କରି ଦେଉଛନ୍ତି। ଏପରି ଅନ୍ୟାୟ ବିରୋଧରେ ଦଳମତ ନିର୍ବିଶେଷରେ ଧାମନଗର ବ୍ଲକର ପାଳସାହି ପଞ୍ଚାୟତର ଜନ ସାଧାରଣ ରାସ୍ତାକୁ ଓହ୍ଲାଇବେ। ଗତ ୧୦ ଦିନ ପୂର୍ବରୁ ଭଦ୍ରକ ଜିଲାପାଳ ଓ ଏସପିଙ୍କୁ ଭେଟି ଆସନ୍ତା ୭ ତାରିଖ ଶୁକ୍ରବାର ସୁଦ୍ଧା ସମସ୍ୟାର ସମାଧାନ ନ ହେଲେ ରାସ୍ତାରୋକ କରିବେ ବୋଲି ଲିଖିତ ଭାବେ ଜଣାଇଥିଲେ।

## ଯୁଗ୍ମ ଜନଶୁଣାଣି; ୩୬ ଅଭିଯୋଗର ତତ୍କାଳ ସମାଧାନ



**ଭଦ୍ରକ, ୩।୧୧(ସମିସ):** ଭଦ୍ରକ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧିରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ବିତ୍ କୁମାର ମାଝୀ, ଡେପୁଟି କଲେକ୍ଟର ଜ୍ଞାନରଞ୍ଜନ ଦାସ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ତହସିଲଦାର ଭଦ୍ରକ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ଅନ୍ୟ ବିଭାଗର ଅଧିକାରୀ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣି ୨୦୭ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୧୬୧ଟି ବ୍ୟକ୍ତିଗତ ଥିଲାବେଳେ ୪୬ଟି ସାମୂହିକ ଥିଲା। ଅନ୍ୟପକ୍ଷରେ ୩୬ଟିର ସମାଧାନ ତତକ୍ଷଣାତ୍ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୯ ଜଣଙ୍କୁ ଓ ରେଡକ୍ରସରୁ ୫ଜଣଙ୍କୁ ମୋଟ ୧, ୧୫, ୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଜନଶୁଣାଣୀ ରେ ମୁଖ୍ୟତଃ ଚାଷୀ ପଞ୍ଜୀକରଣ, ମଧୁବାବୁ ପେନସନ, ପିଏମ ଆବାସ ଯୋଜନାରେ ଗୃହ ବଣ୍ଟନ, ଜମିଜମା ସମ୍ପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି/ଗୃହ ଆବଣ୍ଟନ ଅଭିଯୋଗ ସହିତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା।

## ୩ କନଷ୍ଟେବଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭଣ୍ଡାରିପୋଖରୀ, ୩।୧୧(ସମିସ):** ଭଣ୍ଡାରିପୋଖରୀ ଥାନା କନଷ୍ଟେବଲ ସୁଦାମ ଚରଣ ମଲ୍ଲିକ, ପ୍ରଦୀପ କୁମାର ଜେନା, ରାଜୁ ସିଂଙ୍କ ନାମରେ ଏସ୍‌ପିଙ୍କ ନିକଟରେ ସାନି ଅଭିଯୋଗ ସୋମବାର ହୋଇଛି। ଏ ସମ୍ପର୍କୀୟ ଅଭିଯୋଗ ଡାକଯୋଗେ ଭଦ୍ରକ ଏସ୍‌ପିଙ୍କ ନିକଟକୁ ପଠାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଅଭିଯୋଗକାରୀ କନଷ୍ଟେବଲମାନଙ୍କ ବିରୋଧରେ ପୁଲିସ ବିରୋଧୀ କାର୍ଯ୍ୟକଳାପ ଲିପ୍ତଥିବା ଅଭିଯୋଗ ଆଣିଛନ୍ତି। ଗାଁ ଗହଳିରେ ଛୋଟ ଛୋଟ ବେଆଇନ ମଦ ବିକ୍ରେତାଙ୍କୁ ମାସିକିଆ ଅର୍ଥ ବିନିମୟରେ ସହଯୋଗ କରି ମଦ ବିକ୍ରୟ ପ୍ରସାର କରାଇବା, ଭଣ୍ଡାରିପୋଖରୀ ଅଞ୍ଚଳର ବେଆଇନ ବାଲି ମାଫିଆଙ୍କ ସହ ନିରନ୍ତର ଯୋଗସୂତ୍ର ରକ୍ଷା କରି ପୁଲିସର ଗତିବିଧି ଆଗୁଆ ଜଣାଇଦେବା ଓ ସେହି କାର୍ଯ୍ୟ ବିନିମୟରେ ମୋଟା ଅଙ୍କର ଚାନ୍ଦା ଆଦାୟ କରିବା, ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ସମାଧାନ କରାଇଦେବା ପ୍ରତିଶ୍ରୁତି ଦେଇ ଅର୍ଥ ଆଦାୟ କରିବା ଭଳି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଗତ କିଛି ମାସ ପୂର୍ବରୁ ପାଳଦାବାଙ୍କ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଏକ ବେଆଇନ ବାଲି ବୋଝେଇ ହାଇୱାଠାରୁ ଶ୍ରୀ ମଲ୍ଲିକ ୧୭ ହଜାର ଟଙ୍କା ଆଦାୟ କରିଥିବା ଅଭିଯୋଗ ଖୁଲାସା ହୋଇଥିଲା। ଏହା ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଡିଏସପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରିଥିଲେ। ଫଳରେ ଶ୍ରୀ ମଲ୍ଲିକ ବାଧହୋଇ ଷୋଳମପୁର ଅଞ୍ଚଳର ସେହି ବାଲି ମାଫିଆଙ୍କୁ ୧୭ ହଜାର ଟଙ୍କା ଫେରସ୍ତ ଦେଇଥିଲେ ବୋଲି ଅଭିଯୋଗପତ୍ରରେ କୁହାଯାଇଛି। ଗତ ୨୦୨୦ ମସିହାରୁ ଭଣ୍ଡାରିପୋଖରୀ ଥାନାରେ ଯୋଗଦାନ କରି ୫ ବର୍ଷ ପୂରଣ କରିସାରିଥିବା ଏହି ଜନବିରୋଧି ପୁଲିସ କନଷ୍ଟେବଲଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏସ୍‌ପିଙ୍କୁ ଅନୁରୋଧ କରାଯାଇଛି। ତେବେ ଅଭିଯୋଗକୁ ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଖଣ୍ଡ ପୁଲିସ ଅଧିକାରୀ ତ୍ରିଲୋଚନ ସେଠୀ ଦୋହରାଇନ୍ତି।

## ବେଆଇନ ବାଲି ଉଠାଣ ବେଳେ ଚଢଉ



**ଅସୁରାଳି, ୩।୧୧(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ପଞ୍ଚାୟତ କୂଳସାହି ଘାଟରେ ବୈତରଣୀ ନଦୀରୁ ବେଆଇନ ଭାବେ ବାଲି ଉଠାଯାଉଥିବା ଖବର ପାଇ ଖଣି ବିଭାଗ ଓ ପୁଲିସ ମିଳିତ ଭାବେ ଚଢଉ କରିଛି। ଖଣି ବିଭାଗ କନିଷ୍ଠ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରି ବୈତରଣୀ ଘାଟରେ ବେଆଇନ ବାଲି ଉଠାଣ ଚାଲିଥିବା ଏକ ଟ୍ରାକଟରକୁ ଜବତ କରିଛି। ଏହି ଚଢଉରେ ପୁଲିସ ସହଯୋଗ କରିଥିଲେ। ଚଢଉ ପରେ ଧୁଷୁରୀ ଥାନାରେ ଟ୍ରାକ୍ଟରକୁ ଜିମା ଦିଆଯାଇଛି।

## 'ସୁରଭି' ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣର ଭିତ୍ତିଭୂମି




**ବାରିକପୁର, ୩।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ବିଇଓ ପ୍ରଫୁଲ୍ଲ ସାହୁଙ୍କ ଅଧ୍ୟକ୍ଷତାରେ ସୋମବାର ମଣ୍ଡଳ ସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ଦେବଦତ୍ତ ଦାସ, ତହସିଲଦାର ରୋଜାଲିନ ବେହେରା, ନିମନ୍ତ୍ରିତ ଅତିଥି ଭାବେ ପ୍ରଶିକ୍ଷକ ପ୍ରଦୀପ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ସୁରଭି ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରକାଶିତ କରୁଥିବା ବେଳେ ସେମାନଙ୍କ ସ୍ୱପ୍ନ ପୂରଣର ଏହା ଭିତ୍ତିଭୂମି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ବିଦ୍ୟାଧର ସାହୁ, କୁଞ୍ଜଲତା ଦାସ, ଗଦାଧର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ନାୟକ, ବିକାଶ ସ୍ୱାଇଁ, ଅକ୍ଷୟ ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀ ଭକ୍ତି ନୈବିଦ୍ୟ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଆରସିସି ମଞ୍ଜୁଳା ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସେହିଭଳି ଶିକ୍ଷକ ସଞ୍ଜୟ ନନ୍ଦ ଅତିଥି ପରିଚୟ, ମାୟାଧର ଦାସ ସଭା ସଞ୍ଚାଳନ ଓ ବିଦ୍ୟୁତଲତା ନାୟକ ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ବକ୍ତୃତା, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା, ଅଜୟ କୁମାର ପ୍ରଧାନ, ରବୀନ୍ଦ୍ର ମହାରଣା, ସୁଦର୍ଶନ ଜେନା, ବିଶ୍ୱରଞ୍ଜନ ଷେଣ୍ଠି, ସମୀର ଚୌଧୁରୀ, ପ୍ରମୋଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଆୟୋଜିତ ବାର୍ଷିକ କାର୍ଯ୍ୟକ୍ରମକୁ ସମସ୍ତ ସିଆରସିସି ଓ ଶିକ୍ଷକ ମାନେ ପରିଚାଳନା କରିଥିଲେ।

## କାଟୁ କରୁନି କୀଟନାଶକ; ଧାନ ଜମିରେ ପୋକ ଉପଦ୍ରବ

**ବାରିକପୁର, ୩।୧୧(ସମିସ)**



ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ପ୍ରାୟ ୧୬ ହଜାର ହେକ୍ଟରରୁ ଅଧିକ ଜମିରେ ଚଳିତ ବର୍ଷ ଖରିଫ ଧାନ ଫସଲ ହୋଇଛି। ଧାନ ଏବେ ଆହାର ଢ଼ୋକି ଫୁଲ ଉଡାଇବା ସମୟ ଉପନୀତ ହୋଇଛି। କିଛି ଜମିରେ ମଧ ଧାନ ଥୋଡ଼ ଆସିଗଲାଣି। ବିଶେଷ କରି ସ୍ୱର୍ଣ୍ଣ ଓ ସହଳ କିସମ ଧାନ ବାହାରି ସାରିଥିବା ବେଳେ ସେଗୁଡିକ ଏବେ ଆହାର ସଂଗ୍ରହ କରୁଛି। ସହଳ ରୁଆ ହୋଇଥିବା ଧାନ କେତେକାଂଶରେ ଫୁଲ ଉଡାଉଥିବା ବେଳେ ଚାଷୀ ଜମିକୁ ଦେଖି ଖୁସି ହୋଇଯାଉଛି। ଏତିକିବେଳେ କେତେକ ଜମିରେ ବିଭିନ୍ନ ପୋକ ଉପଦ୍ରବ ଯୋଗୁଁ ଚାଷୀ ଚିନ୍ତାରେ ରହିଛନ୍ତି। ଗତ ଏକ ମାସ ଭିତରେ ସମସ୍ତ ଚାଷ ଜମିଗୁଡିକରେ ରାସାୟନିକ ସାର ସହିତ ଦୁଇ ତିନିଥର ଲେଖାଏଁ ବିଷ ପ୍ରୟୋଗ ହୋଇଛି। ଦୁର୍ଗାପୂଜା ସମୟରେ ବିଭିନ୍ନ ଅଞ୍ଚଳରେ ପତ୍ରପୋଡା ଓ କାଣ୍ଡବିନ୍ଧା ପୋକ ଲାଗଥିବା ବେଳେ ଚାଷୀ ମାନେ ଥରକୁ ଥର ବିଷ ପ୍ରୟୋଗ କରିଥିଲେ। ଧାନ ଆହାର ଢ଼ୋକିବା ଓ ଫୁଲ ଉଡେଇବା ସମୟକୁ ଯେଉଁଭଳି ପୋକ ନ ଲାଗିବ ଏହାର ଆଗୁଆ ପ୍ରତିକାର ପାଇଁ ମଧ ଧାନଜମିରେ ବିଭିନ୍ନ କମ୍ପାନୀର ବିଷ ପ୍ରୟୋଗ ହୋଇଥିଲା। ଏହାସତ୍ତ୍ୱେ ଏବେ ପ୍ରାୟ ଏକ ସପ୍ତାହ ହେବ ବ୍ଲକର ୨୩ଟି ପଞ୍ଚାୟତର ବିଭିନ୍ନ ଧାନ ଫସଲରେ ମାଟିଆ ଗୁଣ୍ଡି ଓ ବୋଡା ପୋକ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁଁ ଆହାର ସଂଗ୍ରହ ଓ ଧାନ ଥୋଡ଼ ଆସିବାରେ ଜଟିଳ ସମସ୍ୟା ଦେଖାଦେଉଛି। ଆଉ କିଛି ଦିନ ପରେ ଚାଷୀ ମାନେ ଧାନ ଅମଳ ପାଇଁ ଯିବାକୁ ଚିନ୍ତା କରୁଥିବା ବେଳେ କୀଟପୋକ ଉପଦ୍ରବ ସମସ୍ତଙ୍କ ଅଡୁଆ ବଢ଼ାଇ ଦେଇଛି। ଶେଷ ପର୍ଯ୍ୟାୟରେ ଚାଷକୁ ବଞ୍ଚାଇବା ପାଇଁ କେଉଁଭଳି କୀଟନାଶକ ପ୍ରୟୋଗ କରିବେ ତାହାକୁ କୃଷକ ମାନେ ଜାଣିପାରୁନାହାନ୍ତି। ଏପଟେ ଚାଷୀ ମାନଙ୍କ ନିକଟରେ କୌଣସି କୀଟନାଶକ ବଳକା ନଥିବା ବେଳେ ବଜାରରୁ କେଉଁ କୀଟନାଶକ କିଣିଲେ ପୋକକୁ ଦମନ କରିହେବ ତାହାକୁ ନେଇ ଚାଷୀ ଦ୍ୱନ୍ଦ୍ୱରେ। ତଥାପି ବର୍ଷକର ଆହାରକୁ ସୁରକ୍ଷା ଦେବାପାଇଁ ଯେନ ତେନ ଉପାୟରେ ପୋକ ଦମନ ପାଇଁ ଲାଗିପଡ଼ିଛନ୍ତି। ଏପରିସ୍ଥଳେ କୃଷି ବିଭାଗ ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି।

# ଧୂଷୁରୀରେ କାୟା ମେଲାଇଛି ବେଆଇନ ଇଟା ଭାଟି

## ପରିବେଶ ଓ ଜନଜୀବନ ଉପରେ ଗଭୀର ପ୍ରଭାବ



**ଅସୁରାଳି, ୩।୧୧(ସମିସ):** ଧାମନଗର ବ୍ଲକ ଅଧୀନ ଧୂଷୁରୀ ଅଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠୁଥିବା ଇଟା ଭାଟିଗୁଡ଼ିକ ଏବେ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ହୋଇଉଠିଛି। ନଦୀ ବନ୍ଧ ଏହି ଅଞ୍ଚଳର ମାଟି ଇଟା ତିଆରି ପାଇଁ ଉପଯୋଗୀ ହେବାରୁ ବେପାରୀମାନେ ମନଇଚ୍ଛା ଭାବେ ଭାଟି ନିର୍ମାଣ କରି ବେପାର ଚଳାଇ ଆସୁଛନ୍ତି। ନଭେମ୍ବରରୁ ଏପ୍ରିଲ ପର୍ଯ୍ୟନ୍ତ ଏହି ବେପାରୀଙ୍କ ରାଜ ଚାଲିଥାଏ। ସରକାରୀ ଜମି, ସ୍କୁଲ ଓ ଡାକ୍ତରଖାନା ପାଖରେ ଥିବା ଅନାବାଦୀ ଜମି, ନଦୀ ପଠା ଆଦିକୁ ଅବୈଧ ଭାବେ ଦଖଲ କରି ଭାଟି ଗଢ଼ାଯାଉଛି। କେବଳ ଧୂଷୁରୀ ନୁହଁ; ଚାନ୍ଦବାଲି ବ୍ଲକ୍ ଦୋହରା, ଆରଡି, ସୁନ୍ଦରପୁରରେ ମଧ୍ୟ ମାଳ ମାଳ ଇଟା ଭାଟି ରହିଛି। ଉପରୋକ୍ତ ବିଷୟରେ ପ୍ରଶାସନର ନିରବ ସମର୍ଥନ ଥିବା ଅଭିଯୋଗ ଉଠିଛି, ଯାହା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଅନୁମତି ବିନା ଇଟା ପୋଡ଼ିବା, ଅନଭିଜ୍ଞ ଡ୍ରାଇଭର ଦ୍ୱାରା ଟ୍ରାକ୍ଟର ଚାଳନା, ରାସ୍ତା ନଷ୍ଟ ଓ ଦୁର୍ଘଟଣା ଘଟିବା ଘଟଣା ସାଧାରଣ ଲୋକଙ୍କ ଜୀବନକୁ ଅସୁବିଧାରେ ପକାଇ ଦେଉଛି। ଏହି ଭାଟିଗୁଡ଼ିକର ଧୂଆଁ ଓ ଧୂଳି ବାୟୁ ପ୍ରଦୂଷଣ ବଢ଼ାଇ ମୁଣ୍ଡ ବ୍ୟଥା, ଶ୍ୱାସକଷ୍ଟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ନଦୀ ପଠାରୁ ମାଟି ଖୋଳି ନେବା ଫଳରେ ବୈତରଣୀ ନଦୀର ଗତିପଥ ପରିବର୍ତ୍ତିତ ହେବାର ଆଶଙ୍କା ଜଣାପଡ଼ିଛି, ଯାହା ଭବିଷ୍ୟତରେ ବନ୍ୟା ଓ ଭୂମିକ୍ଷୟ ଭଳି ବିପଦ ସୃଷ୍ଟି କରିପାରେ। ସ୍ଥାନୀୟ ଲୋକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ବି ଏପର୍ଯ୍ୟନ୍ତ କୌଣସି ବିଶେଷ ପଦକ୍ଷେପ ନିଆଯାଇନାହିଁ। ଏପରି ଅବସ୍ଥାରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱର ସହ ସମସ୍ୟାକୁ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ତ୍ୱରିତ ଗ୍ରହଣ କରିବାକୁ ଜନସାଧାରଣ ଦାବି କରୁଛନ୍ତି।

# ପୂର୍ତ୍ତ ବିଭାଗ ରାସ୍ତାରୁ ବୋହିଗଲା ଡଷ୍ଟ

## ଧୂଳିରେ ପଥଚାରୀ ହନ୍ତସନ୍ତ



**ଧାମନଗର, ୩।୧୧(ସମିସ)**

ଧାମନଗର ଛକ ତଥା ୧୬ ନମ୍ବର ଜାତୀୟ ରାଜପଥଠାରୁ ଧାମନଗର ପର୍ଯ୍ୟନ୍ତ ଦୀର୍ଘ ୯ କିଲୋମିଟର ମୁଖ୍ୟ ପୂର୍ତ୍ତ ରାସ୍ତା। ରକ୍ଷଣାବେକ୍ଷଣ ଅଭାବରୁ ଖାଲଖମାରେ ମରଣଯନ୍ତା ପାଲଟିଥିଲା। ମାସେ ତଳେ ପ୍ରଶସ୍ତୀକରଣ ଆଳରେ ହଜାର ହଜାର ଗଛ କଟାହେଲା ମାତ୍ର ରାସ୍ତା ଅବସ୍ଥାର ପରିବର୍ତ୍ତନ ହେଲାନି। ଗତ ଅକ୍ଟୋବର ୨୮ ଓ ୨୯ ତାରିଖରେ ଧାମନଗର ଖାନକା ସରିଫରେ ପ୍ରସିଦ୍ଧ ଉର୍ଷ ପର୍ବ ଥିଲା। ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ଅପରିଣାମଦର୍ଶୀ ବୈଷୟିକ ଜ୍ଞାନ ପାଇଁ ଖାଲଖମାରେ ଡଷ୍ଟ ପକାଯାଇ ପାଣି ସିଞ୍ଚନ କରାଯାଇଥିଲା ବେଳେ ଏହାମଧ୍ୟରେ ବାତ୍ୟା ମୋନ୍ଥାର ପ୍ରଭାବରେ ଲଗାତାର ୩ ଦିନ ବର୍ଷା ସହ ଉର୍ଷ ପର୍ବ ଅବସରରେ ହଜାର ହଜାର ଯାତ୍ରୀବାହୀ ଗାଡ଼ି ଚଳାଚଳ କରିଥିଲା। ଫଳରେ ଡଷ୍ଟଗୁଡ଼ିକ ବୋହିଗଲା। ଫଳରେ ରାସ୍ତାରେ ଯେତିକି ଖାଲ ଥିଲା ତାର ତିନିଗୁଣା ଗାଡ଼ ସୃଷ୍ଟି ହୋଇଛି। ବର୍ଷା ଛାଡ଼ିଯିବା ପରେ ରାସ୍ତା ଶୁଖିଯିବାରୁ ଏବେ ଗାଡ଼ିଟିଏ ଗଲେ ଧୂଳି ଉଡ଼ି ପଥଚାରୀଙ୍କୁ ବେହାଲ କରୁଛି। ଲଗାତାର ଦୁଇ ତିନୋଟି ଗାଡ଼ି ଯିବାପରେ ଅନ୍ୟୂନ ୧୦ ମିନିଟ ପର୍ଯ୍ୟନ୍ତ ଧୂଳି ଉଡ଼ିବା ଫଳରେ ରାସ୍ତାଘାଟ ଦେଖାଯାଉନି। ଫଳରେ ରାସ୍ତାକଡ଼ରେ ବସରେ ଯିବାକୁ ଅପେକ୍ଷା କରିଥିବା ଯାତ୍ରୀଙ୍କ ଶ୍ୱାସରୁଦ୍ଧ ହେବାପରି ସମସ୍ୟା ଦେଖାଯାଉଛି। ସ୍ଥାନୀୟ ଅଞ୍ଚଳରେ ସମ୍ପୃକ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତାଗୁଡ଼ିକର ସମ୍ପ୍ରସାରଣ ଓ ପ୍ରଶସ୍ତୀକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ଚାଲିଥିବା ବେଳେ ପୂର୍ତ୍ତ ବିଭାଗ ରାସ୍ତାର ମରାମତି ହେଉନି। ଯାହାଫଳରେ ରାସ୍ତାର ଏଭଳି ଦୁରବସ୍ଥା ପାଇଁ ଲୋକମାନେ ଭଦ୍ରକ ପୂର୍ତ୍ତ ବିଭାଗକୁ ଦାୟୀ କରୁଛନ୍ତି। ରାସ୍ତା ମରାମତି କ୍ଷେତ୍ରରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ତାଙ୍କ ବୈଷୟିକ ଜ୍ଞାନକୁ ତାରିଫ ପୂର୍ବକ ତାଚ୍ଛଲ୍ୟ କରୁଛନ୍ତି। ବିଗତ ୧୫ ବର୍ଷ ଭିତରେ ଧାମନଗର ରାସ୍ତାର କେବେ ଏଭଳି ଦୁରବସ୍ଥା ହୋଇ ନଥିବା ବେଳେ ବର୍ତ୍ତମାନର ଶୋଚନୀୟ ପରିସ୍ଥିତି ଅଞ୍ଚଳବାସୀଙ୍କ ଗତାଗତରେ ବାଧକ ସାଜିଛି। ଭଦ୍ରକ ଜିଲ୍ଲାପାଳ, ପୂର୍ତ୍ତ ବିଭାଗ ଉଚ୍ଚ ଅଧିକାରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରି ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

● ଆମ ସାମ୍ବାଦିକ ସଂଘର ସାଂସ୍କୃତିକ ଉତ୍ସବ

# 'କଳା ସଂସ୍କୃତି ମଧ୍ୟରେ ଲୁଚି ରହିଛି ଆମ ପରମ୍ପରାର ମହକ'

**ବାସୁଦେବପୁର,୩।୧୧(ସମିସ):**



ବାସୁଦେବପୁର ଦକ୍ଷିଣେଶ୍ୱର କାଳୀପୂଜା କମିଟିର ସହଯୋଗରେ ଆମ ସାମ୍ବାଦିକ ସଂଘର ୩ ଦିନ ଧରି ଚାଲିଥିବା ସାଂସ୍କୃତିକ ଉତ୍ସବ-୨୦୨୫ ଉଦଯାପିତ ହୋଇଯାଇଛି। ସାଂସ୍କୃତିକ ଉତ୍ସବରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଭୁକୃପା ଭଜନ ସନ୍ଧ୍ୟା, ଜଗତସିଂହପୁରର କ୍ରିଷ୍ଣା କଲଚରାଲ ଗ୍ରୁପ ଓ ବରଗଡ଼ ଜିଲ୍ଲା ଶରଧାପାଲିର ସରଗମଲୀ ସାଂସ୍କୃତିକ ଅନୁଷ୍ଠାନ ସମ୍ବଲପୁରୀ ନାଚ ଓ ଗୀତ ପରିବେଷଣ କରି ମନମୁଗ୍ଧ କରିଥିଲେ। ଦ୍ୱିତୀୟ ଦିବସରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ କହିଥିଲେ, 'କଳା ଓ ସଂସ୍କୃତି ମଧ୍ୟରେ ଲୁଚି ରହିଛି ଆମର ପରମ୍ପରାର ମହକ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଭିଙ୍କୁ ଏକତା ଡୋରିରେ ବାନ୍ଧିବାର ସୁଯୋଗ ସୃଷ୍ଟି କରିଥାଏ। କର୍ମମୟ ଜୀବନର ଭାରାକ୍ରାନ୍ତ ମନକୁ ହାଲୁକା କରି କରିଥାଏ'। ବାସୁଦେବପୁର ପୌରାଧ୍ୟକ୍ଷା ନିବେଦିତା ବେହେରା କହିଥିଲେ, ବାସୁଦେବପୁର କାଳୀ ପୂଜାକୁ ସରସ ସୁନ୍ଦର କରିବା ପାଇଁ ଆମ ସାମ୍ବାଦିକ ସଂଘ ଓ ଦକ୍ଷିଣେଶ୍ୱର କାଳୀ କମିଟିର ମିଳିତ ସହଯୋଗରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ କାଳୀପୂଜାର ମାହୋଲକୁ ଆକର୍ଷଣୀୟ କରୁଛି। କ୍ରିଷ୍ଣା କଲଚରାଲ ଗ୍ରୁପକୁ ଜିଲ୍ଲାପାଳ ଶ୍ରୀ ରାଉତରାଏ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟକ୍ଷା ଶ୍ରୀମତୀ ବେହେରା ଉପସ୍ଥିତ ଜନତାଙ୍କୁ ସୁମଧୁର କଣ୍ଠରେ ଭଜନ ପରିବେଷଣ କରିଥିଲେ। ପୌରପାଳିକାର ଉପାଧ୍ୟକ୍ଷ ଉତମ କୁମାର ବାରିକ, ଦକ୍ଷିଣେଶ୍ୱର କାଳୀ କମିଟିର ମଦନମୋହନ ମହାକୁଡ, ସୁବାସଚନ୍ଦ୍ର ବାରିକ, ପ୍ରଶାନ୍ତ ମଲ୍ଲିକ, ରବିନ୍ଦ୍ର ରାଉଳ, ଆମ ସାମ୍ବାଦିକ ସଂଘର ଅମୀୟ ଭୂଷଣ ମହାନ୍ତି, ରାଜୀବ ଦାସ, ସ୍ୱାଧୀନ ଆଲୋକ ଡାଙ୍ଗୁଆ ଯୋଗଦେଇଥିଲେ। ଆମ ସାମ୍ବାଦିକ ସଂଘ ସମ୍ପାଦକ ରମାକାନ୍ତ ଡାଙ୍ଗୁଆ ସଂଯୋଜନା କରିଥିଲେ। ଓଡିଶାର ଲୋକକଳାକୁ ଉଜ୍ଜୀବିତ କରି କଳାକାରଙ୍କ ମୁହଁରେ ହସ ଫୁଟାଇବା ପାଇଁ ଆମ ସାମ୍ବାଦିକ ସଂଘ ଏକ ଛୋଟ ପ୍ରୟାସ ଆରମ୍ଭ କରିଛି ବୋଲି ସମ୍ପାଦକ ଶ୍ରୀ ଡାଙ୍ଗୁଆ କହିଥିଲେ।

● ଶିକ୍ଷାବିତ୍ ଜଗନ୍ନାଥ ରାୟ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

# ୨୨ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଶିକ୍ଷକ ଗୌରବ ସମ୍ମାନ

**ଧାମନଗର, ୩।୧୧(ସମିସ):** ଧାମନଗର ଅଞ୍ଚଳର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ, ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଜଗନ୍ନାଥ ରାୟ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବର୍ଷିକୀ ମହାସମାରୋହରେ ପାଳିତ ହୋଇଯାଇଛି। ଏନଏସି କଲ୍ୟାଣ ମଣ୍ଡପରେ ଶିକ୍ଷାବିତ୍ ଭାସ୍କର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାକୁ ଏବିଇଓ ହେମେନ୍ଦ୍ରନାଥ ମହାନ୍ତି ସଞ୍ଚାଳନ କରିଥିଲେ। ରାଜ୍ୟ ସରକାରଙ୍କ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣଚନ୍ଦ୍ର ସାହୁ, ଅଶୋକ କୁମାର ନାୟକ,



ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, କୈଳାସଚନ୍ଦ୍ର ମହାପାତ୍ର, ଚିନ୍ତାମଣି ଦାସ, ମନୋଜ ମଲ୍ଲିକ, ସରୋଜ ମହାପାତ୍ର, ଏନଏସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ଅନିଲ କୁମାର ବାରିକ, ସେକ ଜାଫର ଅଲ୍ଲୀ, ଡାକ୍ତର ଅଜିତ ପ୍ରସାଦ ଜେନା, ଶିକ୍ଷାବିତ୍ ହୃଦାନନ୍ଦ କର, ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲ, ଓକିଲ ସଂଘର ସଭାପତି ଅଶୋକ କୁମାର ଦାସ, ସମ୍ପାଦକ ରଣଜିତ ମହାନ୍ତି, ଓକିଲ ଅମରେନ୍ଦ୍ର ମହାନ୍ତିଙ୍କ ପ୍ରମୁଖ ଯୋଗ ଦେଇଥିଲେ। ସ୍ମୃତି କମିଟି ତରଫରୁ ୨୨ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ସ୍ମରଣିକାର ସମ୍ପାଦକ କୁଳମଣି ବେହେରା ବିବରଣୀ ପାଠ କରିଥିବାବେଳେ ସ୍ୱର୍ଗତ ରାୟମହାପାତ୍ରଙ୍କ ପୁତ୍ର ଦୀପକ କୁମାର ରାୟମହାପାତ୍ର ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ। ସୁରେନ୍ଦ୍ର ସେଠୀ, ମନୋଜ ସିଂହ, କୃଷ୍ଣଚନ୍ଦ୍ର ଜେନା, ଲକ୍ଷ୍ମୀଧର ବେହେରା, ଶ୍ରୀଧର ବେହେରା, ବିଜୟ ରାମ, ରାଜେଶ ବେହେରା ସହଯୋଗ କରିଥିଲେ।

# 'ମନ୍ଥା' କ୍ଷତିପୂରଣ ଦାବିରେ କୃଷକ ସଭାର ବିକ୍ଷୋଭ ଓ ଦାବିପତ୍ର




**ଭଦ୍ରକ,୩।୧୧(ସମିସ):** ଭଦ୍ରକ ଜିଲ୍ଲାର ସମସ୍ତ ଚାଷୀ ଓ ଭାଗଚାଷୀଙ୍କୁ ବାତ୍ୟା "ମନ୍ଥା' ଜନିତ କ୍ଷୟକ୍ଷତିର କ୍ଷତିପୂରଣ ପ୍ରଦାନ ଲାଗି ଓଡ଼ିଶା କୃଷକ ସଭା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ସମସ୍ତ ଚାଷୀ ଓ ଭାଗଚାଷୀଙ୍କ କୃଷିଋଣ ଓ ମହାଜନୀ ଋଣଛାଡ଼ କରିବା, ଚାଷୀ ଓ ଭାଗଚାଷୀ ଆତ୍ମହତ୍ୟା ରୋକିବା, କୃଷିବୀମାରେ ବିଭିନ୍ନ ଘରୋଇ କଂପାନିର ପ୍ରବେଶ ନିଷେଧ କରିବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସମସ୍ତ ଚାଷୀ ଓ ଭାଗଚାଷୀଙ୍କୁ କ୍ଷତିପୂରଣ ମିଳିବା, ଜାତୀୟ ବିପର୍ଯ୍ୟସ୍ତ ପରିଚାଳନା ପାଣ୍ଠି (ଏନଡିଆରଏଫ୍) ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏସଡିଆରଏଫ୍) ର ପରିମାଣ ବୃଦ୍ଧି କରିବା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ମନ୍ଥାଜନିତ କ୍ଷୟକ୍ଷତିର କ୍ଷତିପୂରଣ ଚାଷୀଙ୍କୁ ତୁରନ୍ତ ମିଳିବା, ବନ୍ୟା, ବାତ୍ୟା ଓ ମରୁଡିର ସ୍ଥାୟୀ ପ୍ରତିକାର ଆଦି ନେଇ ଓଡିଶା କୃଷକ ସଭା ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ କରାଯାଇଛି। ଏହି ମର୍ମରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଏହି ପ୍ରତିନିଧି ଦଳରେ ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ, ଜିଲ୍ଲା ସଂପାଦକ ପ୍ରଭାସ ମହାପାତ୍ର, ଚାଷୀ ନେତା ଗୌରାଙ୍ଗ ଜେନା, ଅଶୋକ ବେହେରା, ପ୍ରତାପ ସେଠୀ, ସତ୍ୟମୂର୍ତ୍ତି ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ବନ୍ତ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



**ବନ୍ତ/ଆଗରପଡ଼ା,୩।୧୧(ସମିସ):** ଆଗରପଡ଼ାସ୍ଥିତ ସରକାରୀ ବାଳିକା ହାଇସ୍କୁଲରେ ବନ୍ତ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଦିବସବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରିଣୀ ଡ. ସୁକୀର୍ତ୍ତି କରଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ମୁଖ୍ୟବକ୍ତା ଭାବେ ଆଗରପଡ଼ା କଲେଜ ଅଧ୍ୟକ୍ଷ ନାରାୟଣ ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ରୁନୀତା ଦାସ, ଏବିଇଓ ଭାଗୀରଥି ପାତ୍ର, ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଂଜନ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ବର୍ଷାରାଣୀ ମଲ୍ଲିକ, ସିଆରସିସି ନିରଞ୍ଜନ ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପଞ୍ଚାନନ ପୃଷ୍ଟି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁଧୀର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଳିକା ହାଇସ୍କୁଲ ସହକାରୀ ଶିକ୍ଷକ ଅଜିତ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ପୁରୁଷଣ୍ଡ ପଞ୍ଚାୟତ ସରପଞ୍ଚ ପ୍ରକାଶ ବିଶ୍ୱାଳ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପୁରୁଷଣ୍ଡ ସମିତିସଭ୍ୟା ସୁଶୀଳା ଜେନା, କୃଷ୍ଣଚରଣ ବିଦ୍ୟାମନ୍ଦର, ଆଗରପଡ଼ା ପ୍ରଧାନଶିକ୍ଷକ ଶରତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ୧୫ ଜଣ ସିଆରସିସି ବିଭିନ୍ନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ୩୦ଟି ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ୧୮ଟି କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟର ୪୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିରେନ ମିଶ୍ର, କୈଳାସ ପଣ୍ଡା, ଭୀମସେନ ପାଲ୍, ପ୍ରମୋଦିନୀ ସାହୁ, ଭାଗ୍ୟଶ୍ରୀ ପଣ୍ଡା, ରଞ୍ଜିତା ଶିଅଳ, ବନଜିନୀ ନାୟକ, ସାଗରିକା ମହାନ୍ତି, ବିଦ୍ୟୁତଲତା ଦାସ, ସାବିତ୍ରୀ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ରୌପ୍ୟଜୟନ୍ତୀ ପ୍ରସ୍ତୁତି ବୈଠକ



**ବନ୍ତ/ଆଗରପଡ଼ା, ୩।୧୧(ସମିସ):** ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନିମାପଡ଼ାସ୍ଥିତ କପାଳୀ କ୍ଷେତ୍ରଠାରେ ଥିବା ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିର ରୌପ୍ୟ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନଶିକ୍ଷକ ସୂର୍ଯ୍ୟମଣି ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜାତୀୟ ପୁରସ୍କୃତ ଶିକ୍ଷକ ଅଜୟ କୁମାର ପୃଷ୍ଟି, ଶିକ୍ଷାବିତ୍ ପ୍ରକାଶଚନ୍ଦ୍ର ସାହୁ, ନାରାୟଣଚନ୍ଦ୍ର ସାମଲ, ହୃଷୀକେଶ ମିଶ୍ର, ମହେଶଚନ୍ଦ୍ର ସାହୁ, ପ୍ରଧାନ ଗୁରୁମା ଇତିଶ୍ରୀ ମହାପାତ୍ର, ଅର୍ଜୁନ ଚରଣ ବାରିକ, ରବିନ୍ଦ୍ର କୁମାର ରାଉତ, ଗୁରୁଜୀ ସୁନୀଲ ରାଉଳ, ମାନସ ନାୟକ ଗୁରୁମା ଦମୟନ୍ତି ପାଣିଗ୍ରାହୀ, ଉଷାରାଣୀ ବେହେରା, ମିନତିଲତା ରାଉତ, ସବିତା ଦାସ, ସସ୍ମିତା ପତି, ପ୍ରଭାତି ପତି, ସୌଭାଗ୍ୟମଞ୍ଜରୀ ପରିଡା, ସାବିତ୍ରୀ ମାଝୀ, ରେବତୀ ବାରିକଙ୍କ ସହ ସମସ୍ତ ଗୁରୁମାଗୁରୁଜୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ଉତ୍ସବ ଜାନୁଆରୀ ମାସର ଶେଷ ସପ୍ତାହରେ ପାଳନ କରିବାକୁ ସ୍ଥିର କରାଯିବା ସହ ଏଥିରେ ସଂପାଦକ ଭାବେ ପୁରାତନ ଛାତ୍ର ରାଜେଶ କୁମାର ସାହୁଙ୍କୁ ମନୋନୀତ କରାଯାଇଛି। ଉକ୍ତ ଉତ୍ସବର ଏକ ସ୍ମରଣିକା ପ୍ରକାଶ କରାଯିବାକୁ ସ୍ଥିତ ହୋଇଛି।

# ବୋଇତ ବନ୍ଦାଣ ମହୋତ୍ସବର ୩ୟ ସନ୍ଧ୍ୟା



**ଅସୁରାଳି, ୩।୧୧(ସମିସ):** ଇତିହାସକୁ ଉଦ୍‌ଜୀବିତ କରେ ମହୋତ୍ସବ। ଏକତାର ସୂତ୍ରରେ ବାନ୍ଧି ରଖେ ସଂସ୍କୃତି ଓ ପରମ୍ପରାକୁ। ଏହା ହେଉଛି ଏକ ସାମୂହିକ ଅନୁଭୂତି ଯେଉଁଠି ଛାତ୍ରଛାତ୍ରୀ, ଶିକ୍ଷକ, ଦର୍ଶକ ଓ ସାମାଜିକ ଅଂଶଗ୍ରହଣକାରୀ ଏକ ମଞ୍ଚରେ ଏକତାର ଗାଥା ଗାଇଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମା ପରିପ୍ରେକ୍ଷୀରେ ବିଗତ ୭ ବର୍ଷ ଧରି ଧାମନଗର ଓ ଚାନ୍ଦବାଲି ବ୍ଲକର ମଧ୍ୟସ୍ଥଳୀ ସାହୁସାହି ଓ ସୁନ୍ଦରପୁରରେ ଥିବା ବାବା ରଘୁବର ଦାସ ମଠରେ ପାଳିତ ହେଉଛି କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ମହୋତ୍ସବ। ଉକ୍ତ ମହୋତ୍ସବଟି ୫ ଦିନ ଧରି ଚାଲୁ ରହିବ ଓ ଏହି ଉତ୍ସବ ପାଳନର ତୃତୀୟ ସନ୍ଧ୍ୟା ରେ ଡଲଫିନ ଡ୍ୟାନ୍ସ ଗ୍ରୁପଙ୍କ ନୃତ୍ୟ ଓ ଗୀତ ସମ୍ରାଟ ମେଲୋଡି ଗ୍ରୁପଙ୍କ ସଙ୍ଗୀତ ମନ କିଣିଥିଲା ଦର୍ଶକଙ୍କର। ଆମନ୍ତ୍ରିତ ଅତିଥିବୃନ୍ଦଙ୍କ ମଧ୍ୟରେ ପଣ୍ଡିତ ପଞ୍ଚାନନ ମିଶ୍ର, ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ, ଅନିଲ ଦାସ, ବରିଷ୍ଠ କଂଗ୍ରେସ ନେତା ରମେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବୋଇତ ବନ୍ଦାଣ କମିଟିର ସମସ୍ତ ସଦସ୍ୟ ତଥା ଧର୍ମେନ୍ଦ୍ର ସାହୁ, ସିଦ୍ଧାର୍ଥ ନାୟକ, ସିଦ୍ଧାର୍ଥ ସାହୁ, ମନୋଜ ସାହୁ, ହରିଶ୍ଚନ୍ଦ୍ର ସାହୁ, ପୂଜକ ବ୍ରଜକିଶୋର ପଣ୍ଡା, ସ୍ମୃତିରଞ୍ଜନ ସାହୁ, ମନ୍ମଥ ସେଠୀ, ନିମାଇଁ ଚରଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଜବରଦଖଲରେ ବଡ଼ବର୍ଚ୍ଛିକୟାଁର ଏକର୍‌ଏକର ସରକାରୀ ଜମି

# ସମିତିସଭ୍ୟଙ୍କ ସହ ଗ୍ରାମବାସୀଙ୍କ ଜିଲ୍ଲାପାଳଙ୍କୁ ଅଭିଯୋଗ

**ବନ୍ତ/ଆଗରପଡ଼ା,୩।୧୧(ସମିସ)**

ବନ୍ତ ବ୍ଲକ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତର ଏକର ଏକର ସରକାରୀ ଜମି ଜବରଦଖଲରେ ଥିବାରୁ ଏହାକୁ ଜବରଦଖଲମୁକ୍ତ କରିବା ପାଇଁ ସମିତିସଭ୍ୟ ସନ୍ତୋଷ ପହିଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ସେମାନଙ୍କ ଅଭିଯୋଗକୁ ଗ୍ରହଣ କରିବା ସହ ଏହାଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଓ ବନ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସମିତିସଭ୍ୟ ଶ୍ରୀ ପହିଙ୍କ ନେତୃତ୍ୱରେ ଚନ୍ଦ୍ରମଣୀ ସାହୁ, ଅଭିମନ୍ୟୁ ଧଳ, ଶ୍ରୀକାନ୍ତ ରାଉତ, ଗୋ÷ରାଙ୍ଗ ରାଉତ, ଅଶୋକ ଦାସ, କାର୍ତ୍ତିକ ରାଉତ, ସୁରେନ୍ଦ୍ର ରାଉତ, ବିବେକ ଧଳଙ୍କ ସମେତ ମା'ତାରିଣୀ କ୍ଲବର ସମସ୍ତ ସଦସ୍ୟ ତହସିଲଦାରଙ୍କୁ ସାକ୍ଷାତ କରିଥିଲେ। ତହସିଲଦାର ସେମାନଙ୍କ ଅଭିଯୋଗକୁ ବିଚାରକୁ ନେଇ ଆସନ୍ତା ଫେବୃଆରୀରେ ପର୍ଯ୍ୟାୟକ୍ରମେ ଜବରଦଖଲରେ ଥିବା ଜାଗାକୁ ଜବରଦଖଲମୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ପଞ୍ଚାୟତର ଆପ୍ତିରାସଡ଼ଙ୍ଗୀ, ସରକାରୀ ଖାତା- ୪୪୮, ୯୭ଟି ପ୍ଲଟରେ ୧୬୦-୩୪ ଡ଼ିସମିଲ ଜମି ରହିଛି। ତନ୍ମଧ୍ୟରୁ ରକ୍ଷିତ, ଅନାବାଦି, ଗୋଚର ଆଦି ସଂରକ୍ଷିତ ପ୍ଲଟକୁ ଗ୍ରାମର କେତେକ ନ୍ୟସ୍ତ ସ୍ୱାର୍ଥବ୍ୟକ୍ତି ଜବରଦଖଲରେ ଘେରବନ୍ଦୀରେ ରଖି ବ୍ୟକ୍ତିଗତ କାର୍ଯ୍ୟରେ ବିନିଯୋଗ କରିଛନ୍ତି। ଏପରିକି ସରକାରୀ ଚାକିରି ତଥା ପ୍ରଚୁର ପରିମାଣରେ କମିବାଡ଼ି ଥାଇ ସରକାରୀ ଜମି ଜବରଦଖଲ କରିଥିବା ସୁଯୋଗରେ ବାହାର ଗ୍ରାମର ଲୋକ ମଧ୍ୟ ଉକ୍ତ ଗ୍ରାମରେ ଥିବା ସରକାରୀ ଜମିକୁ ଜବରଦଖଲ କରିବାକୁ ଯୋଜନା କରିଆସୁଛନ୍ତି। ଫଳରେ ଆପ୍ତିରାସଡ଼ଙ୍ଗୀ ଗ୍ରାମରେ ଖେଳପଡ଼ିଆ, ମହିଳା ସମିତି, ଶ୍ମଶାନ, ଗୋଚର ଆଦି କିସମ ଜବରଦଖଲ ଯୋଗୁଁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଚାରଣଭୂମି ଅଭାବରୁ ଗାଈଗୋରୁ ଖାଦ୍ୟଜନିତ ସମସ୍ୟା ଭୋଗ କରୁଛନ୍ତି। ଜବରଦଖଲ ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ସର୍ବଦା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଗୋଷ୍ଠୀ ବିବାଦ ତୀବ୍ରତର ହେଉଛି। ସାଧାରଣ ନିରୀହ, ଗରିବ, ଖଟିଖିଆ, ଦିନ ମଜୁରିଆ ଏବଂ ଆର୍ଥିକ ଅନଗ୍ରସର ପରିବାରଗୁଡ଼ିକ ତଳିତଳାନ୍ତ ହେବାକୁ ବସିଲେଣି। ଜବରଦଖଲକାରୀମାନେ ଶାଗ ମାଛ ମୂଲ୍ୟରେ ସରକାରୀ ଜମିକୁ ମୌଖିକ ବିକ୍ରି କରି ମାଲେମାଲ ହେଉଛନ୍ତି। ଯଦି ଏହାକୁ ରୋକା ନଯାଏ ତେବେ ଭବିଷ୍ୟତରେ ଗ୍ରାମବାସୀଙ୍କୁ ନିଜର ଭିଟାମାଟିରୁ ବିତାଡ଼ିତ ହେବାର ଆଶଙ୍କା ଚିନ୍ତାଗ୍ରସ୍ତ କରି ରଖିଛି। ରାସ୍ତା, ପୋଖରୀଆଡ଼ି, ସ୍କୁଲ, ପାଣିନାଳ ଆଦି ଜବରଦଖଲ ଯୋଗୁଁ ଗ୍ରାମବାସୀ ଯିବାଆସିବା କରିପାରୁ ନଥିବା ବେଳେ ଗାଡ଼ି ମଟର, ଆମ୍ବୁଲାନ୍ସ, ଦମକଳ, ସ୍କୁଲ ଗାଡ଼ି ଏବଂ ଟ୍ରାକ୍ଟର ଆଦି ଚାଷ ଯନ୍ତ୍ରପାତି ଗାଡ଼ି ଆସିପାରୁ ନାହିଁ। ଏପରିକି ଅନେକ ସମୟରେ ଆମ୍ବୁଲାନ୍ସ ଆସି ନପାରିବା ହେତୁ ଗୁରୁତର ରୋଗୀ ତଥା ଗର୍ଭବତୀ ମହିଳାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ରକ୍ଷିତ ଖାତାର ପ୍ଲଟକୁ ସର୍ବସାଧାରଣ ଯିବାକୁ ରାସ୍ତା ଅବରୋଧ ହେତୁ ତାହା କୌଣସି କାର୍ଯ୍ୟରେ ଲାଗିପାରୁ ନାହିଁ। ଅପରପକ୍ଷେ, ରକ୍ଷିତ ପ୍ଲଟରେ ଥିବା ଜମି ଜବରଦଖଲ ଯୋଗୁଁ ସରକାରୀ ଅନୁଦାନ କାର୍ଯ୍ୟକାରୀ ହୋଇପାରୁନାହିଁ। ଅଳ୍ପ କେତକ ସ୍ୱାର୍ଥନ୍ୱେଷୀ ବ୍ୟକ୍ତି ସରକାରୀ ରାସ୍ତା ଓ ଜାଗାକୁ ଅବରୋଧ କରିବା ଯୋଗୁଁ ଗ୍ରାମବାସୀଙ୍କ ସାମୂହିକ ସ୍ୱାର୍ଥ ହାନି ହେଉଛି। ଗୋରୁ ଗାଈ ଗୃହପାଳିତ ପଶୁମାନେ ଚାରଣଭୂମି ଅଭାବରେ ଏପଟ ସେପଟ ହେଉଥିବା ବେଳେ ଯଦି ଅଭିଯୋଗକାରୀ ଜବରଦଖଲକୁ ବିରୋଧ କରିବେ ତେବେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଏହା ପୂର୍ବରୁ ସେମାନେ ଏନେଇ ଜିଲ୍ଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ବନ୍ତ ତହସିଲଦାର ତଥା ବିଭାଗୀୟ ଅଧିକାରୀଙ୍କୁ ଗତ ଜୁଲାଇରେ ଡ଼ାକ ଯୋଗେ ଅଭିଯୋଗ ମଧ୍ୟ କରିଥିବା ଉଲ୍ଲେଖ କରିଛନ୍ତି।

ସକାଳ
THE SAKALA


# ଏମପିସି ସ୍ୱୟଂଶାସିତ କଲେଜରେ ପୁଣି ଛାତ୍ର ଅଶାନ୍ତି

## ଫାଟକରେ ତାଲା ପକାଇ ଧାରଣାରେ ବିଦ୍ୟାର୍ଥୀ



ବାରିପଦା, ୩।୧୧(ସମିସ): ସୋମବାର ପୁଣି ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଛି। ମହାବିଦ୍ୟାଳୟ ଓ ଛାତ୍ରାବାସର ବିଭିନ୍ନ ସମସ୍ୟା ସହିତ ଠିକ୍ ସମୟରେ ପରୀକ୍ଷା ନ ହେବା ଓ ଫଳ ପ୍ରକାଶ ପାଉନଥିବା ଅଭିଯୋଗ କରି ସକାଳ ସାଢେ ୬ଟାରୁ ମୁଖ୍ୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ଧାରଣା ଦେଇଛନ୍ତି। ଫଳରେ କଲେଜ ଭିତରକୁ ଅଧ୍ୟାପକ ଓ ଅଧ୍ୟାପିକା ପ୍ରବେଶ କରିପାରି ନ ଥିଲେ। ଏବେ କଲେଜରେ ଜିଲ୍ଲାସ୍ତରୀୟ ଯୁବ ରେଡ଼କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଚାଲିଥିବାରୁ ତାହା ବାଧାପ୍ରାପ୍ତ ହୋଇଛି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ମୁତାବକ, ଛାତ୍ରାବାସରେ ପିଇବା ପାଣି ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟା ଲାଗିରହିଛି। ଆଦିବାସୀ ଛାତ୍ରଛାତ୍ରୀ ଷ୍ଟାଇପେଣ୍ଡରୁ ବଞ୍ଚିତ ହେଉଛନ୍ତି; ଯାହା ତାଙ୍କର ପଠପଢ଼ାରେ ଏକ ବଡ଼ ସମସ୍ୟା ସୃଷ୍ଟି କରୁଛି। ଏଥିସହିତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ମହାବିଦ୍ୟାଳୟରେ ନିୟମ ଭାବେ ପରୀକ୍ଷା ନ ହେବା ଓ ଠିକ୍ ସମୟରେ ଫଳ ପ୍ରକାଶ ପାଉନାହିଁ। ବିଳମ୍ବରେ ତ୍ରୁଟିପୂର୍ଣ୍ଣ ପରୀକ୍ଷା ଫଳ ପ୍ରକାଶ ପାଇବା ଏକ ବଡ଼ ସମସ୍ୟା ବୋଲି ଛାତ୍ରଛାତ୍ରୀ ଅଭିଯୋଗ କରିଛି। ଏ ନେଇ ବହୁବାର ଅଭିଯୋଗ ଓ ଆନ୍ଦୋଳନ ସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ। ତେଣୁ ଛାତ୍ରଛାତ୍ରୀ ବାଧ୍ୟହୋଇ ଏଭଳି ପଦକ୍ଷେପ ନେଇଛନ୍ତି। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଏହି ତାଲା ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ରନେତା ପ୍ରଭାସକର ମାର୍ଣ୍ଡି କହିଛନ୍ତି। ତେବେ କଲେଜ୍ ପରିସରରେ ଜିଲ୍ଲାସ୍ତରୀୟ ଯୁବ ରେଡ଼କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଚାଲିଥିବାରୁ ଗେଟ୍ ବନ୍ଦ ରହିଥିବାରୁ ଏଥିରେ ଅଂଶଗ୍ରହଣ କରିଥିବା ୧୨୦ରୁ ଅଧିକ ଛାତ୍ରଛାତ୍ରୀ ଭିତରେ ରହିଛନ୍ତି। ଏନେଇ ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରାଙ୍କୁ ପଚାରିବାରୁ ତାଲାବନ୍ଦ ଆନ୍ଦୋଳନ ସମ୍ପର୍କରେ ଛାତ୍ରଛାତ୍ରୀ ପୂର୍ବ ସୂଚନା ଦେଇନାହାନ୍ତି। କିଛିଦିନ ପୂର୍ବରୁ କିଛି ବିଦ୍ୟାର୍ଥୀ ପରୀକ୍ଷା ନିୟନ୍ତ୍ରକଙ୍କୁ ପରିବର୍ତ୍ତନ ପାଇଁ ଦରଖାସ୍ତ ଦେଇଥିଲେ। ତେବେ ପରିବର୍ତ୍ତନ କ୍ଷମତା ମୋର ନ ଥିବାରୁ ମୁଁ ମନାକରିଥିଲି। ପିଲାଙ୍କ ଦାବି ସମ୍ପର୍କରେ ମୁଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛି। କୌଣସି ନିଷ୍ପତ୍ତି ସୂଚନା ପହଞ୍ଚିବା ପୂର୍ବରୁ ଏପରି ଆନ୍ଦୋଳନ ନିନ୍ଦନୀୟ ବୋଲି ସେ କହିଛନ୍ତି।

## ପ୍ରାକ୍ତନ ଅଧ୍ୟକ୍ଷାଙ୍କ ସଙ୍ଗୀନ ଅଭିଯୋଗ

ଏମପିସି ସ୍ୱୟଂଶାସିତ କଲେଜରେ ତାଲାବନ୍ଦ ଆନ୍ଦୋଳନ ଘଟଣାକୁ ନେଇ ପ୍ରାକ୍ତନ ଅଧ୍ୟକ୍ଷା ତଥା ବର୍ତ୍ତମାନର ଅଧ୍ୟାପିକା ରାଇମଣି ମାର୍ଣ୍ଡି ଗୁରୁତର ଅଭିଯୋଗ ଆଣିଛନ୍ତି। ଛାତ୍ରଛାତ୍ରୀଙ୍କ ଆଚାର ବ୍ୟବହାରରେ ନିଜକୁ ସେ ସୁରକ୍ଷିତ ମଣୁନାହାନ୍ତି। ସେ ବର୍ତ୍ତମାନ ଜିଲ୍ଲା ୟୁଥ୍ ରେଡ଼କ୍ରସ କୋନଭେନର ସେକ୍ରେଟାରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ହଇରାଣ କରିବା ଏବଂ ରେଡ଼କ୍ରସ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ଆନ୍ଦୋଳନର ଚକ୍ରାନ୍ତ କରାଯାଇଛି ବୋଲି ସେ ଦର୍ଶାଇଛନ୍ତି। ଏଥିରେ କଲେଜର କିଛି ଅଧ୍ୟାପକ ଓ ଅଧ୍ୟାପିକାଙ୍କ ହାତ ରହିଥିବା ସେ ଅଭିଯୋଗ କରିଛନ୍ତି। ଆନ୍ଦୋଳନରତ ଛାତ୍ରଙ୍କ ଧମକରେ ସେ ଭୟଭୀତ ହୋଇ



ପୁଲିସର ସହାୟତା ନେଇଛନ୍ତି। ଏପରିକି ରେଡ଼କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅଂଶଗ୍ରହଣ କରୁଥିବା ଅଧ୍ୟାପକ/ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ଆନ୍ଦୋଳନକାରୀମାନେ ଧମକ ଚମକ ଦେଇ ଭୟଭୀତ କରିବା ପାଇଁ ଚେଷ୍ଟା କରୁଥିବା ମଧ୍ୟ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ପ୍ରତିଦିନ ଜଲେଜ୍ ଫାଟକ ସକାଳ ୯ଟା ୩୦ରେ ଖୋଲିବାର ସମୟ ହୋଇଥିବା ବେଳେ ଆଜି ସକାଳ ୬ଟାରେ ଗେଟରେ ତାଲା ପକାଇବା ଶିବିରକୁ ବାଧା ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି। ଏହା ପଛରେ କଲେଜ ସହକର୍ମୀଙ୍କ ହାତ ରହିଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ; ଜଣେ ଗୁରୁତର

ମୋରଡା,୩।୧୧(ସମିସ): ରବିବାର ଜଣେ ବୃଦ୍ଧଙ୍କୁ ହାତୀ ଆକ୍ରମଣ କରିବାରୁ ତାଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତକ ହେଲେ ମୁଣ୍ଡାବଣି ଗ୍ରାମର ଅଶୋକ ଟୁଡୁ (୫୩)। ବେତନଟୀ ରେଞ୍ଜ ଅଧୀନ ଗଡିଗାଁ ପଞ୍ଚାୟତ ଫୁଲବାଡିଆ ଗ୍ରାମର ଏକ କାଜୁ ବାଡ଼ିରେ ରବିବାର ୬ଟି ଦନ୍ତାହାତୀ ଥିଲେ। ହେଲେ ଅଶୋକ ଟୁଡୁ ସାଇକଲ ଯୋଗେ ଘରକୁ ଫେରୁଥିବାବେଳେ ହାତୀ ହାବୁଡ଼ରେ ପଡିଯାଇଥିଲେ। ପରେ ଏକ ହାତୀ ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇପଡିଥିଲେ। ଏହି ଖବର ପାଇ ଫରେଷ୍ଟର ଦୀପକ ପାତ୍ର ଏବଂ ଗାର୍ଡ ବିଜୟ ଶଙ୍କର ଦାସ ତାଙ୍କୁ ତୁରନ୍ତ ଉଦ୍ଧାର କରି କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ବାରିପଦାସ୍ଥିତ ପିଆରଏମ୍ ହସପିଟାଲକୁ ସ୍ଥାନାନ୍ତର କରିଥିଲେ। ହେଲେ ତାଙ୍କର ରବିବାର ରାତି ସାଢେ ୩ଟାବେଳେ ମୃତ୍ୟୁ ଘଟିଛି। ସେହିପରି ଫାଲଝରୀ ଗ୍ରାମର ଯୁବକ ଭଞ୍ଜକିଶୋର ମହାନ୍ତ ହାତୀ ହାବୁଡ଼ରେ ପଡି ଆହତ ହୋଇଥିବା ଖବର ମିଳିଛି।

## କୁଆଖିଆ ଓଭରବ୍ରିଜ ଉପରେ ଦୁର୍ଘଟଣା; ଜଣେ ମୃତ

କୁଆଖିଆ,୩।୧୧(ସମିସ): ୧୬ନଂ ଜାତୀୟ ରାଜପଥ କୁଆଖିଆ ଓଭରବ୍ରିଜ ଉପରେ ବୋଲେରୋ ଓ ଯାତ୍ରୀବାହୀ ବସ୍ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଯାଇଛି। ସୂଚନା ମୁତାବକ ରବିବାର ବିଳମ୍ବିତ ରାତ୍ରୀରେ ଭୁବନେଶ୍ୱରରରୁ ଏକ ଯାତ୍ରୀବାହି ବସ୍ ଭଦ୍ରକ ଅଭିମୁଖେ ଯାଉଥିବା ସମୟରେ କୁଆଖିଆ ଓଭରବ୍ରିଜ ଉପରେ ପାଣିକୋଇଲିରୁ ଏକ କଟକ ଯାଉଥିବା ବୋଲେରୋ ଯାତ୍ରୀବାହି ବସ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବୋଲେରୋ ଚାଳକ ଚମ୍ପୁଆ ଅଞ୍ଚଳର ଈଶ୍ୱରଚନ୍ଦ୍ର ଗିରିଙ୍କ ପୁଅ ରାଜେଶ କୁମାର ଗିରି ଗୁରୁତର ଆହତ ହୋଇଥିଲେ। ତାଙ୍କୁ କୁଆଖିଆ ପୁଲିସ ଉଦ୍ଧାର କରି ଧର୍ମଶାଳା ମେଡିକାଲକୁ ପଠାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନାବାଳିକାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ

ଭଦ୍ରକ/ବନ୍ତ/ଆଗରପଡ଼ା,୩।୧୧(ସମିସ): ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରି ବିଫଳ ହେବା ପରେ ଅଭିଯୁକ୍ତ ଜଣକ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଆଗରପଡ଼ା ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ଆଗରପଡା ଥାନାଧିକାରୀ ଦେବରାଜ ଜେନା ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଏକ ଧାନକ୍ଷେତରେ ଗୋଡାଇ ଗୋଡାଇ ଧରିବାରେ ସଫଳ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଆଗରପଡ଼ା ଥାନା ଅନ୍ତର୍ଗତ ଘଣ୍ଟଗଡ଼ିଆ ସ୍ଥିତ ସାହାଡ଼ଗଡ଼ିଆଠାରେ ୧୫ବର୍ଷ ହେବ ଜଣେ ନାବାଳିକା ତାଙ୍କ ପରିବାର ସହ ରହୁଥିଲେ। ତାଙ୍କ ମୂଳ ଘର ମହୁଲଡିହା ଥାନା ଅନ୍ତର୍ଗତ ବାଲିଡିହା ଗାଁରେ। ସୋମବାର ସକାଳେ ସେ ଘର ନିକଟସ୍ଥ କେନାଲକୁ ଶୌଚ ହେବାକୁ ଯାଇଥିଲେ। ସେହି ସମୟରେ ସୋସୋ ଥାନା ଅଞ୍ଚଳର ଦୁଇ ଭାଇ କେନାଲରେ ମାଛ ଧରୁଥିଲେ। ନାବାଳିକାଙ୍କୁ ଏକୁଟିଆ ଦେଖି ସାନଭାଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା; ମାତ୍ର ନାବାଳିକା ଜଣକ ପ୍ରତିବାଦ କରିବା ସହ ଜୋରରେ ଚିତ୍କାର କରିଥିଲେ। ଯୁବକ ଜଣକ ଧରାପଡ଼ି ଯିବା ଭୟରେ ପାଖରେ ରଖିଥିବା ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଆଘାତ ପଳାଇବାକୁ ହେବାକୁ ଉଦ୍ୟମ କରିଥିଲା; ହେଲେ ତତକ୍ଷଣାତ ଥାନାଧିକାରୀ ଶ୍ରୀ ଜେନା ପହଞ୍ଚି ପ୍ରାୟ ୨ କି.ମି ଯାଏ ଗୋଡ଼ାଇ ଗୋଡ଼ାଇ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଥାନାଧିକାରୀ ଶ୍ରୀ ଜେନା ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛନ୍ତି। ପୀଡିତାଙ୍କ ମୁହଁ, ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଶବଗୃହରେ ଧୂପକାଠି ନିଆଁରେ ଜଳିଗଲା ମହିଳାଙ୍କ ମୃତଦେହ

ଭଦ୍ରକ/ବାସୁଦେବପୁର,୩।୧୧(ସମିସ): ସରକାରୀ ଡାକ୍ତରଖାନାରେ ଧୂପକାଠି ନିଆଁରେ ଜଳିଗଲା ଜଣେ ମହିଳାଙ୍କ ମୃତଦେହ। ହଠାତ୍ ଶବଗୃହ ହୁ ହୁ ହୋଇ ଜଳିଲା। ଧୂଆଁର ଆଚ୍ଛାଦିତ ହୋଇପଡିଲା ଶବ ଗୃହ। ଉପସ୍ଥିତ ଥିବା ସୁରକ୍ଷା କର୍ମୀ ତୁରନ୍ତ ଜ ପାଣି ଢାଳି ନିଆଁକୁ ଆୟତ୍ତ କରିଥିଲେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ବାସୁଦେବପୁର ବ୍ଲକ ଗୋପବନ୍ଧୁନଗର ପଞ୍ଚାୟତ ବୁଢୀଛକର କମଳାକାନ୍ତ ଡଗରାଙ୍କ ପତ୍ନୀ ଯଶୋଦା ଡଗରା ଗୋରୁ ଗୋଡେଇବାକୁ ଯାଇ ପାଣିରେ ପଡିଯାଇଥିଲେ। ପରେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ପରିବାର ଲୋକ ଉଦ୍ଧାର କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହିଳାଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ଶବ ଗୃହରେ ରଖାଯାଇଥିଲା। ଶବ ଉପରେ ଏକ ଧଳା କପଡା ପକାଯାଇଥିଲା। ଶବ ନିକଟରେ ଧୂପ କାଠି ଲଗାଯାଇଥିଲା। ହେଲେ ଧୂପ କାଠିରୁ ନିଆଁ ଗଦି ଉପରେ ପଡି ନିଆଁ ଲାଗି ଗଦି ହୁ ହୁ ହୋଇ ଜଳିଗଲା। ଏପରିକି ଶବଗୃହରେ ଥିବା ଏୟାର କଣ୍ଡିସନର ଓ ବିଦ୍ୟୁତ୍ ସାମଗ୍ରୀ ମଧ୍ୟ ଜଳିଯାଇଛି।

## ବିଦ୍ୟାଳୟରେ ଶିକ୍ଷକ ଅଭାବ; ଜିଲ୍ଲାପାଳଙ୍କୁ ଅଭିଯୋଗ



ବାଲେଶ୍ୱର, ୩।୧୧(ସମିସ): ରେମୁଣା ବ୍ଲକ ଅନ୍ତର୍ଗତ ବେଗମପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ହେତୁ ଏବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ହେବାକୁ ବସିଛି। ଏଣୁ ଆଜି ଅଭିଭାବକମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକ ଘୋର ଅଭାବ ନେଇ ବିଦ୍ୟାଳୟର ଏସଏମସି ସଭାନେତ୍ରୀ ତଥା ସମସ୍ତ ସଭ୍ୟ,ସଭ୍ୟାମାନେ ପୂର୍ବରୁ ଅଭିଯୋଗ ମଧ୍ୟ କରିଛନ୍ତି। ହେଲେ କିଛି କେହି ଶୁଣୁ ନାହାନ୍ତି। ଏଣୁ ବାଧ୍ୟ ହୋଇ ସେମାନେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ସେମାନେ ବିଇଓଙ୍କୁ ଜଣାଇଥିଲେ ସୁଦ୍ଧା ଏହି ସମସ୍ୟା ଶୀଘ୍ର ପୂରଣ ହେବ ବୋଲି କହିବା ସହ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ନ କରିବାକୁ ମଧ୍ୟ କହିଥିଲେ। ହେଲେ ବିଇଓ ଦେଇଥିବା ପ୍ରତିଶ୍ରୁତି ପୂରଣ କରି ନାହାନ୍ତି। ଫଳରେ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିବା ସହ ଉକ୍ତ ବିଦ୍ୟାଳୟରେ ଶୀଘ୍ର ଶିକ୍ଷକ ନିଯୁକ୍ତି କରାଇବାକୁ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ମଞ୍ଜୁଲତା ବିନ୍ଧାଣୀ, କାଳୀଚରଣ ବିନ୍ଧାଣୀ, ପ୍ରଫୁଲ୍ଲ ସିଂ, ଅନ୍ନପୂର୍ଣ୍ଣା ପୋଥାଳ, ରାକେଶ ଘୋଷ, ପ୍ରମିଳା ସେଠୀ, ସୁଦାମ କୁମାର ସେଠୀ, ଅମର ସେଠୀ, ଗୋବିନ୍ଦ ଖିଲାର, ଗୌରୀମଣି ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମିନି ବ୍ୟାଙ୍କରେ ଦୁଇ କୋଟି ଟଙ୍କା ଠକେଇ

### ଜିଲ୍ଲାପାଳଙ୍କଠାରେ ଅଭିଯୋଗକଲେ ଆଦିବାସୀ

ବାଲେଶ୍ୱର, ୩।୧୧(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅର୍ନ୍ତଗତ ଦେଉଳା ଗ୍ରାମରେ ଥିବା ଏକ ମିନି ବ୍ୟାଙ୍କରେ ଟଙ୍କା ରଖି ଆଦିବାସୀ ଲୋକ ଠକାମୀର ଶିକାର ହୋଇଛନ୍ତି। ପାଖାପାଖି ଦୁଇ କୋଟି ଟଙ୍କା ଠକେଇ ହୋଇଥିବା ନେଇ ସେମାନେ ଜିଲ୍ଲାପାଳଙ୍କଠାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

ଦେଉଳା ଗ୍ରାମର ରଞ୍ଜନ କୁମାର ରଣା ଗ୍ରାମ ପଞ୍ଚାୟତ ସଂଲଗ୍ନ ଏକ ଅନାବାଦୀ ସ୍ଥାନରେ ଗୃହ ନିର୍ମାଣ କରି ଏକ ଅସ୍ଥାୟୀ ବ୍ୟାଙ୍କ ଖୋଲି ଅର୍ଥ ଦେଣନେଣ କରିଆସୁଛନ୍ତି। ଉକ୍ତ ବ୍ୟାଙ୍କ ବାଲିଆପାଳ ଏସ୍‌ବିଆଇର ଶାଖା ପରିଚାଳକ ଦାୟିତ୍ୱରେ ଥାଇ ଶ୍ରୀ ରଣା ଦୀର୍ଘ ୮ ବର୍ଷ ହେବ ଏହି କାରବାର କରିଆସୁଥିଲେ। ଅଂଚଳିକ ସ୍ତରରେ ଏକ ବ୍ୟାଙ୍କ ପ୍ରତିଷ୍ଠା ହେବା ଦ୍ୱାରା ଏହି ପଞ୍ଚାୟତର ଜନସାଧାରଣ ଉପକୃତ ହେବା ଲକ୍ଷ୍ୟରେ ବହୁ ଜମାକାରୀ ପୁରୁଷ ଓ ମହିଳା ଅର୍ଥ କାରବାର ସହିତ ସ୍ଥାୟୀ ଜମା ଆକାରରେ ଫିକ୍ସ ଡିପୋଜିଟ ମଧ୍ୟ କରିଛନ୍ତି। ବର୍ତ୍ତମାନ କେବଳ ଦୈନିକ ଅର୍ଥ ନେଣଦେଣ ବ୍ୟତିତ ସ୍ଥାୟୀ ଜମା ଓ ତାର ସୁଧ ସେମାନେ ପାଇ ପାରୁ ନାହାନ୍ତି। ଉକ୍ତ ସ୍ଥାୟୀ ଜମା ପାଖାପାଖି ଦୁଇ କୋଟିରୁ ଅଧିକ ହେବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏପରିକି ଏହି ସବୁ ଟଙ୍କା ଶ୍ରୀ ରଣା ଆତ୍ମସାତ କରିଥିବା



ନେଇ ସେମାନେ ସନ୍ଦେହ କରୁଛନ୍ତି। ବନ୍ଦର ହେବାକୁ ଥିବା ଟାଟା କମ୍ପାନୀଙ୍କ ଦ୍ୱାରା ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମୟରେ ଗରିବ ଆଦିବାସୀଙ୍କ ସହ ଶତାଧିକ ଲୋକେ ପାଇଥିବା ଟଙ୍କା ଉକ୍ତ ମିନି ବ୍ୟାଙ୍କରେ ରଖିଥିଲେ। ଠକେଇର ଶିକାର ହେବା ନେଇ ସେମାନେ ବାଲିଆପାଳ ଥାନାରେ ଅଭିଯୋଗ କରିଛନ୍ତି। ଏଣୁ ଏହି ଘଟଣାରେ ଜିଲ୍ଲା ପ୍ରଶାସନ ସଠିକ ଭାବେ ତଦନ୍ତ କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଠକାମୀରେ ଶିକାର ହୋଇଥିବା ବ୍ୟକ୍ତିମାନେ ଦାବି କରିଛନ୍ତି। ଏହି ଦାବିପତ୍ର ବେଳେ ଝାଡେଶ୍ୱର ମଲ୍ଲିକ, ଫୁଲମଣି ସୋରେନ, ସୁଶିଳା ବେଶ୍ରା, ଫୁଲ ଟୁଡୁ, ରାମ ଟୁଡୁ, ବସନ୍ତ କିସ୍କୁ, ରୁହୀ ହେମ୍ବ୍ରମ, ସାକାଳା ମାର୍ଣ୍ଡି, ଅନ୍ନପୂର୍ଣ୍ଣା ଟୁଡୁ, ମାଳତୀ ମାର୍ଣ୍ଡି, ବସନ୍ତ ମୁର୍ମୁ, ମଙ୍ଗଳୀ କିସ୍କୁ, ଗଣେଶ ଟୁଡୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗୋ-ମାଫିଆଙ୍କ ଉତ୍ପାତ
## ଟେର୍ ପାଉନି ପୁଲିସ୍; ଧରୁଛି ବନ ବିଭାଗ


ଟୁରୁମୁଙ୍ଗା, ୩।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଓ ସାହାରପଡ଼ା ଫାଣ୍ଡି ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥରେ ଏବେ ଗୋ-ମାଫିଆ ସକ୍ରିୟ ହୋଇ ପଡ଼ିଛନ୍ତି। ଥାନା ପଛପଟ ରାସ୍ତା ଓ ଫାଣ୍ଡି ସମ୍ମୁଖ ଦେଇ ଦୈନିକ ରାତି ଶହ ଶହ ଗୋରୁଙ୍କୁ ଗାଡ଼ି ଭିତରେ ଅତି ଦୟନୀୟ ଭାବରେ ବାନ୍ଧି କରି ଚାଲାଣ କରଯାଉଥିଲେ ମଧ୍ୟ ଗୋ-



ମାଫିଆଙ୍କ ଟେର୍ ପାଇ ପାରୁନାହିଁ ପାଟଣା ପୁଲିସ। ରବିବାର ବିଳମ୍ବିତ ରାତିରେ ଡବ୍ଲୁବି ୧୩ ୫୫୭୬ ନମ୍ବର ଏକ ଗୋରୁ ବୋଝେଇ ପିକଅପ ଭ୍ୟାନ୍‌କୁ କାଠ ଗାଡ଼ି ଭାବି ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ଏବଂ ବନ କର୍ମଚାରୀ ଗୋଡ଼ାଇ ଗୋଡ଼ାଇ ହଳଦୀବଟା ନିକଟରୁ ଧରି ପୁଲିସର ଜିମା ଦେଇଛନ୍ତି। ଅନ୍ଧାରର ସୁଯୋଗ ନେଇ ମାଫିଆମାନେ ଗାଡିକୁ ଛାଡି ଫେରାର ହୋଇ ଯାଇଥିବା ବେଳେ ଗାଡି ଭିତରୁ ୭ ଗୋରୁ ଉଦ୍ଧାର କରି ଝାରବେଲଦା ଗୋଶାଳାରେ ଛାଡିଛି ପୁଲିସ। ସୂଚନାଯୋଗ୍ୟ, ପୂର୍ବରୁ ୪୯ ନମ୍ବର ଜାତୀୟ ରାଜପଥ ଟୁରୁମୁଙ୍ଗା ଥାନା ଦେଇ ଗୋ-ଚାଲାଣ ହେଉଥିବା ବେଳେ ଟୁରୁମୁଙ୍ଗା ପୁଲିସର ଧରପଗଡ଼ ଯୋଗୁଁ ଗୋରୁ ମାଫିଆମାନେ ରାସ୍ତା ବଦଳାଇ ଢେଙ୍କିକୋଟ ପଟରୁ ପାଟଣା ଓ ସାହାରପଡା ଦେଇ କରଞ୍ଜିଆ ଦେଇ କଲିକତା ଅଞ୍ଚଳକୁ ଚୋରାଚାଲାଣ କରିବାରେ ସକ୍ଷମ ହେଉଥିଲେ। ଏବେ ପାଟଣା ପୁଲିସ ମାଫିଆଙ୍କୁ ଧରିବା ରେ ସକ୍ଷମ ହୋଇ ପାରୁନାହିଁ।

## ଆହତ ହାତୀର ଚିକିତ୍ସା ଆରମ୍ଭ

କେନ୍ଦୁଝର/ତେଲକୋଇ, ୩।୧୧(ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ଅଧୀନ ବିମଳା ଜଙ୍ଗଲରେ ଗୁରୁତର ଆହତ ହୋଇ ପଡ଼ିଥିବା ଏକ ମାଖନା ହାତୀ ଚିକିତ୍ସା ବନ ବିଭାଗ ଆରମ୍ଭ କରିଛି। ୩୪ ଟିକିଆ ହାତୀପଲଙ୍କ ମଧ୍ୟରେ ଥିବା ୬ଟି ଦନ୍ତାହାତୀଙ୍କ ମଧ୍ୟରେ ମାଡ଼ଗୋଳ ସମୟରେ ଏକ ମାଖନା ହାତୀ ଗୁରୁତର ଆହତ ହୋଇଥିଲା। ସେ



ସମୟରେ ଦନ୍ତାହାତୀଙ୍କ ଦାନ୍ତ ଏହି ହାତୀ ଦେହରେ ପଶି ଯାଇ ଦେହସାରା ପୁଜ ଜମି ଯାଇଥିଲା। ଏବେ କିଛି ଦିନ ପୂର୍ବରୁ ପୁନର୍ବାର ଏଭଳି ମାଡ଼ଗୋଳ ହୋଇ ଏହି ମାଖନା ହାତୀ ଅଧିକ ଗୁରୁତର ହୋଇଛି। ଗୁରୁତର ହାତୀର ଶରୀର ଫୁଲିଯାଇଛି। ଧୀରେ ଧୀରେ ଚାଲୁଥିବା ଲକ୍ଷ୍ୟ କରି ବନ ବିଭାଗ ଏହି ହାତୀର ଚିକିତ୍ସା ଆରମ୍ଭ କରିଛି। ଏହି ହାତୀକୁ ଡ଼ାର୍ଟ ଦ୍ୱାରା ଆଣ୍ଟିବାୟୋଟିକ୍ ଭଳି ଔଷଧ ପ୍ରୟୋଗ କରାଯାଇଥିବା ପ୍ରକାଶ କରିଛନ୍ତି ଡିଏଫଓ। ହାତୀ ଉପରେ ଔଷଧ ପ୍ରଭାବ ଲକ୍ଷ୍ୟ କରି ପରବର୍ତ୍ତୀ ସମୟରେ ହାତୀର କିଭଳି ଅଧିକ ଚିକିତ୍ସା କରାଯିବ, ତାହା ସ୍ଥିର କରାଯିବ ବୋଲି କହିଛନ୍ତି ଡିଏଫଓ।

### ପୋତିହୋଇଗଲାଣି ବେଙ୍ଗାନାଳ

## ଶିଳାନ୍ୟାସ ହୋଇଛି; ଖନନ ହେଉନି

କୟାଁଗୋଲା,୩।୧୧(ସମିସ): ଏକଦା ଦଶରଥପୁର ବ୍ଲକର ଚାଷୀଭାଇଙ୍କ ଜୀବନରେଖା ସାଜିଥିବା ବେଙ୍ଗା ନାଳ ଏବେ ଦୁଃଖ ପାଲଟିଛି। ପୁନରୁଦ୍ଧାର ନାଁରେ ଟଙ୍କା ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା; ମାତ୍ର ନାଳ ଅବସ୍ଥା ସୁଧୁରିବା ପରିବର୍ତ୍ତେ



ଅଧିକରୁ ଅଧିକ ବ୍ୟବହାର ଅନୁପଯୋଗୀ ହୋଇପଡୁଛି। ରାଜନେତା ଓ ଚାଷୀ ବିଭିନ୍ନ ସମୟରେ ଜନପ୍ରତିନିଧିଙ୍କୁ ଭେଟି ପ୍ରତିକାର ପାଇଁ ଅବଗତ କରୁଛନ୍ତି। ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ମିଳୁଛି। ମାତ୍ର ବାସ୍ତବରେ ନାଳ ପୂର୍ବ ଭଳି ପଡିରହିଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବିଗତ କିଛି ବର୍ଷ ତଳେ ଏହି ନାଳର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଫଳକ ଲାଗିବା ପରେ ର'ଠ'ରେ ନାଁକୁ ମାତ୍ର ଦଳ ସଫା ହେଲା। ମାତ୍ର ନାଳ ଖନନ କି ସଫେଇ ଠିକଣା ଭାବେ ହେଲାନି। ଫଳରେ ଦିନକୁ ଦିନ ଦଳରେ ଭର୍ତ୍ତି ହୋଇ ବେଙ୍ଗାନାଳ ପୋତିହୋଇଗଲା। ଏବେ ବେଙ୍ଗା ନାଳ ଚାଷୀଙ୍କ କାମରେ ଲାଗୁନି। କେଉଁଠି ପୋତି ହୋଇଗଲାଣି ତ ଅନ୍ୟ କେଉଁଠି ଜବର ଦଖଲ ଯୋଗୁଁ ଉପର ମୁଣ୍ଡରୁ ପାଣି ଆସିବାରେ ବାଧକ ସାଜିଛି। ନାଗ ଫେଣି ଓ କଲକତି ଦଳରେ ନାଳ ଭର୍ତ୍ତି। ପୂର୍ବେ ଏହି ନାଳ ଉପରେ ନିର୍ଭର କରି ଚାଷୀ ପାରମ୍ପରିକ ଧାନ ଫସଲ ସହ ପନିପରିବା ଚାଷ କରି ଗୁଜୁରାଣ ମେଣ୍ଟାଉଥିଲା। ଏହା ସହିତ ଗାଧୁଆପାଧୁଆ, ବାସନ କୁସନ ମଜା, ଗୃହପାଳିତ ପଶୁ ପାଣି ପିଇବାର ମାଧ୍ୟମ ଥିଲା। ଏହା ସହିତ ଏଠାରେ ମଧ୍ୟ ପ୍ରଚୁର ମାଛ ଧରା ଚାଉଥିଲା। ରୋହି, ଭାକୁର, ଶେଉଳ, କରାଣ୍ଡି, କଣ୍ଟିଆ ମାଛ ଧରି ବହୁ ଲୋକ ଉପକୃତ ହେଉଥିଲେ। ଏବେ ସବୁ ବନ୍ଦ। ଦଳ ଭର୍ତ୍ତି ଓ କେତେକ ଜାଗାରେ ପାଣି ନଥିବାରୁ ଜମିକୁ ଜଳସେଚିତ କରାଯାଇପାରୁନାହିଁ। ମାଛ ମିଳୁନି କି ଗୃହପାଳିତ ପଶୁ ଏହାର ଜଳ ବ୍ୟବହାର କରିପାରୁନାହାଁନ୍ତି। ଅଞ୍ଚଳବାସୀ ବ୍ୟବହାର କରିବା ଦଶନ୍ଧି ଦଶନ୍ଧି ଧରି ଏକ ପ୍ରକାର ଭୁଲିଗଲେଣି। ସୁନ୍ଦରୀମୁଁହଠାରୁ ବାହାରି କୁସୁନପୁର ସଫେଇ ନଦୀରେ ମିଶିଥିବା ଏହି ବେଙ୍ଗାନାଳ ଏବେ ଲୋକଙ୍କ ପାଇଁ ଦୁଃଖର କାରଣ ପାଲଟିଛି। ତେବେ ବେଙ୍ଗା ନାଳର ପୂର୍ବାବସ୍ଥା ଫେରି ଆସିଲେ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି।

## ଗଞ୍ଜେଇ ଚୋରା ଚାଲାଣର ଭୂସ୍ୱର୍ଗ ପାଲଟିଛି ମୟୂରଭଞ୍ଜ

### ୧୦ ମାସରେ ୧୧ କ୍ୱିଣ୍ଟାଲ ଜବତ, ୧୩୦ ଗିରଫ

ବାରିପଦା,୩।୧୧(ସମିସ): ଗଞ୍ଜେଇ ଚୋରା ଚାଲାଣର ଭୂସ୍ୱର୍ଗ ପାଲଟିଛି ମୟୂରଭଞ୍ଜ। ଦିନକୁ ଦିନ ଏହି ବେଆଇନ କାରବାର ବୃଦ୍ଧି ପାଉଥିବା ବେଳେ ଅବକାରୀ ଓ ପୁଲିସ ବିଭାଗ ପକ୍ଷରୁ ଚଢଉ ବି ଜାରି ରହିଛି। ତେବେ ଏହି କାରବାରରେ ଅଙ୍କୁଶ ଆସିବା ପରିବର୍ତ୍ତେ ବଢିବାରେ ଲାଗିଛି। ଚଳିତ ବର୍ଷ ୧୦ ମାସରେ ୧୧ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯିବା ସହିତ ୧୩୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ମାଫିଆମାନେ ଧରାନପଡିବା ପାଇଁ ଦିନକୁ ଦିନ ନୂଆ ନୂଆ ଉପାୟରେ ନାମୀଦାମୀ ଗାଡ଼ିରେ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ କରୁଛନ୍ତି। ମୟୂରଭଞ୍ଜ ଜିଲ୍ଲା ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ରାଜ୍ୟର ସୀମାନ୍ତ ହୋଇଥିବା ବେଳେ ଆନ୍ତଃରାଜ୍ୟ ମାଫିଆ ଜିଲ୍ଲାକୁ ସେମାନଙ୍କ ଚୋରାକାରାବାର ହବ୍ ଭାବରେ ବାଛି ନେଲେଣି। ବିଭିନ୍ନ ସ୍ଥାନରେ ପୁଲିସ, ଅବକାରୀ ଓ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ପକ୍ଷରୁ ଚଢଉ କରି ଧରପଗଡ କରିବା ପରେ ଚୋରାଚାଲାଣ ସତ୍ତ୍ୱେ ଅଙ୍କୁଶ ଲାଗୁନି। ଗତ ବୁଧବାର ରାଜ୍ୟ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ କେନ୍ଦୁଝରଠାରୁ ଗୋଡାଇ ଗୋଡାଇ



କରଞ୍ଜିଆରେ ଏକ ସରକାରୀ ସାଇନବୋର୍ଡ ଲଗାଇ ଗଞ୍ଜେଇ ଚୋରାଚାଲାଣ କରୁଥିବା କାରକୁ ଧରିଥିଲେ। କେବଳ ଚଳିତ ବର୍ଷ ଏନଡିପିଏସରେ ୧୯ଟି ମାମଲାରେ ୩୦ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ୫କୁଇଣ୍ଟାଲ ୨୬କିଲୋ ୯୯୦ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା ବେଳେ ଏହାର ମୂଲ୍ୟ ପାଖାପାଖି ୫୦ଲକ୍ଷ ହେବ। ଅପରପକ୍ଷରେ ଅବକାରୀ ବିଭାଗର ଚଳିତ ବର୍ଷ ୨ କୁଇଣ୍ଟାଲ ୮୧କିଲୋ ୮୫ଗ୍ରାମ ଗଞ୍ଜେଇ ଜବତ୍ କରି ୧୦୩ ମାମଲା ରୁଜୁ କରିଥିବା ବେଳେ ୧୦୦ ଜଣଙ୍କୁ ମଧ୍ୟ ଗିରଫ କରିଛି। ବୈଶିଙ୍ଗା, ବେତନଟୀ, ବାରିପଦା ଟାଉନ, କୁଳିଅଣା, ବାରିପଦା ସଦର, ରରୁଆଁ, କରଞ୍ଜିଆ, ଯଶିପୁର, ବିଶୋଇ, ବାଙ୍ଗିରିପୋଷି ଓ ଝାରପୋଖରିଆ ପୁଲିସ ଜାତୀୟ ରାଜପଥରୁ ଗଞ୍ଜେଇ ଗାଡିକୁ ଧରିବାରେ ସଫଳତା ପାଇଛି। ମାଫିଆମାନେ ସାଧାରଣତଃ କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନୂଆପଡା, ଫୁଲବାଣୀ ଓ ବୌଦ୍ଧ ଆଦି ଜିଲ୍ଲାରୁ ଗଞ୍ଜେଇ ଚୋରାରେ ଆଣି ମୟୂରଭଞ୍ଜର ଉପରୋକ୍ତ ଜାତୀୟରାଜପଥରେ ଚୋରାଚାଲାଣ କରୁଛନ୍ତି। ତେବେ ଗଞ୍ଜେଇ ମାଫିଆମାନେ ଧରାନପଡିବା ପାଇଁ ନୂଆ ଉପାୟ ଅବଲମ୍ବନ କରୁଥିବା ବେଳେ ଅବକାରୀ ଓ ପୁଲିସ ବିଭାଗ ସହିତ ରାଜ୍ୟର ସ୍ୱତନ୍ତ୍ର ଏନସିବି ଟିମ୍ ସାଟେଲାଇଟ ଜରିଆରେ ସେମାନଙ୍କ ଯୋଜନା ପଣ୍ଡ କରୁଛନ୍ତି। ଆଗକୁ ଜିଲ୍ଲାରେ ଅବାଧ ଗଞ୍ଜେଇ କାରବାର ବ୍ୟାହତ ପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ଅବକାରୀ ଏସପି ପ୍ରଶାନ୍ତ କହଁର ପ୍ରକାଶ କରିଛନ୍ତି। ଏନେଇ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି କହିଛନ୍ତି ଯେ ଜିଲ୍ଲାରେ କୌଣସି ପ୍ରକାରେ ଅପରାଧୀଙ୍କୁ ପ୍ରଶୟ ଦିଆଯିବ ନାହିଁ। ଅପରାଧୀମାନେ ଅପରାଧ ଘଟାଇବା ପୂର୍ବରୁ ପୁଲିସ ଖବର ପାଇ ଆବଶ୍ୟକ ସ୍ଥଳେ ଗିରଫ କରାଯାଉଛି। ତେବେ ଏହି ଧାରା ଜାରି ରହିବ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମହିଳାମାନେ ଘରକାମରେ ସମୟ ବିତାଇବେ।

**ବୃଷ:** ଦୂରଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିପାରେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିପାରନ୍ତି। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହରେ ସମସ୍ୟା ଆସିପାରେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ମାନସମ୍ମାନ ବୃଦ୍ଧି ପାଇବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।


**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୯ - ମାନବ କମ୍ପ୍ୟୁଟର ଶକୁନ୍ତଳା ଦେବୀଙ୍କ ଜନ୍ମ।
- ୧୯୪୭ - ମେଜର ସୋମନାଥ ଶର୍ମାଙ୍କୁ ମରଣୋତ୍ତର ପରମବୀର ଚକ୍ର ପ୍ରଦାନ କରାଗଲା।
- ୧୯୫୪ - ଦାର୍ଜିଲିଂରେ ହିମାଳୟ ପର୍ବତାରୋହଣ ସଂସ୍ଥାନର ସ୍ଥାପନା।
- ୨୦୦୮ - ଆମେରିକାର ରାଷ୍ଟ୍ରପତି ହେଲେ ବାରାକ୍ ଓବାମା।
- ୨୦୧୫ - ପାକିସ୍ତାନର ଲାହୋରରେ ଏକ କୋଠା ଭୁଶୁଡ଼ି ୪୫ ଜଣଙ୍କ ମୃତ୍ୟୁ ଓ ପାଖାପାଖି ୧୦୦ ଜଣ ଆହତ ହୋଇଥିଲେ।



## 'ରାମାୟଣ' ବିଭୀଷଣ ଭୂମିକାରେ ବିବେକ

ବଲିଉଡ୍‌ରେ ଏବେ ଫିଲ୍ମର କାହାଣୀ ଅପେକ୍ଷା ଏହାର ବଜେଟ୍‌କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ନୀତେଶ ତିୱାରୀଙ୍କ ଫିଲ୍ମ 'ରାମାୟଣ' ସମସ୍ତଙ୍କୁ ପଛରେ ପକାଇ ଦେଇଛି। ୪୦୦୦ କୋଟି ବ୍ୟୟରେ ନିର୍ମିତ ଏହି ଫିଲ୍ମ ଦୁଇଟି ପାର୍ଟରେ ଆସିବ। ଫିଲ୍ମର ବଜେଟ୍ ସହ ଏହାର କଳାକାରଙ୍କୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ରଣବୀର କପୁର, ସାଇପଲ୍ଲବୀ ଓ ୟଶ୍‌ଙ୍କ ବ୍ୟତୀତ ଏଥିରେ କାମ କରୁଥିବା ଅନ୍ୟ ଜଣେ କଳାକାରଙ୍କୁ ନେଇ ଚର୍ଚ୍ଚା ହେଉଛି। ଏହି ଫିଲ୍ମରେ ବିବେକ ଓବରୟ ବିଭୀଷଣ ଭୂମିକାରେ ନଜର ଆସିବେ। ସବୁଠୁ ବଡ଼ କଥା ହେଉଛି, ବିବେକ ଏହି ଫିଲ୍ମ ପାଇଁ ଟଙ୍କାଟିଏ ମଧ୍ୟ ନେବେ ନାହିଁ। ନିକଟରେ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ବିବେକ କହିଛନ୍ତି ଯେ, 'ରାମାୟଣ'ର ପ୍ରଯୋଜକ ନମିତ ମଲହୋତ୍ରାଙ୍କୁ ସେ କୌଣସି ପାରିଶ୍ରମିକ ନେବେ ନାହିଁ ବୋଲି କହିଥିଲେ। ଏହାସହ ସେ ତାଙ୍କର ପାରିଶ୍ରମିକ ବାବଦରେ ମିଳିବାକୁ ଥିବା ସମସ୍ତ ଅର୍ଥ କ୍ୟାନ୍ସର ପୀଡ଼ିତ ପିଲାଙ୍କ ପାଇଁ ଦାନ କରିବାକୁ ନମିତଙ୍କୁ କହିଛନ୍ତି। ବିବେକ ଆହୁରି ମଧ୍ୟ କହିଛନ୍ତି, ''ରାମାୟଣ' ଭାରତୀୟ ସିନେମାକୁ ଅନ୍ତର୍ଜାତୀୟ ସ୍ତରକୁ ନେଇଯିବ। ଏଥିରେ କାମ କରି ବେଶ୍ ଭଲ ଲାଗିଲା।' 'ରାମାୟଣ'ର ଦୁଇଟି ପାର୍ଟ ୨୦୨୬ ଓ ୨୦୨୭ ଦୀପାବଳିରେ ଆସିବ।




## ସର୍ଫିଂରେ ବିଶ୍ୱ ରେକର୍ଡ

ସର୍ଫିଂ ଏକ ଦୁଃସାହିକ କ୍ରୀଡ଼ା ଭାବେ ଜଣାଯାଏ। ଏଥିରେ ଏକ ବୋର୍ଡ ଉପରେ ଛିଡ଼ା ହୋଇ ଲହଡ଼ିକୁ ଅତିକ୍ରମ କରିବାକୁ ହୋଇଥାଏ। ଏହା ହେଉଛି ଏକ ଆନନ୍ଦଦାୟକ ଜଳକ୍ରୀଡ଼ା। ଏଥିପାଇଁ ଜଳ ସହିତ ପବନର ମଧ୍ୟ ଆବଶ୍ୟକତା ରହିଛି। ପାଣି ଭିତରେ ପବନର ବେଗ ଯେତେ ବୃଦ୍ଧି ପାଇବ ସର୍ଫିଂ କରିବାର ମଜା ସେତେ ବଢ଼ିଥାଏ। ଅବଶ୍ୟ ସର୍ଫିଂ ନିର୍ଦ୍ଦିଷ୍ଟ କେତେ ସମୟ ପାଇଁ ହିଁ କରାଯାଇଥାଏ। କାରଣ ଏଥିରେ ବିପଦ ମଧ୍ୟ ଥାଏ। ନିକଟରେ ଅଷ୍ଟ୍ରିଆର ଜଣେ ବ୍ୟକ୍ତି ଅବିରତ ଆଠ ଘଣ୍ଟା ଧରି ସର୍ଫିଂ କରି ବିଶ୍ୱ ରେକର୍ଡ କରିଛନ୍ତି। ମ୍ୟାକ୍ସିମିଲିୟନ ନ୍ୟୁବକ୍ ନାମକ ବ୍ୟକ୍ତି ଏପରି ଦୁଃସାହିକ କାର୍ଯ୍ୟ କରି ଦେଖାଇଛନ୍ତି। ନ୍ୟୁବକ୍ ୮ ଘଣ୍ଟା ୫ ମିନିଟ୍ ୪୪ ସେକେଣ୍ଡ ପର୍ଯ୍ୟନ୍ତ ସର୍ଫିଂ କରିଥିଲେ। ଅଧିକ ସମୟ ଧରି ସର୍ଫିଂ କରିଥିବା ପୁରୁଷ ହିସାବରେ ତାଙ୍କ ନାମ ଗିନିଜ୍ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି। ଅତ୍ୟଧିକ ଥଣ୍ଡା ପରିବେଶରେ ବି ସେ ତାଙ୍କର ସର୍ଫିଂ ଜାରି ରଖିଥିଲେ। ଆଠଘଣ୍ଟା ପରେ ସେ କୂଳକୁ ଫେରିଥିଲେ।

## ସମୁଦ୍ରରୁ ପ୍ଲାଷ୍ଟିକ୍ କଣିକା ସଫା କରିବ ମାଛ

ପ୍ଲାଷ୍ଟିକ୍ ପ୍ରଦୂଷଣ ଏବେ ବୈଶ୍ୱିକସ୍ତରରେ ଚିନ୍ତା ବଢ଼ାଉଛି। ସମୁଦ୍ରରେ ଲୋକେ ପ୍ରତିଦିନ କୁଢ଼ କୁଢ଼ ପ୍ଲାଷ୍ଟିକ୍ ଫିଙ୍ଗୁଛନ୍ତି। ସମୁଦ୍ରର ପ୍ଲାଷ୍ଟିକ୍ ଆବର୍ଜନାକୁ ମୁକ୍ତ କରିବାକୁ ଚୀନ୍, ସିଚୁଆନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ମାଛ ବିକଶିତ କରିଛନ୍ତି। ଏହି ମାଛଟି ପ୍ରକୃତରେ ଏକ ରୋବଟ୍ ମାଛ। ସ୍ୱୟଂଚାଳିତ ଏହି ରୋବଟ୍ ମାଛଟି ସମୁଦ୍ର ପାଣିରେ ଭାସି ଭାସି ତା'ର ଶରୀରରେ କ୍ଷୁଦ୍ର ପ୍ଲାଷ୍ଟିକ୍ କଣିକାକୁ ଶୋଷିନେବ। ମାଛଟି ମାତ୍ର ୧୩ ମିଲିମିଟର ଲମ୍ବା। ଏହା ତା'ର ଲାଞ୍ଜରେ ଲଗାଯାଇଥିବା ଲେଜର ପ୍ରଣାଳୀ ସାହାଯ୍ୟରେ ପାଖାପାଖି ୩୦ ମିଲିମିଟର ପ୍ରତି ସେକେଣ୍ଡ ଗତିରେ ପହଁରିପାରେ। ରୋବୋଟ୍ ମାଛକୁ ଏପରି ତିଆରି କରାଯାଇଛି ଯେ, ଏହା ୫ କେଜି ଓଜନର ଜିନିଷକୁ ବି ଟାଣିପାରେ। ବୈଜ୍ଞାନିକଙ୍କ କହିବାନୁସାରେ, ଏହି ମାଛଟି ଭବିଷ୍ୟତରେ ସମୁଦ୍ରଗୁଡ଼ିକରୁ ମାଇକ୍ରୋପ୍ଲାଷ୍ଟିକ୍‌କୁ ସହଜରେ ସଫା କରିପାରିବ। ଯଦି ପାଣି ଭିତରେ ଏହି ରୋବଟ୍ ମାଛଟି କୌଣସି କାରଣବଶତଃ କ୍ଷତିଗ୍ରସ୍ତ ହୁଏ ତାହେଲେ ଏହା ନିଜକୁ ଠିକ୍ ମଧ୍ୟ କରିପାରିବ। ବର୍ତ୍ତମାନ ଏହା ପ୍ରାରମ୍ଭିକ ସ୍ତରରେ ଅଛି। ଏହା ପ୍ରସ୍ତୁତ ହେବା ପରେ ରୋବଟ୍ ମାଛକୁ ସାଗର ଓ ମହାସାଗରରୁ ମାଇକ୍ରୋପ୍ଲାଷ୍ଟିକ୍ ସଫା କରିବାକୁ ବ୍ୟବହାର କରାଯାଇପାରିବ।



## ଗାଁରେ ଲ୍ୟାଣ୍ଡରୋଭର

ପ୍ରତ୍ୟେକ ଗାଁ'ର ପରମ୍ପରା ଓ ସଂସ୍କୃତି ଭିନ୍ନ ଭିନ୍ନ ହୋଇଥାଏ। ତନ୍ମଧ୍ୟରୁ କିଛି ଗାଁ ନିଜର ସ୍ୱତନ୍ତ୍ରତା ପାଇଁ ପ୍ରସିଦ୍ଧି ଲାଭ କରିଥାଏ। ଏମିତି ଏକ ଗାଁ ହେଉଛି ପଶ୍ଚିମବଙ୍ଗର ମାନେଭଜ୍ୟାଙ୍ଗ। ଏହି ଗାଁଟି ଭାରତ ଓ ନେପାଳ ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ଏହା ଦାର୍ଜିଲିଂରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ। ମାନେଭଜ୍ୟାଙ୍ଗ ଗାଁର ସ୍ୱତନ୍ତ୍ରତା ହେଉଛି ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ହେବ ଏଠାକାର ଲୋକଙ୍କ ଜୀବନରେ ଲ୍ୟାଣ୍ଡରୋଭର ଏକ ଅଂଶ ପାଲଟିଯାଇଛି। ଏଠାକାର ଲୋକେ ଟ୍ୟାକ୍ସି ଭଳି ଏହାକୁ ବ୍ୟବହାର କରନ୍ତି। ଗାଁର ପ୍ରତ୍ୟେକ ଘର ସମ୍ମୁଖରେ ଏହି ଗାଡ଼ି ଠିଆ ହୋଇଥିବାର ଦେଖିବାକୁ ମିଳିବ। ବ୍ରିଟିଶ ଶାସନ ସମୟରେ ଇଂରେଜମାନେ ଏହି ଗାଡ଼ି ଏଠାକୁ ଆଣିଥିଲେ। ଦେଶ ସ୍ୱାଧୀନ ହେବା ପରେ ଇଂରେଜମାନେ ଏହି ଗାଡ଼ିଗୁଡ଼ିକୁ ସ୍ଥାନୀୟ ଲୋକଙ୍କୁ ଦେଇ ଯାଇଥିଲେ। ଅପରପକ୍ଷରେ ଏହି ଅଞ୍ଚଳ ପାହାଡ଼ିଆ ହୋଇଥିବାରୁ ଏଠାରେ ଆଧୁନିକ ଯାନବାହନ ଚଳାଚଳ ସମ୍ଭବ ନୁହେଁ। ତେଣୁ ପାହାଡ଼ିଆ ରାସ୍ତା ପାଇଁ ଲ୍ୟାଣ୍ଡରୋଭର ବାହନ ଏକ ସାଧନ। ଯଦି ଏବେ ଏହି ଗାଡ଼ିଗୁଡ଼ିକୁ ନିଲାମ କରାଯାଏ ଏହା ଲକ୍ଷାଧିକ ଟଙ୍କାରେ ବିକ୍ରି କରାଯାଇପାରିବ। ଏହା ଆଜି ବି ସ୍ଥାନୀୟ ଲୋକଙ୍କର ସଂସ୍କୃତି ଏବଂ ଅର୍ଥବ୍ୟବସ୍ଥାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶବିଶେଷ।





# ସୁବର୍ଣ୍ଣା

## ଆଳୁର ସହଫସଲ

**ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଗ୍ରାମାଞ୍ଚଳର ଅଧିକାଂଶ ଲୋକ ଧାନ ଚାଷ ସହିତ ପନିପରିବା ଯଥା ଆଳୁ ଚାଷ କରୁଛନ୍ତି। ଆଳୁ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଅଧିକ ଉର୍ବରଯୁକ୍ତ ମାଟିରେ ଏହି ଚାଷ ଭଲ ହୋଇଥାଏ। ଅଧୁନା ଚାଷୀଭାଇମାନେ ଆଳୁ ଫସଲ ସହିତ ସହଫସଲ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ସେମାନଙ୍କ ଆୟ ଦ୍ୱିଗୁଣିତ ହୋଇ ପାରୁଛି।**



ଚାଷୀମାନେ ଆଳୁ ସହିତ ମୂଳା, ଗାଜର, ଶାଗ, ଶାଲଗମ ଆଦି ଚାଷ କରୁଛନ୍ତି। ଏଥିପାଇଁ ପ୍ରଥମେ ଜମିକୁ ତିନିରୁ ଚାରିଥର ଗଭୀର ଚାଷ କରାଯାଏ। ଏହାପରେ ସିଆର କରି ଖତ ଓ ରାସାୟନିକ ସାର ଦେଇ ଆଳୁ ଲଗାଯାଏ। ସମାନ ସମୟରେ ସଠିକ ଦୂରତ୍ୱ ଏବଂ ଗଭୀର ଅବଲମ୍ବନ କରି ମୂଳା, ଗାଜର ଓ ଶାଗ ଆଦି ଲଗାଇ ପାରିବେ। ଏହି ଫସଲ ଆଳୁ ଫସଲକୁ ପ୍ରଭାବିତ କରେ ନାହିଁ।

**ଆଳୁ ପଟାଳିରେ ଧନିଆ ଚାଷ:** ଆଳୁ ପଟାଳି ଚାରିପାଖରେ ଧନିଆ ଲଗାଇବା ଉତ୍ତମ ବିକଳ୍ପ। ଧନିଆ ପତ୍ର ଓ ମଞ୍ଜି ବିକ୍ରି କରି ଚାଷୀ ଲାଭ ପାଆନ୍ତି। ପଟାଳିରେ ଧନିଆ ଲଗାଇଲେ ଏହାର ସୁଗନ୍ଧରେ ବୁଲା ପ୍ରାଣୀଙ୍କ କବଳରୁ ଫସଲକୁ ସୁରକ୍ଷା ମିଳିପାରେ। ଏହା ପ୍ରାକୃତିକ ବାଡ଼ ପରି କାମ କରେ। ଶ୍ରମ ଲାଘବ ସହିତ ଖର୍ଚ୍ଚ କମ୍ ହୁଏ।

ଏହି ପଦ୍ଧତିରେ ଚାଷ କରିବା ଦ୍ୱାରା ମାଟିର ଉର୍ବରଶକ୍ତି ବଢ଼େ। ମୂଳା, ଗାଜର ଏବଂ ଶାଗ ଚାଷ ଦ୍ୱାରା ମାଟିରେ ବାୟୁଚଳାଚଳ ସହଜ ହୋଇପାରେ। ଧନିଆଗଛ ମାଟିର ପୋଷକତତ୍ତ୍ୱ ଉପଯୋଗରେ ବିବିଧତା ଆଣେ। ମାଟିର ଉର୍ବରତା ବଜାୟ ରହେ। ସହଫସଲ ଫସଲ ବୀମା ପରି ସାହାଯ୍ୟ କରେ। କୌଣସି କାରଣବଶତଃ ଆଳୁ ଫସଲ ନଷ୍ଟ ହେଲେ, ଚାଷୀ ମୂଳା, ଗାଜର ଏବଂ ଧଣିଆ ବିକ୍ରି କରି ଲାଭ ପାଇପାରନ୍ତି।

## ବାଦାମ ଅମଳଯନ୍ତ୍ର



ବାଦାମ ଏକ ଅର୍ଥକରୀ ଫସଲ। ଅଧିକାଂଶ ଚାଷୀ ପନିପରିବା ସହିତ ବାଦାମ ଚାଷ କରିଥାନ୍ତି। ଯେଉଁମାନେ ଖରିଫ ଋତୁରେ ବାଦାମ ଚାଷ କରିଥିଲେ, ଏବେ ବାଦାମର ଅମଳ ସମୟ। ତେବେ ବାଦାମ ଚାଷରେ ସବୁଠୁ କଠିନ କାମ ହେଉଛି, ଗଛରୁ ମଞ୍ଜିକୁ ଅଲଗା କରିବା। ଏହି କାମ ମୁଖ୍ୟତଃ ଚାଷୀମାନେ ହାତରେ କରିଥାନ୍ତି। ଏଥିରେ ଅଧିକ ଶ୍ରମ ଦରକାର ପଡ଼େ। ଆଙ୍ଗୁଠି ଉପରେ ଚାପ ପଡ଼େ। ତେଣୁ କମ୍ ସମୟ ଓ ସୁବିଧାରେ ଅଧିକ ଅମଳ କରିବାକୁ ଏବେ ବାଦାମର ଅମଳ ଯନ୍ତ୍ର (ଥ୍ରେସର), ଉପଲବ୍ଧ ରହିଛି। ଏହା ବିଦ୍ୟୁତ, ଟ୍ରାକ୍ଟର କିମ୍ବା ପାୱାରଟିଲର ଦ୍ୱାରା ପରିଚାଳିତ ହୋଇଥାଏ। ଏହି ବାଦାମ ଅମଳ ଯନ୍ତ୍ରଟିରେ ଗୋଟିଏ କଣ୍ଟାଯୁକ୍ତ ଅବତଳ ରହିଥାଏ। ଅବତଳଟି ଘୂରିବା ସମୟରେ ବାଦାମର ଗଛରୁ ବାଦାମକୁ ଅଲଗା କରିଥାଏ। ତା ସହିତ ବାଦାମକୁ ସଫା କରି ସଂଗ୍ରହ କରାଯାଇଥାଏ। ତେବେ ଖୁସିର କଥା, ଓୟୁଏଟିରେ ଧାନ ଓ ବାଦାମ ଅମଳ ପାଇଁ ସୌରଚାଳିତ ଅମଳଯନ୍ତ୍ର ଉଦ୍ଭାବନ କରାଯାଇଛି। ଚାଷୀମାନେ ପ୍ରତି ବ୍ଲକ୍‌ରେ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରି ଏହି ଯନ୍ତ୍ର ବିଷୟରେ ସବିଶେଷ ଜ୍ଞାନ ପାଇପାରିବେ। ଏହାସହ ସେମାନେ ସବସିଡ୍ ମୂଲ୍ୟରେ ଯନ୍ତ୍ରଟି କିଣି ପାରିବେ।

## ଆମେରିକା ଛାଡ଼ି ଚାକିରି ଛାଡ଼ି ଗାଁରେ ଚାଷ

**ଆମେରିକା, କାଲିଫର୍ଣ୍ଣିଆର ସିଲିକନ୍ ଭ୍ୟାଲିରେ ସେମାନେ ଚାକିରି କରୁଥିଲେ। ମାସକୁ ଲକ୍ଷାଧିକ ଟଙ୍କା ଥିଲା ତାଙ୍କର ଦରମା। ନିଜ ଭିଟାମାଟିରେ ଜୈବିକ ଚାଷ କରିବାକୁ ସେମାନେ ଭାରତ ଫେରି ଆସିଲେ। ଗୁଜୁରାଟ, ନଡ଼ିୟାଦ ସହରର ବିବେକ ଶାହ ଏବଂ ତାଙ୍କ ପତ୍ନୀ ବୃନ୍ଦା ଶାହ ଏବେ ବିଭିନ୍ନ ଚାଷ ସହିତ ଲୋକଙ୍କୁ ଚାଷ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ବାଣ୍ଟି ଉଦାହରଣ ସୃଷ୍ଟି କରିଛନ୍ତି।**

ଏହି ଦମ୍ପତିଙ୍କର ୧୦ ଏକର ଜମି ରହିଛି। ଜୈବିକ ଚାଷ କରିବାକୁ ଚିନ୍ତା କରି ପ୍ରଥମେ ସେମାନେ କୃଷି ସମ୍ପର୍କିତ କୋର୍ସ କରିଲେ। କୋର୍ସ ଶେଷ କରି ଜମିରେ ବାଜରା, ଗହମ, ଆଳୁ, କଦଳୀ, ଅମୃତଭଣ୍ଡା, ଜାମୁକୋଳି, ଧଣିଆ ଚାଷ ଆରମ୍ଭ କରିଥିଲେ। ଫସଲରେ ପାଣିର ଅଭାବ ଦୂର କରିବାକୁ ଜମିରେ ପୋଖରୀ ଖୋଳିଛନ୍ତି। ପୋଖରୀ ହୁଡାରେ ମଧ୍ୟ ସେମାନେ କିଛି ଗଛ ଲଗାଇଛନ୍ତି। ୨୦ ହଜାର ଲିଟରର ଜଳ ଅମଳ ପ୍ରଣାଳୀ ରହିଛି। ଫଳରେ ଜମିରେ ଦୀର୍ଘ ସମୟ ଧରି ଜଳ ଯୋଗାଣର ସମସ୍ୟା ରହୁନାହିଁ। ଫସଲରେ ରୋଗପୋକ ଦୂର ପାଇଁ ଅନ୍ତଃଫସଲ ଏବଂ ବିବିଧ ଫସଲ କୌଶଳକୁ ଆପଣାଇଛନ୍ତି। ଚାଷରେ ଜୈବିକ ଖତ ବ୍ୟବହାର କରନ୍ତି। ତୁଳସୀ ଏବଂ ଲେମନଗ୍ରାସ୍ ଚାଷରୁ ମଧ୍ୟ ସେମାନେ ଲାଭ ପାଉଛନ୍ତି। ମିଶ୍ରିତ ଚାଷରୁ ସେମାନଙ୍କ ଆୟ କେବଳ ବୃଦ୍ଧି ପାଇଛି ତାହା ନୁହେଁ, ସେମାନେ ଲୋକଙ୍କୁ ରୋଷେଇଶାଳା ବଗିଚା ବିଷୟରେ ଜ୍ଞାନ ମଧ୍ୟ ବାଣ୍ଟୁଛନ୍ତି।





## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଏବଂ ଶସ୍ୟଜାତୀୟ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି ତେଣୁ ଶୃଙ୍ଖଳା ପାଗ ଦେଖି ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ ଓ ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ଉଚ୍ଚ –ମଧ୍ୟମ ଜମିରେ ମାଟିରେ ବତର ଦେଖି ରବି ଫସଲ ଯଥା ମୁଗ, ବିରି, ଝୁଡ଼ଙ୍ଗ, ମଟର, ଚିନାବାଦାମ, ରାଶି ଏବଂ ସୂର୍ଯ୍ୟମୁଖୀ ଚାଷ କରନ୍ତୁ।
- ମକାର ଉପର ଚୋପା ହଳଦିଆରୁ ବାଦାମି ରଙ୍ଗର ହୋଇ ଶୁଖିବା ପରେ ଅମଳ କରନ୍ତୁ।
- ଆଖୁରେ ନାଲିଶଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଏବଂ ମାଙ୍କୋଜେବର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## କୁକୁଡ଼ାଙ୍କୁ ମାରେକ୍ସ ରୋଗ



ଆମ ରାଜ୍ୟର ଅଧିକାଂଶ ଲୋକ କୁକୁଡ଼ା ପାଳନ କରୁଛନ୍ତି। କୁକୁଡା ପାଳନରେ ସେମାନଙ୍କର ଯତ୍ନ ନେବାର ଆବଶ୍ୟକତା ଅଧିକ ରହିଥାଏ। କାରଣ ବିଭିନ୍ନ ସମୟରେ କୁକୁଡ଼ାଙ୍କୁ ହେଉଥିବା ରୋଗ ଦ୍ୱାରା ଚାଷୀଭାଇଙ୍କୁ କ୍ଷତି ସହିବାକୁ ପଡ଼ିପାରେ। ତେବେ କୁକୁଡ଼ାଙ୍କୁ ମାରେକ୍ସ ରୋଗ ହେଲେ, ସେମାନଙ୍କଠାରେ ପକ୍ଷାଘାତ ଭଳି ଲକ୍ଷଣ ଦେଖାଯାଏ। କୁକୁଡ଼ା ଡେଣା, ଗୋଡ ମେଲାଇ ପଡ଼ିଯାଆନ୍ତି। ସେମାନେ ମୃତ୍ୟୁ ବରଣ କରନ୍ତି। ଏହା ଏକ ଭୂତାଣୁ ଜନିତ ରୋଗ। ରୋଗାକ୍ରାନ୍ତ କୁକୁଡାଠାରୁ ଅନ୍ୟ କୁକୁଡ଼ାଙ୍କୁ ଏହା ସହଜରେ ବ୍ୟାପିପାରେ। ବିଶେଷ କରି ଏହି ରୋଗର ନିର୍ଦ୍ଦିଷ୍ଟ ଉପଚାର ନାହିଁ। କେବଳ ଟିକାକରଣ ସୁବିଧା ରହିଛି। ତେଣୁ ଫାର୍ମରେ ଦିନିକିଆ ଚିଆଁଙ୍କୁ ସକାଳେ କିମ୍ବା ସନ୍ଧ୍ୟାରେ ଟିକା ଦିଆଯାଇଥାଏ। ଏହାକୁ ଚିଆଁଟିର ମୁଣ୍ଡର ଚର୍ମତଳେ ୦.୨ ମିଲି ମାତ୍ରାରେ ଦିଆଯାଇଥାଏ। ସାଧାରଣତଃ ଏହି ଟିକା ଫାର୍ମରେ ଦିଆଯାଇଥାଏ। ଯଦି ଫାର୍ମରେ ଟିକା ଦିଆଯାଇନଥାଏ, ଚାଷୀଭାଇ ନିଜେ ଟିକାକରଣ କରିପାରିବେ। କୁକୁଡାଙ୍କୁ ଏହା ଜୀବନବ୍ୟାପି ରୋଗ ପ୍ରତିରୋଧକ ଶକ୍ତି ଯୋଗାଇଥାଏ।

# ମହିଳା କ୍ରିକେଟ ଦଳକୁ ୫୧ କୋଟି ଟଙ୍କା ପୁରସ୍କାର

ନୂଆଦିଲ୍ଲୀ,୩।୧୧(ଏଜେନ୍ସି)



ଦକ୍ଷିଣ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ଭାରତୀୟ ମହିଳା କ୍ରିକେଟ ଦଳ ଦିନିକିଆ ବିଶ୍ୱକପ୍ କ୍ରିକେଟ ଚାମ୍ପିଅନ ହୋଇଛି। ମହିଳା କ୍ରିକେଟର ଯେ କୌଣସି ଫର୍ମାଟ କିମ୍ବା ଆଇସିସି ଦ୍ୱାରା ଖେଳାଯାଉଥିବା ଯେ କୌଣସି ଟୁର୍ଣ୍ଣାମେଣ୍ଟରେ ଏହା ଭାରତର ପ୍ରଥମ ଟାଇଟଲ। ଏହି ଟାଇଟଲ ଜିତିବାରେ କେବଳ ଭାରତୀୟ କ୍ରିକେଟ ଖେଳାଳି କିମ୍ବା କର୍ମକର୍ତ୍ତା ନୁହଁନ୍ତି, ବରଂ କ୍ରୀଡ଼ାପ୍ରେମୀ ଭାରତୀୟ ଖୁସି ହେବା ସହ ଗର୍ବ ଅନୁଭବ କରୁଛନ୍ତି। ଖେଳାଳିମାନେ ଯେପରି ଦେଶକୁ ଗର୍ବିତ କରିଛନ୍ତି, ଠିକ୍ ସେହିପରି ଦେଶବାସୀ ସେମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଯାଏ ଭାରତୀୟ ମହିଳାଙ୍କ ଏହି ଉତ୍‌ଥାନରେ ଆନନ୍ଦ ପ୍ରକାଶ କରିଛନ୍ତି। ଏହି ଐତିହାସିକ, ଯୁଗାନ୍ତକାରୀ, ସୁଦୂରପ୍ରସାରୀ ଓ ସ୍ମରଣୀୟ ସଫଳତା ଲାଗି ଭାରତୀୟ କ୍ରିକେଟ ଦଳକୁ ବିଶ୍ୱର ସର୍ବୋଚ୍ଚ କ୍ରିକେଟ ସଂଗଠନ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ୫୧ କୋଟି ଟଙ୍କା ପ୍ରୋତ୍ସାହନ ରାଶଶି ପ୍ରଦାନ କରିବାକୁ ଘୋଷଣା କରିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏ ସମ୍ପର୍କରେ ଘୋଷଣା କରି କହନ୍ତି, ଏହି ପୁରସ୍କାର ରାଶି ସମସ୍ତ ଖେଳାଳି, ସପୋର୍ଟ ଷ୍ଟାଫ୍ ଓ ସିଲେକ୍ଟରଙ୍କୁ ଦିଆଯିବ। କିଏ କେତେ ଟଙ୍କା ପାଇବେ ତାହା ଘୋଷଣା କରାଯାଇ ନ ଥିଲେ ମଧ୍ୟ ଜଣେ ଖେଳାଳି ୨.୫ରୁ ୩ କୋଟି ଓ ସପୋର୍ଟ ଷ୍ଟାଫ୍ ୨୫ରୁ ୩୦ ଲକ୍ଷ ଲେଖାଏଁ ଟଙ୍କା ପଇବେ ବୋଲି ଆକଳନ କରାଯାଉଛି। କ୍ରିକେଟ ଖେଳର ଉନ୍ନତି ଲାଗି ବିସିସିଆଇ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ସେ କହିଛନ୍ତି। ପୂର୍ବରୁ ପୁରୁଷଙ୍କ ଭଳି ମହିଳାଙ୍କୁ ସମାନ ମ୍ୟାଚ୍ ଫି ଦେବାକୁ ପୂର୍ବତନ ସମ୍ପାଦକ ତଥା ବର୍ତ୍ତମାନର ଆଇସିସି ଅଧ୍ୟକ୍ଷ ଘୋଷଣା କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। କିନ୍ତୁ ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ପୁରୁଷଙ୍କ ଭଳି ମହିଳାଙ୍କୁ ସମାନ ପୁରସ୍କାର ଦେବାକୁ ସେ ଯେଉଁ ଘୋଷଣା କରିଥିଲେ ତାହା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଫଳିତ ହୋଇଛି।

ମହିଳା ଦିନିକିଆ ବିଶ୍ୱକପ୍‌ରେ ଏଥର ପୁରସ୍କାର ରାଶିକୁ ୧୩.୮୮ ନିୟୁତ ଡଲାର ବା ପାଖାପାଖି ୧୨୩ କୋଟିକୁ ବୃଦ୍ଧି କରାଯାଇଛି। ଯାହାକି ନ୍ୟୁଜିଲାଣ୍ଡରେ ଖେଳାଯାଇଥିବା ୨୦୨୨ ବିଶ୍ୱକପ୍‌ଠାରୁ ପାଖାପାଖି ୪ ଗୁଣା ଅଧିକ। ଏହି ରାଶି ମଧ୍ୟ ୨୦୨୩ ପୁରୁଷ ବିଶ୍ୱକପ୍ ରାଶିଠାରୁ ଅଧିକ। ୨୦୨୩ ପୁରୁଷ ବିଶ୍ୱକପ୍‌ରେ ୧୦ ନିୟୁତ ଡଲାର ବା ପାଖାପାଖି ୮୯ କୋଟି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ରାଶି ବୃଦ୍ଧି ହେବା ଫଳରେ ଏଥର ଚାମ୍ପିଅନ ଭାରତକୁ ପାଖାପାଖି ୪୦ କୋଟି ଓ ରନର୍ସଅପ୍ ଦକ୍ଷିଣ ଆଫ୍ରିକାକୁ ୨୦ କୋଟି ଟଙ୍କାର ପୁରସ୍କାର ଦିଆଯାଇଛି। ଏଥର ସେମିଫାଇନାଲରେ ପରାଜିତ ଦୁଇ ଦଳକୁ ପାଖାପାଖି ୧୦ କୋଟି ଲେଖାଏଁ ଟଙ୍କା ମିଳିଛି। ୨୦୨୨ରେ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୧୨ କୋଟି ଟଙ୍କା ମିଳିଥିଲା। ଏଣୁ ଏଥର ପୁରସ୍କାର ରାଶି କେତେ ପରିମାଣରେ ବୃଦ୍ଧି ପାଇଛି ତାହା ଏଥିରୁ ସ୍ପଷ୍ଟ ହେଉଛି। ସୂଚନାଯୋଗ୍ୟ ଗତକାଲି ବା ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୫୨ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ପ୍ରଥମ ଚାମ୍ପିଅନ ହୋଇଥିଲା। ୧୩ତମ ସଂସ୍କରଣ ପରେ ଭାରତ ତୃତୀୟଥର ଫାଇନାଲରେ ପ୍ରବେଶ କରି ପ୍ରଥମଥର ଟାଇଟଲ ଜିତିଥିଲା। ଫାଇନାଲରେ ଶେଫାଳି ବର୍ମା ୮୭ ରନ୍ କରିବା ସହ ୨ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନ୍ୟତମ ଖେଳାଳି ଦୀପ୍ତି ଶର୍ମା ୫୮ ରନ୍ କରିବା ସହ ୫ଟି ୱିକେଟ ନେଇ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୧୫ ରନ୍ କରିବା ସହ ୨୨ଟି ୱିକେଟ ନେଇଥିବା ଦୀପ୍ତି ଶର୍ମାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଆଇସିସି ଓ ବିସିସିଆଇ ବ୍ୟତୀତ ବିଭିନ୍ନ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିମାନଙ୍କୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରସ୍କୃତ କରାଯିବାକୁ ଘୋଷଣା କରାଯାଇଛି। ଦଳର ଫାଷ୍ଟ ବୋଲର ରେଣୁକା ସିଂଙ୍କୁ ତାଙ୍କ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ମଧ୍ୟ ଘୋଷଣା କରାଯାଇଛି। ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ରେଣୁକାଙ୍କୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି। ସେହିପରି ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ନିଜ ରାଜ୍ୟର ଖେଳାଳି ତଥା ଅନ୍ୟତମ ଫାଷ୍ଟ ବୋଲର କ୍ରାନ୍ତି ଗୌଡାଙ୍କୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି।

## ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ଖେଳାଳି

ବିଶ୍ୱବିଜୟିନୀ ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳିମାନେ ବୁଧବାର ବା ନଭେମ୍ବର ୫ରେ ପ୍ରଧାନମନ୍ତ୍ରୀ ସମସ୍ତ ଖେଳାଳି ଓ କୋଚ୍‌ଙ୍କୁ ଭେଟିବେ ବୋଲି ଜଣାଯାଇଛି। ଏ ସମ୍ପର୍କରେ ପିଏମ୍‌ଓ ବା ପ୍ରଧାନମନ୍ତ୍ରୀଙ୍କ ଅଫିସ ପକ୍ଷରୁ ବିସିସିଆଇକୁ ନିମନ୍ତ୍ରଣ କରାଯାଇଛି। ବିଶ୍ୱକପ୍ ଜିତିବା ପରେ ଖେଳାଳିମାନେ ଏବେ ମୁମ୍ବଇରେ ଅବସ୍ଥାନ କରୁଛନ୍ତି। ସେମାନେ ଆସନ୍ତାକାଲି ବା ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନୂଆଦିଲ୍ଲୀରେ ପହଞ୍ଚିବେ ବୋଲି ଆଶା କରାଯାଉଛି। ମଙ୍ଗବାର ସେମାନେ ଦିଲ୍ଲୀରେ ରହିବେ ଓ ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ବୋଲି ସ୍ଥିର ହୋଇଛି। ଏହା ପରେ ଖେଳାଳିମାନେ ନିଜ ନିଜ ରାଜ୍ୟକୁ ଫେରିଯିବେ। ଏହା ମଧ୍ୟରେ ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କ ବିବାହ ଏହା ମଧ୍ୟରେ ଅନୁଷ୍ଠିତ ହେବ। ସେ ମଧ୍ୟପ୍ରଦେଶ ଇନ୍ଦୋରର ସଂଗୀତଜ୍ଞ ପଲାଶଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବେ।

## ବିଶ୍ୱ ଚାମ୍ପିଅନଙ୍କ ଦ୍ରୋଣ 'ଅନମୋଲ୍'



ମୁମ୍ବଇ : ଭାରତ ପକ୍ଷରୁ କେବେ ମଧ୍ୟ ଖେଳିବାର ସୁଯୋଗ ପାଇ ନ ଥିଲେ। କେବଳ ଘରୋଇ କ୍ରିକେଟ୍‌ରେ ସୀମିତ ରହିଯାଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ୧୭୧ ଓ ଲିଷ୍ଟ-ଏ'ରେ ୧୧୩ ମ୍ୟାଚ୍ ଖେଳିବାର ରହିଥିଲା ଅଭିଜ୍ଞତା। ଜୀବନରେ ଭାରତୀୟ ଦଳର ନୀଳ ଜର୍ସି ପରିଧାନ କରିବାର ସ୍ୱପ୍ନ ଅଧୁରା ରହିଯାଇଥିଲେ ମଧ୍ୟ ଏବେ ସେ ପାଲଟିଯାଇଛନ୍ତି ଜାତୀୟ ହିରୋ। ଭାରତୀୟ ମହିଳା କ୍ରିକେଟ୍ ଦଳକୁ ସର୍ବପ୍ରଥମ ବିଶ୍ୱକପ୍ ଟ୍ରଫି ଜିତାଇ ରାତାରାତି ଚର୍ଚ୍ଚାର ପରିସରକୁ ଆସିଛନ୍ତି ଅନମୋଲ୍ ମଜୁମଦାର। ଗତକାଲି ନଭି ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ପରାସ୍ତ କରି ଭାରତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଦୀର୍ଘ ପାଞ୍ଚ ଦଶନ୍ଧିର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ଦଳକୁ ଏହି ବିଶ୍ୱବିଜୟିନୀ ଟୀକା ପିନ୍ଧାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମୁଖ୍ୟ ପ୍ରଶିକ୍ଷକ ୫୦ ବର୍ଷୀୟ ଅନମୋଲ୍। ତାଙ୍କୁ ଏବେ 'ଗୁରୁଦ୍ରୋଣ' ଭାବେ ଆଖ୍ୟା ଦିଆଯାଇଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଅନମୋଲଙ୍କୁ ବଲିଉଡ୍ ଫିଲ୍ମ 'ଚକ୍ ଦେ ଇଣ୍ଡିଆ'ର ହକି କୋଚ୍ କବୀର ଖାନଙ୍କ ସହ ତୁଳନା କରାଯାଇଛି। ଭାରତ ଚାମ୍ପିଅନ ହେବାପରେ ଅଧିନାୟିକା ହରମନପ୍ରୀତ୍ କୌର ପଡ଼ିଆ ମଧ୍ୟରେ ଅନମୋଲ୍‌ଙ୍କ ପାଦ ଛୁଇଁ ଭାବବିହ୍ୱଳ ହୋଇ କାନ୍ଦି ପକାଇବାର ଦୃଶ୍ୟ କ୍ରିକେଟପ୍ରେମୀଙ୍କ ଆଖିରେ ଲୁହ ଆଣିଦେଇଥିଲା।

ମୁମ୍ବଇ ଜନ୍ମିତ ଅନମୋଲ୍ ପ୍ରଥମଶ୍ରେଣୀରେ ୩୦ ଶତକ ସହ ୧୧,୧୬୭ ରନ ଓ ଲିଷ୍ଟ-ଏ'ରେ ୩୨୮୬ ରନ ସଂଗ୍ରହ କରିଛନ୍ତି। ଘରୋଇ କ୍ରିକେଟ୍‌ରେ ସେ ଜଣେ ଦକ୍ଷ ବ୍ୟାଟର୍ ଭାବେ ବିବେଚିତ ହେଉଥିଲେ। କିନ୍ତୁ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ୍, ଭିଭିଏସ୍ ଲକ୍ଷ୍ମଣ ଓ ସୌରଭ ଗାଙ୍ଗୁଲିଙ୍କ ଭଳି ମହାନ ବ୍ୟାଟରଙ୍କ ସମୟରେ ଖେଳିବା ତାଙ୍କ ପାଇଁ ଅଭିଶପ୍ତ ସଦୃଶ ହୋଇଥିଲା। ଯେଉଁଥି ପାଇଁ ଘରୋଇ କ୍ରିକେଟରେ ଏତେ ଭଲ ପ୍ରଦର୍ଶନ ସତ୍ତ୍ୱେ ସେ ଭାରତୀୟ ଦଳରୁ ଖେଳିବାର ସୁଯୋଗ ପାଇପାରି ନ ଥିଲେ। କିନ୍ତୁ ଅବସର ପରେ କୋଚ୍ ଭାବେ ସେ ଯେଉଁ ସଫଳତା ଏବେ ପାଇଛନ୍ତି ତାହା ତାଙ୍କର ଭାରତୀୟ ଦଳରୁ ଖେଳି ନ ପାରିବାର ଅଧୁରା ସ୍ୱପ୍ନକୁ ପୂରଣ କରିପାରିଥିବା କୁହାଯାଉଛି।

## ହୀରା ଗହଣା ଓ ସୋଲାର ପ୍ୟାନେଲ ଦେବେ ଶିଳ୍ପପତି

ଚାମ୍ପିଅନ ଭାରତୀୟ ଖେଳାଳିମାନଙ୍କୁ ଗୁଜରାଟର ରାଜ୍ୟସଭା ସାଂସଦ ତଥା ହୀରା ବ୍ୟବସାୟୀ ଗୋବିନ୍ଦ ଢ଼ୋଲକିଆ ସମସ୍ତ ଖେଳାଳିଙ୍କୁ ହୀରା ଖଚିତ ଗହଣା ଓ ସେମାନଙ୍କ ଘରେ ସୋଲାର ପ୍ୟାନେଲ ଲଗାଇବାକୁ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସେ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲାଙ୍କୁ ଚିଠି ଲେଖି ଏହି ପ୍ରସ୍ତାବ ଦେଇଛନ୍ତି। ବିସିସିଆଇ ମଧ୍ୟ ଏହାକୁ ସକରାତ୍ମକ ଭାବେ ଗ୍ରହଣ କରିଛି ଓ ଏକ ଶୁଭଦିନ ଦେଖି ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଶୁକ୍ଲା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ବ୍ୟାଟିଂରେ ଲୌରାଙ୍କ ବିଶ୍ୱରେକର୍ଡ

ନଭି ମୁମ୍ବଇ : ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ବିଜୟୀ ହୋଇପାରି ନ ଥିଲେ ମଧ୍ୟ ଦଳର ଅଧିନାୟିକା ଲୌରା ୱଲଭର୍ଟଙ୍କ ପାଇଁ ଏହି ସଂସ୍କରଣ ସ୍ମରଣୀୟ ହୋଇରହିବ। ଲୌରା ଏହି ବିଶ୍ୱକପ୍‌ରେ ୯ ମ୍ୟାଚ୍ ଖେଳି ୨ ଶତକ ଓ ୩ ଅର୍ଦ୍ଧଶତକ ସହ ୭୧ରୁ ଊର୍ଦ୍ଧ୍ୱ ହାରରେ ୫୭୧ ରନ ସଂଗ୍ରହ କରିଥିଲେ। ମହିଳା ଦିନିକିଆ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହ କରିବାରେ ଏହା ରେକର୍ଡ ହୋଇଛି। ପୂର୍ବରୁ ୨୦୨୨ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ଆଲିସା ହେଲୀ ୫୦୫ ରନ କରିଥିଲେ। ସେହିଭଳି ଏହି ବିଶ୍ୱକପ୍‌ରେ ଲୌରା ଟପ୍ ସ୍କୋରର୍ ରହିଥିଲେ। ତାଙ୍କ ପଛକୁ ଭାରତର ସ୍ମୃତି ମନ୍ଧାନା (୪୩୪ ରନ), ଅଷ୍ଟ୍ରେଲିଆର ଆସଲେ ଗାର୍ଡନର (୩୨୮), ପ୍ରତୀକା ରାୱଲ (୩୦୮) ଓ ଦକ୍ଷିଣ ଆଫ୍ରିକାର ଫୋଏବି ଲିଚଫିଲ୍ଡ (୩୦୪) ଯଥାକ୍ରମେ ପରବର୍ତ୍ତୀ ୪ଟି ସ୍ଥାନରେ ରହିଥିଲେ। ଅପରପକ୍ଷରେ ବୋଲିଂରେ ଭାରତର ଦୀପ୍ତି ଶର୍ମା ଏଥର ସର୍ବାଧିକ ୱିକେଟ୍ ହାସଲ କରିଛନ୍ତି। ଦୀପ୍ତି ୯ଟି ମ୍ୟାଚରୁ ୨୨ଟି ୱିକେଟ୍ ନେଇଛନ୍ତି।

### ସର୍ବାଧିକ ରନ୍

| ବ୍ୟାଟର୍ | ଦେଶ | ମ୍ୟାଚ୍ | ରନ୍ | ୧୦୦/୫୦ |
|---|---|---|---|---|
| ଲୌରା ୱଲଭର୍ଟ | ଦ.ଆଫ୍ରିକା | ୯ | ୫୭୧ | ୨/୩ |
| ସ୍ମୃତି ମନ୍ଧାନା | ଭାରତ | ୯ | ୪୩୪ | ୧/୨ |
| ଆସଲେ ଗାର୍ଡନର | ଅଷ୍ଟ୍ରେଲିଆ | ୭ | ୩୨୮ | ୨/୧ |
| ପ୍ରତୀକା ରାୱଲ | ଭାରତ | ୭ | ୩୦୮ | ୧/୧ |
| ଫୋଏବି ଲିଚଫିଲ୍ଡ | ଅଷ୍ଟ୍ରେଲିଆ | ୭ | ୩୦୪ | ୧/୧ |

### ସର୍ବାଧିକ ୱିକେଟ୍

| ବୋଲର | ଦେଶ | ମ୍ୟାଚ୍ | ୱିକେଟ | ଶ୍ରେଷ୍ଠ |
|---|---|---|---|---|
| ଦୀପ୍ତି ଶର୍ମା | ଭାରତ | ୯ | ୨୨ | ୫/୩୯ |
| ଆନାବେଲ୍ ସଦରଲାଣ୍ଡ | ଅଷ୍ଟ୍ରେଲିଆ | ୭ | ୧୭ | ୫/୪୦ |
| ସୋଫି ଇକଲେଷ୍ଟୋନ | ଇଂଲଣ୍ଡ | ୭ | ୧୬ | ୪/୧୬ |
| ଶ୍ରୀ ଚରଣି | ଭାରତ | ୯ | ୧୪ | ୩/୪୧ |
| ଆଲାନ କିଙ୍ଗ | ଅଷ୍ଟ୍ରେଲିଆ | ୭ | ୧୩ | ୭/୧୮ |

### ବିବାହ ବନ୍ଧନରେ ଆବଦ୍ଧ ହେଲେ ରାମପଲ୍

## ରାଣୀଙ୍କୁ ମିଳିଲା ରାଜା




କୁରୁକ୍ଷେତ୍ର, ୩।୧୧ (ଏଜେନ୍ସି): ହକି ଆଇକନ୍ ତଥା ଭାରତୀୟ ମହିଳା ଦଳର ପୂର୍ବତନ ଅଧିନାୟିକା ରାଣୀ ରାମପଲ୍ ଜୀବନର ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି। ଚାଟାର୍ଡ ଆକାଉଣ୍ଟାଟ୍ ପଙ୍କଜ ସରୋହାଙ୍କ ସହ ରବିବାର ରାଣୀଙ୍କ ବିବାହ ଅନୁଷ୍ଠିତ ହୋଇଛି। ହରିୟାଣାର କୁରୁକ୍ଷେତ୍ରରେ ଅନୁଷ୍ଠିତ ଏହି ଚର୍ଚ୍ଚିତ ବିବାହରେ ଉଭୟ ପରିବାର ନିକଟତମ ବନ୍ଧୁ, ପରିଜନ ସଦସ୍ୟ ଉପସ୍ଥିତ ରହିଥିଲେ। ତେବେ ରାଣୀଙ୍କ ଅସୁସ୍ଥ ପିତା ହ୍ୱିଲଚେୟାରରେ ବିବାହ ମଣ୍ଡପକୁ ଆସି ବର-କନ୍ୟାଙ୍କୁ ଆଶୀର୍ବାଦ ଦେବା ସମସ୍ତଙ୍କୁ ଭାବୁକ କରିଦେଇଥିଲେ। ମାତ୍ର ୧୪ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ରାଣୀ ଭାରତୀୟ ମହିଳା ହକିର ଜଣେ ମହାନ ଖେଳାଳି ପାଲଟିଯାଇଥିଲେ। ତାଙ୍କ ନେତୃତ୍ୱରେ ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶରୁ ବଞ୍ଚିତ ହୋଇଥିଲେ। ରାଣୀ ଭାରତ ପାଇଁ ୨୫୪ଟି ମ୍ୟାଚ୍ ଖେଳି ୧୨୦ଟି ଗୋଲ୍ ଦେଇଛନ୍ତି। କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ୨୦୨୦ରେ ତାଙ୍କୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର' ପ୍ରଦାନ କରାଯାଇଥିଲା।

## ବୟୋଜ୍ୟେଷ୍ଠ ଅଲିମ୍ପିକ ଚାମ୍ପିଅନ ଚାର୍ଲସଙ୍କ ବିୟୋଗ

ପ୍ୟାରିସ, ୩।୧୧ (ଏଜେନ୍ସି): ବିଶ୍ୱର ବୟୋଜ୍ୟେଷ୍ଠ ପୂର୍ବତନ ଅଲିମ୍ପିକ ଚାମ୍ପିଅନ ଫ୍ରାନ୍ସର ଚାର୍ଲସ କୋଷ୍ଟେଙ୍କ ବିୟୋଗ ଘଟିଛି। ମୃତ୍ୟୁବେଳକୁ ଚାର୍ଲସଙ୍କୁ ୧୦୧ ବର୍ଷ ହୋଇଥିଲେ। ବିଶ୍ୱରେ ଜୀବିତ ଥିବା ଅଲିମ୍ପିକ ସ୍ୱର୍ଣ୍ଣ ବିଜେତାଙ୍କ ମଧ୍ୟରେ ସେ ବୟୋଜ୍ୟେଷ୍ଠ ଥିଲେ। ୧୯୪୮ ଲଣ୍ଡନ ଅଲିମ୍ପିକ୍ସରେ ଟ୍ରାକ୍ ସାଇକ୍ଲିଂର ଟିମ୍ ପୁରସିଟ୍ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଥିବା ଫ୍ରାନ୍ସର ଦଳରେ କୋଷ୍ଟେ ପ୍ରମୁଖ ସଦସ୍ୟ ରହିଥିଲେ। ଗତ ବର୍ଷ ପ୍ୟାରିସରେ ଅନୁଷ୍ଠିତ ଅଲିମ୍ପିକ କ୍ରୀଡ଼ାରେ ସେ ମଶାଲ ବାହକ ଭୂମିକା ତୁଲାଇଥିଲେ। ତାଙ୍କ ବିୟୋଗରେ ଫ୍ରାନ୍ସ କ୍ରୀଡ଼ାମନ୍ତ୍ରୀ ମାରିନା ଫେରାରି ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଡଃ ଜନାର୍ଦ୍ଦନ ଦାଶଙ୍କ ପରଲୋକ



କଟକ,୩।୧୧(ସମିସ): ଓଡ଼ିଶା ଅଲିମ୍ପିକ ସଂଘର ଉପସଭାପତି ଡଃ ଜନାର୍ଦ୍ଦନ ଦାଶଙ୍କ ୭୫ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘବର୍ଷ ଧରି ରାଜ୍ୟ କ୍ରୀଡ଼ା ଜଗତ ସହ ଜଡିତ ଥିବା ଜନାର୍ଦ୍ଦନ ଜଣେ ଦକ୍ଷ କ୍ରୀଡ଼ା ସଙ୍ଗଠକ ଭାବେ ସୁଖ୍ୟାତି ହାସଲ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ପ୍ରାକ୍ତନ ଉପସଭାପତି ପଦରେ ରହିବା ସେ ମୃତ୍ୟୁ ପର୍ଯ୍ୟନ୍ତ ସେ କେନ୍ଦୁଝରର ଜିଲ୍ଲା ଆଥଲେଟିକ ସଂଘର ସମ୍ପାଦକ ପଦରେ ଅବସ୍ଥାପିତ ରହିଥିଲେ। ଡଃ ଦାଶଙ୍କ ବିୟୋଗରେ ବିଭିନ୍ନ ବର୍ଗରେ ଶୋକ ପ୍ରକାଶ ପାଇଛି। ଜନାର୍ଦ୍ଦନଙ୍କ ବିୟୋଗ ରାଜ୍ୟ କ୍ରୀଡ଼ା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଶୋକବାର୍ତ୍ତାରେ ଜଣାଇଛନ୍ତି।

## ସିକେ ନାଇଡୁ ଟ୍ରଫି: ବିଦର୍ଭ ଇନିଂସ୍ ଆଗୁଆ

କଟକ,୩।୧୧(ସମିସ): ୨୩ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ବିଦର୍ଭକୁ ଭେଟିଛି। କପୁରସିଂହସ୍ଥିତ ଏମଜିଏମ ଗ୍ରାଉଣ୍ଡରେ ଚାଲିଥିବା ଏହି ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦଳ ବିପକ୍ଷରେ ବିଦର୍ଭର ସ୍ଥିତି ଦୃଢ଼ ରହିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ୧୬୬ରନରେ ଅଲଆଉଟ ହୋଇଥିଲା। ଜବାବରେ ରବିବାର ଖେଳର ପ୍ରଥମ ଦିବସରେ ଓଡ଼ିଶା ୬ ୱିକେଟ ବିନିମୟରେ ୭୫ରନ କରିଥିଲା। ଆଜି ୫୩ରନରେ ଅବଶିଷ୍ଟ ୪ ୱିକେଟ ହରାଇ ଓଡ଼ିଶା ଇନିଂସ୍ ପଛୁଆ ରହିଛି। ଜବାବରେ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ବିଦର୍ଭ ଅଭିଷେକ ଅଗ୍ରୱାଲଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ସହାୟତାରେ ୪ ୱିକେଟ ହରାଇ ୧୮୩ରନ ସଂଗ୍ରହ କରିଛି। ଦଳକୁ ୨୨୧ରନର ଅଗ୍ରଣୀ ମିଳିଛି। ବିଦର୍ଭ ପକ୍ଷରୁ ଜଗଜୋତ ୫୪ରନରେ ଆଉଟ ହୋଇଥିବା ବେଳେ ବରୁଣ ବିଷ୍ଟ ୨୦ରନରେ ଅପରାଜିତ ରହିଛନ୍ତି। ଓଡ଼ିଶାର ସୌମ୍ୟରଞ୍ଜନ ଲେଙ୍କା, ଆଶୁତୋଷ ଛୁରିଆ, ଆୟୁଷ ବାରିକ ଏବଂ ରିତେଶ ପ୍ରିୟରଞ୍ଜନ ଗୋଟିଏ ଲେଖାଏ ୱିକେଟ ହାସଲ କରିଛନ୍ତି।

## ରଣଜୀ ଟ୍ରଫି
# ପରାଜୟ ଏଡ଼ାଇବା ଲକ୍ଷ୍ୟରେ ଓଡ଼ିଶା

କଟକ,୩।୧୧(ସମିସ)





ବାରବାଟୀରେ ଖେଳାଯାଉଥିବା ରଣଜୀ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ଠାରୁ ଫଲୋଅନ ପାଇ ଘରୋଇ ଓଡ଼ିଶା ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଛି। ଭ୍ରମଣକାରୀ ଆନ୍ଧ୍ରପ୍ରଦେଶର ପ୍ରଥମ ଇନିଂସ୍ ୪୭୫/୭(ପାଳି ଘୋଷଣା) ଜବାବରେ ଓଡ଼ିଶାର ପ୍ରଥମ ପାଳି ୧୫୧ରନରେ ସୀମିତ ରହିଥିଲା। ସୋମବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ପାଳିରେ ୨ ୱିକେଟ ହରାଇ ୧୯୦ରନ ସଂଗ୍ରହ କରିଛି। ଏବେ ବି ଦଳ ୧୩୪ରନ ପଛରେ ରହିଛି। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିନରେ ଓଡ଼ିଶା କଳେବଳେ ମ୍ୟାଚ୍‌କୁ ଡ୍ର ରଖି ଅତିକମ୍‌ରେ ୧ ପଏଣ୍ଟ ହାସଲ କରିବାକୁ ଉଦ୍ୟମ କରିବ। ଚଳିତ ରଣଜୀ ସଂସ୍କରଣରେ ଓଡ଼ିଶାର ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ ଲାଗି ରହିଛି। ଅସମାପ୍ତ ପ୍ରଥମ ପାଳି ୮୦/୪ରୁ ଆଜି ଓଡ଼ିଶା ବ୍ୟାଟିଂ ଆରମ୍ଭ କରିଥିଲା। ସନ୍ଦୀପ ପଟ୍ଟନାୟକ ୨୪ରନ ଏବଂ ଗୋବିନ୍ଦ ପୋଦ୍ଦାର ୧ରନରେ ଅପରାଜିତ ଥିଲେ। ଆଜି ଖେଳର ୬ଷ୍ଠ ଓଭରରେ ଓଡ଼ିଶାର ୫ମ ୱିକେଟ ପତନ ଘଟିଥିଲା। ଅଭିଜ୍ଞ ଗୋବିନ୍ଦ ୧୪ରନରେ କାଭୁରି ସୈତେଜାଙ୍କ ୩ୟ ଶିକାର ପାଲଟିଥିଲେ। ନବାଗତ ସମ୍ବିତ ବରାଳ ଖାତା ଖୋଲିବା ଆଗରୁ ରନଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ୧୩୧ବଲରୁ ୫୮ ରନ ସଂଗ୍ରହ କରି କ୍ରିଜରେ ତିଷ୍ଠି ଆସୁଥିବା ସନ୍ଦୀପଙ୍କୁ ଆଉଟ କରି ତ୍ରିପୁରନ ବିଜୟ ଓଡ଼ିଶାକୁ ଫଲୋଅନ ଦ୍ୱାର ଦେଶରେ ଛିଡ଼ା କରି ଦେଇଥିଲେ। ସନ୍ଦୀପ କ୍ରିଜ ଛାଡ଼ିବା ବେଳକୁ ଓଡ଼ିଶାର ଦଳୀୟ ସ୍କୋର ୧୪୦ ରହିଥିଲା। ୧୧ରନରେ ଦଳ ଶେଷ ୩ଟି ୱିକେଟ ହରାଇଥିଲା। ଆନ୍ଧ୍ର ପକ୍ଷରୁ କାଭୁରି ସୈତେଜା, ସୌରଭ କୁମାର ଏବଂ ତ୍ରିପୁରନ ବିଜୟ ୩ଟି ଲେଖାଏ ୱିକେଟ ହାସଲ କରିଛନ୍ତି। ତେବେ ଦ୍ୱିତୀୟ ପାଳିରେ ଓଡ଼ିଶା ଦୃଢ଼ତାର ସହ ବ୍ୟାଟିଂ କରିଥିବା ଦେଖିବାକୁ ମିଳିଛି। ଗୌରବ ଚୌଧୁରୀ ଓ ସ୍ୱସ୍ତିକ ସାମଲ ଓପନିଂ ଭାଗିଦାରୀରେ ୬୬ରନ ସଂଗ୍ରହ କରିଥିଲେ। ୭ଟି ଚୌକା ସହାୟତାରେ ୩୬ରନ କରିଥିବା ସ୍ୱସ୍ତିକ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇଥିଲେ। ପ୍ରଥମ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବା ସନ୍ଦୀପ ଏବଂ ଗୌରବ ୨ୟ ୱିକେଟରେ ୧୧୦ରନ ସଂଗ୍ରହ କରି ଓଡ଼ିଶାର ସ୍ଥିତିକୁ ମଜବୁତ କରିଥିଲେ। ମାତ୍ର ଷ୍ଟମ୍ପ ଅପସାରଣର କିଛି ସମୟ ପୂର୍ବରୁ ସନ୍ଦୀପଙ୍କ ୱିକେଟ ପତନ ଘଟିଥିଲା। ୧୨୫ବଲରୁ ୬ଟି ଚୌକା ଏବଂ ୨ଟି ଛକା ସହାୟତାରେ ୬୩ରନ କରି ସନ୍ଦୀପ ସୌରଭ କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଗୌରବ ୭୯ରନ ଏବଂ ଗୋବିନ୍ଦ ୪ରନରେ ଅପରାଜିତ ରହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS